CMYK

- Vol.- 46, Issue No. 7
- Tuesday, 7 April 2026
- ମଙ୍ଗଳବାର, ୭ ଏପ୍ରିଲ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ହାଜତ ମୃତ୍ୟୁ ମାମଲା: ମଦୁରାଇ କୋର୍ଟଙ୍କ ଐତିହାସିକ ରାୟ

## ୯ ପୋଲିସଙ୍କୁ ଫାଶୀ ଦଣ୍ଡାଦେଶ



ମଦୁରାଇ,୬।୪ : ମଦୁରାଇର ପ୍ରଥମ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ କୋର୍ଟ ସୋମବାର ଏକ ଐତିହାସିକ ରାୟ ଶୁଣାଇଛନ୍ତି । ସଥାନକୁଲମ ପୋଲିସ ହେପାଜତରେ ଦୁଇ ବାପା-ପୁଅଙ୍କ ମୃତ୍ୟୁ ମାମଲାରେ ୯ ଜଣ ପୋଲିସଙ୍କୁ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି । ଏହା ସହିତ କୋର୍ଟ ମୃତ ବ୍ୟବସାୟୀ ପୀ. ଜୟରାଜ ଏବଂ ତାଙ୍କ ପୁଅ ଜେ. ବେନିକ୍ସଙ୍କ ପରିବାରକୁ ୧ କୋଟି ୪୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦଣ୍ଡାଦେଶ ପାଇଥିବା ପୋଲିସ କର୍ମଚାରୀମାନେ ହେଲେ ଇନ୍ସପେକ୍ଟର ଶ୍ରୀଧର, ସବ୍-ଇନ୍ସପେକ୍ଟର ବାଲାକ୍ରିଷ୍ଣନ୍ ଏବଂ ରଘୁ ଗଣେଶ ଏବଂ ପୋଲିସ୍ କର୍ମଚାରୀ ମୁରୁଗାନ୍, ସମଦୁରାଇ, ମୁଥୁରାଜା, ଚେଲାଡୁରାଇ, ଥୋମାସ୍ ଫ୍ରାନ୍ସିସ୍ ଏବଂ ଭେଲୁମୁଥୁ । ମଦୁରାଇ କୋର୍ଟର ବିଚାରପତି ଜି ମୁଥୁକୁମାରନ୍ ମାମଲାର ଶୁଣାଣି କରିଥିଲେ । ବିଚାରପତି ଉଲ୍ଲେଖ କରିଛନ୍ତି ଯେ ଜୟରାଜ ଏବଂ ବେନିକ୍ସଙ୍କ ଉପରେ ହୋଇଥିବା ଆଘାତ ଅପ୍ରାକୃତିକ ଥିଲା, ଯାହା ଶେଷରେ ସେମାନଙ୍କ ମୃତ୍ୟୁର କାରଣ ହୋଇଥିଲା । ଦେଶରେ କୋଭିଡ୍ ମହାମାରୀ ପାଇଁ ଲକଡାଉନ୍ ଚାଲିଥିଲା । ୧୯ ଜୁନ୍, ୨୦୨୦ରେ ରାତି ୯ଟା ପରେ ଦୋକାନ ଖୋଲିବା ଏବଂ ସେତେବେଳେ ପ୍ରଚଳିତ କୋଭିଡ୍-୧୯ ମାନଦଣ୍ଡ ଉଲ୍ଲଂଘନ କରିବା ଅଭିଯୋଗରେ ସଥାନକୁଲମ ପୋଲିସ ଜୟରାଜ ଏବଂ ତାଙ୍କ ପୁଅ ବେନିକ୍ସଙ୍କୁ ଗିରଫ କରିଥିଲା । ପୋଲିସ ସେମାନଙ୍କ ଉପରେ ହାଜତ ଭିତରେ ଅକଥନୀୟ ନିର୍ଯାତନା ଦେଇଥିଲା । ଫଳରେ ଜୁନ ୨୨ରେ ପ୍ରଥମେ ପୁଅ ବେନିକ୍ସ ଏବଂ ୨୩ ଜୁନରେ ବାପା ଜୟରାଜଙ୍କ ମୃତ୍ୟୁ ଘଟିଥିଲା ।

### ଆମେରିକା-ଇସ୍ରାଏଲ ସେନାର ମିଳିତ ଆକ୍ରମଣ

## ଆଇଆର୍‌ଜିସିର ଗୁପ୍ତଚର ମୁଖ୍ୟ ନିହତ



ତେହେରାନ,୬।୪: ଇରାନର ଅର୍ଦ୍ଧସାମରିକ କ୍ରାନ୍ତିକାରୀ ଗାର୍ଡ (ଆଇଆରଜିସି)ର ଗୁପ୍ତଚର ମୁଖ୍ୟ ମାଜିଦ ଖାଦେମି ସୋମବାର ସୂର୍ଯ୍ୟୋଦୟ ଆଉ ଦେଖି ପାରିଲେ ନାହିଁ । ଆମେରିକା-ଇସ୍ରାଏଲ ସେନାର ମିଳିତ ଆକ୍ରମଣରେ ସେ ପ୍ରାଣ ହରାଇଛନ୍ତି । ସୋମବାର ଇରାନର ରାଜଧାନୀ ତେହେରାନ ଆଖପାଖରେ ଥିବା ଆବାସିକ ଅଞ୍ଚଳକୁ ନିଶାଣ କରି ଏକାଧିକ ବିମାନ ଆକ୍ରମଣ କରାଯିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ବିଭିନ୍ନ ଗଣମାଧ୍ୟମରେ କୁହାଯାଇଛି । ଭୋର୍ ସମୟରେ ଇସଲାମିକ୍ କ୍ରାନ୍ତିକାରୀ ଗାର୍ଡ କର୍ପସ (ଆଇଆରଜିସି)ର ଗୁପ୍ତଚର ସଂଗଠନର ଶକ୍ତିଶାଳୀ ଏବଂ ଶିକ୍ଷିତ ମୁଖ୍ୟ ମେଜର ଜେନେରାଲ ମାଜିଦ ଖାଦେମି ଆମେରିକୀୟ-ଜୟୋନିଷ୍ଟ ଶତ୍ରୁ ଦ୍ୱାରା ଅପରାଧିକ ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଛନ୍ତି ।' ଆଇଆରଜିସି ଏହାର ଟେଲିଗ୍ରାମ ଚ୍ୟାନେଲର ଏକ ପୋଷ୍ଟରେ ଏହା ଉଲ୍ଲେଖ କରିଛି । ଗତ ଜୁନ୍‌ରେ ୧୨ ଦିନିଆ ଯୁଦ୍ଧରେ ଇସ୍ରାଏଲ ହତ୍ୟା କରିଥିବା ଜେନେରାଲ ମହମ୍ମଦ କାଜେମିଙ୍କ ସ୍ଥାନରେ ଖାଦେମି ଦାୟିତ୍ୱ ଗ୍ରହଣ କରିଥିଲେ । ବିବୃତି ଅନୁଯାୟୀ, ଖାଦେମି ଗୋଇନ୍ଦା ଏବଂ ସୁରକ୍ଷା କ୍ଷେତ୍ରରେ ବିପ୍ଳବ, ବ୍ୟବସ୍ଥା ଏବଂ ଇସଲାମିକ ମାତୃଭୂମିର ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ନିଷ୍ଠାପର ଏବଂ ସାହସିକ ରକ୍ଷଣାବେକ୍ଷଣର ଗୁରୁତ୍ୱପୂର୍ଣ୍ଣ, ସ୍ଥାୟୀ ଏବଂ ଶିକ୍ଷଣୀୟ ଅବଦାନ କ୍ଷେତ୍ରରେ ରେକର୍ଡ କରିଛନ୍ତି । ଆଇଆରଜିସି ଉଲ୍ଲେଖ କରିଛି ଯେ ତାଙ୍କର ପ୍ରୟାସ ଆଗାମୀ ବହୁ ବର୍ଷ ପାଇଁ ଦେଶର ଗୁପ୍ତଚର ସଂଗଠନ ପାଇଁ ଏକ ମାର୍ଗଦର୍ଶୀ ଆଲୋକ ଭାବରେ କାର୍ଯ୍ୟ କରିପାରିବ, ବିଶେଷକରି ଯେତେବେଳେ 'ରଣନୈତିକ ସ୍ତରରେ ବିଦେଶୀ ଶତ୍ରୁମାନଙ୍କୁ ମୁକାବିଲା କରିବା ଲୋଡ଼ା ପଡିବ' ।

### ୪୫ ଦିନିଆ ଯୁଦ୍ଧବିରତି ପାଇଁ ଚାଲିଛି ଆଲୋଚନା !

## ଆମେରିକା ସେନା ବିଶ୍ୱରେ ସବୁଠାରୁ ଶକ୍ତିଶାଳୀ: ଟ୍ରମ୍ପ

ନୂଆଦିଲ୍ଲୀ,୬।୪: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ଇରାନକୁ ତାଙ୍କର ଧାର୍ଯ୍ୟ ଶେଷ ସମୟସୀମା ସରିବାକୁ ଯାଉଥିବା ବେଳେ ୪୫ ଦିନିଆ ଯୁଦ୍ଧବିରତି ପାଇଁ ଏକ ପ୍ରସ୍ତାବ 'ଆଲୋଚନା କରାଯାଉଥିବା ଅନେକ ବିଷୟ ମଧ୍ୟରୁ ଅନ୍ୟତମ' । ହ୍ୱାଇଟ୍ ହାଉସ୍‌ର ଜଣେ ବରିଷ୍ଠ ଅଧିକାରୀ ଏକ ଗଣମାଧ୍ୟମକୁ କହିଛନ୍ତି । ଟ୍ରମ୍ପ ଏହି ଧାରଣାରେ ସ୍ୱାକ୍ଷର କରିନାହାଁନ୍ତି, ଅଧିକାରୀ କହିଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ପାଇଲଟଙ୍କୁ ଉଦ୍ଧାର କରିବା ଲାଗି ୨୧ଟି ବିମାନ ନିୟୋଜିତ ହୋଇଥିଲା । ଏପରି ଉଦ୍ଧାର ଐତିହାସିକ ଥିଲା । ଆମେରିକା ସେନା ବିଶ୍ୱରେ ସବୁଠାରୁ ଶକ୍ତିଶାଳୀ । ଜଣେ ବରିଷ୍ଠ ଇରାନୀୟ ଅଧିକାରୀ ଇତିମଧ୍ୟରେ କହିଛନ୍ତି, ଯେ ଇରାନ 'ଅସ୍ଥାୟୀ ଯୁଦ୍ଧବିରତି' ବଦଳରେ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବ ନାହିଁ ।

## ବିଜେଡିରୁ ବିଦା ହେଲେ 'ମଣ୍ଡଳ' ଦମ୍ପତି



ଭୁବନେଶ୍ୱର, ୬।୪ : ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବିଜେଡିରୁ ନିଲମ୍ବିତ ହୋଇଛନ୍ତି । ସେହିପରି ମୁକ୍ତିକାନ୍ତଙ୍କ ପତ୍ନୀ ତଥା ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କୁ ମଧ୍ୟ ଏହି ଦଳରୁ ନିଲମ୍ବିତ ହୋଇଛନ୍ତି । ଦଳ ବିରୋଧୀ କାର୍ଯ୍ୟ ପାଇଁ ଏହି ଦମ୍ପତିଙ୍କ ବିରୋଧରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ନବୀନଙ୍କ ନିର୍ଦ୍ଦେଶ କ୍ରମେ ଉଭୟଙ୍କୁ ନିଲମ୍ବନ କରାଯାଇଛି । ମୁକ୍ତିକାନ୍ତ ମଣ୍ଡଳ ୨୦୧୪ରେ ଧାମନଗର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ମଞ୍ଜୁଲତା ମଣ୍ଡଳ ୨୦୧୯ ଲୋକସଭା ଆସନରେ ବିଜେଡିରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ।

## ପ୍ରାୟ ୭ ଘଣ୍ଟା ପରେ ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି



ଭୁବନେଶ୍ୱର,୬।୪(ନିପ୍ର): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତିରେ ପୁଣି ବିଭ୍ରାଟ ସୃଷ୍ଟି ହୋଇଛି । ଦୁଇ ସେବା ନିଯୋଗଙ୍କ ମଧ୍ୟରେ ବିବାଦ ଯୋଗୁଁ ଲିଙ୍ଗରାଜଙ୍କ ନୀତିକାନ୍ତି ସୋମବାର ପ୍ରାୟ ୭ ଘଣ୍ଟା ଧରି ବନ୍ଦ ରହିଥିଲା । ସକାଳ ୧୦ଟାରେ ସାହାଣ ମେଲା ପରେ ଏକ ନିଯୋଗର ୨୫ରୁ ଅଧିକ ସେବାୟତ ଅଚାନକ ଯୋଜନାବଦ୍ଧ ଭାବରେ ମନ୍ଦିର ଗର୍ଭଗୃହ ମଧ୍ୟକୁ ପ୍ରବେଶ କରି ଲିଙ୍ଗରାଜଙ୍କୁ ଘୋଡାଇ ରଖିଥିବା ରୁପା ଘୋଡ଼କୁ କାଢି ନେବାକୁ ଚେଷ୍ଟା କରୁଥିବା ସମୟରେ ଅନ୍ୟ ନିଯୋଗର ସେବାୟତମାନେ ଏହାର ବିରୋଧ କରିଥିଲେ । ସେହି ସମୟରେ ଉଭୟ ନିଯୋଗ ମଧ୍ୟରେ ପାଟିତୁଣ୍ଡ ସହ ଠେଲାପେଲା ପରିସ୍ଥିତି ଉପୁଜିଥିଲା ବୋଲି ଅଭିଯୋଗ ହୋଇଛି । ଫଳରେ ଶ୍ରୀ ଲିଙ୍ଗରାଜଙ୍କୁ ୭ ଘଣ୍ଟା ଧରି ଉପବାସ ରହିବାକୁ ପଡ଼ିଥିଲା ବୋଲି କୁହାଯାଇଛି । ପରେ ଆୟୋଜିତ ବୈଠକ ପରେ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା । ୨୦ ତାରିଖରେ ଟ୍ରଷ୍ଟ ବୋର୍ଡ ବୈଠକରେ ତଦନ୍ତ ରିପୋର୍ଟ ଉପସ୍ଥାପନ ହେବ ବୋଲି ସୂଚନା ମିଳିଛି ।

### ୫କେଜି ସିଲିଣ୍ଡର: ଯୋଗାଣ ସଚିବ ଦେଲେ ଆଶ୍ୱସ୍ତି

## ପରିଚୟପତ୍ର ଦେଖାଇଲେ ମିଳିବ ଗ୍ୟାସ



ଭୁବନେଶ୍ୱର, ୬।୪: ମାସକ ଭିତରେ ଏଲ୍‌ପିଜିକୁ ନେଇ ଅନେକ ପଦକ୍ଷେପ ନିଆଯାଇଛି । ଏଲ୍‌ପିଜି, ପେଟ୍ରୋଲ ଓ ଡିଜେଲର ରାଜ୍ୟରେ କୌଣସି ଅଭାବ ନାହିଁ । ଗୋଟେ ଦୁଇଟି ସ୍ଥାନରେ ପେଟ୍ରୋଲ, ଡିଜେଲ ମିଳିବାରେ ସମସ୍ୟା ହେଉଛି କିନ୍ତୁ ଅସୁବିଧା ନାହିଁ । ଏଲ୍‌ପିଜି ଗ୍ୟାସରେ କୌଣସି ସମସ୍ୟା ନାହିଁ ବୋଲି ଯୋଗାଣ ସଚିବ ସଂଜୟ ସିଂ କହିଛନ୍ତି । ୭୦ ପ୍ରତିଶତ କମର୍ସିଆଲ ପାଇଁ ଏଲ୍‌ପିଜି ଗ୍ୟାସ ପ୍ରଦାନ କରାଯାଉଛି । ଯେଉଁଠି ଅତି ଆବଶ୍ୟକ ଅଛି ସେଠାକୁ ୨୦ ପ୍ରତିଶତ ଏଲ୍‌ପିଜି ଆଗୁଆ ଯୋଗାଇ ଦିଆଯାଇଛି । ଜିଲ୍ଲା ସ୍ତରରେ ଏହାକୁ ମନିଟରିଂ କରିବାକୁ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଅଛି । ୫କେଜି ସିଲିଣ୍ଡରକୁ ନେଇ ତୈଳ କମ୍ପାନୀମାନେ ଇ-କେୱାଇସି କରିକି ଦେଉଛନ୍ତି । ତାହାର କୌଣସି ଅସୁବିଧା ନାହିଁ । ଶ୍ରମିକ ଓ ଛାତ୍ରଛାତ୍ରୀମାନେ ୫କେଜି ଗ୍ୟାସ ନେବାକୁ ହେଲେ ଆଇଡ଼ି (ପରିଚୟପତ୍ର) ଦେଖାଇ ନେଇ ପାରିବେ । ତୈଳ କମ୍ପାନୀମାନେ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ୫ କେଜି ଗ୍ୟାସ ପ୍ରଦାନ କରାଯାଉଛି । କଟକଣା ସେହିମାନଙ୍କ ପାଇଁ ଯିଏ ବିନା ଅନୁମତିରେ ବ୍ୟବସାୟ କରୁଛନ୍ତି । କଳାବଜାରୀ ରୋକିବା ପାଇଁ ହିଁ ଏହି ପଦକ୍ଷେପ ନିଆଯାଇଛି । ୩୧୦୫ ଟି ଟାଙ୍କିକୁ ବିଭିନ୍ନ ସ୍ଥାନରେ ଚଢାଉ କରି ଜବତ କରିଛି ବିଭାଗ । ଖାଦ୍ୟ ସାମଗ୍ରୀ ଉପରେ ବି ବିଭାଗର ନଜର ରହିଛି । ଦରବୃଦ୍ଧି ସହ ଅଭାବୀ କେମିତି ନ ହେବ ସେଥିପ୍ରତି ନଜର ରଖାଯାଇଥିବା ସଚିବ କହିଛନ୍ତି । ସୂଚନାଯୋଗ୍ୟ ଯେ ରବିବାର ଯୋଗାଣ ମନ୍ତ୍ରୀ ୫ କେଜି ଗ୍ୟାସ ସିଲିଣ୍ଡର ବିକ୍ରି ବନ୍ଦ ନେଇ ବିବୃତି ରଖିବା ଫଳରେ ବିଭିନ୍ନ ମହଲରେ ଉଦ୍‌ବେଗ ସୃଷ୍ଟି ହୋଇଥିଲା ।

## ଓଡ଼ିଶା ଆସିବେ ରାଷ୍ଟ୍ରପତି

### ସମ୍ମାନସୂଚକ ପୁରସ୍କାର ପାଇବ ଓଡ଼ିଶା ପୋଲିସ



ଭୁବନେଶ୍ୱର, ୬।୪: ରାଷ୍ଟ୍ରପତିଙ୍କଠାରୁ ସମ୍ମାନସୂଚକ ପୁରସ୍କାର ପାଇବ ଓଡ଼ିଶା ପୋଲିସ । ଏଥିପାଇଁ ଓଡ଼ିଶା ଆସିବେ ମହାମହିମ ରାଷ୍ଟ୍ରପତି । ରାଜ୍ୟ ପୋଲିସକୁ ଦେବେ ପ୍ରେସିଡେନ୍ଟ କଲର୍ ଆୱାର୍ଡ ।ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଭାରତରେ ଏକ ସାମରିକ ୟୁନିଟ୍, ତାଲିମ ପ୍ରତିଷ୍ଠାନ କିମ୍ବା ପୋଲିସ୍ ଫୋର୍ସକୁ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର ହେଉଛି ପ୍ରେସିଡେନ୍ଟ କଲର୍ । ସାହସିକତା ଏବଂ ବୃତ୍ତିଗତ ସେବାକୁ ସ୍ୱୀକୃତି ଦେଇଥାଏ ଏହି ପୁରସ୍କାର । ଏକ ଆନୁଷ୍ଠାନିକ ପତାକା ଏବଂ ଉତ୍କର୍ଷର ପ୍ରତୀକ ଭାବରେ ଏହା କାର୍ଯ୍ୟ କରେ । ଏହି ପୁରସ୍କାର ବା ସମ୍ମାନର ପ୍ରତୀକ । ଯାହା ଅଧିକାରୀମାନେ ସେମାନଙ୍କ ୟୁନିଫର୍ମର ବାମ ହାତରେ ପିନ୍ଧନ୍ତି ।ଚଳିତ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଉରକେଲା ଆସିବେ ବୋଲି କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ରାଉରକେଲାର ହକି ଛକ ନିକଟରେ ଥିବା ଜନଜାତି ସଂଗ୍ରହାଳୟ (ଟ୍ରାଇବାଲ ମ୍ୟୁଜିୟମ୍)ର ଉଦ୍‌ଘାଟନ କରିବେ । ତେବେ ରାଷ୍ଟ୍ରପତି କେଉଁ ତାରିଖରେ ଆସିବେ ତାହା ଧାର୍ଯ୍ୟ ହୋଇନାହିଁ ।

## ରାଜ୍ୟସଭାରେ ଓଡ଼ିଆରେ ଶପଥ ନେଲେ ୩ ସାଂସଦ



ନୂଆଦିଲ୍ଲୀ,୬।୪: ରାଜ୍ୟସଭାରେ ଶପଥ ନେଇଛନ୍ତି ଓଡ଼ିଶାରୁ ନବ ନିର୍ବାଚିତ ୩ ସାଂସଦ । ସେମାନେ ହେଲେ ମନମୋହନ ସାମଲ, ସନ୍ତୃପ୍ତ ମିଶ୍ର ଓ ଦିଲ୍ଲୀପ ରାୟ । ସୋମବାର ଓଡ଼ିଆରେ ଶପଥ ନେଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ସି. ପି. ରାଧାକ୍ରିଷ୍ଣନ୍ ସଂସଦ ଭବନରେ ଓଡ଼ିଶାରୁ ଏହି ନବନିର୍ବାଚିତ ୩ ସାଂସଦଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ଜଣେ ସାଂସଦ ଅର୍ଥାତ୍ ସୁଜିତ କୁମାର ଶପଥ ନେଇନାହାନ୍ତି । ୨୦୨୬ ମାର୍ଚ୍ଚ ୧୬ରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନରେ ବିଜେପି ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ କୁମାର ଜିତିଥିବା ବେଳେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟ ମଧ୍ୟ ନିର୍ବାଚନ ଜିତି ଥିଲେ । ସେହିପରି ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ର ରାଜ୍ୟସଭା ନିର୍ବାଚନରେ ବାଜିମାତ କରିଛନ୍ତି ।

## ପୁଣି କାଳବୈଶାଖୀ ତାଣ୍ଡବ : ଏଥର କୁଆପଥର ପ୍ରହାର

### ଜନଜୀବନ ବ୍ୟାପକ ଭାବରେ ପ୍ରଭାବିତ



ଭୁବନେଶ୍ୱର/କୃଷ୍ଣପ୍ରସାଦ/ଆଠଗଡ଼,୬।୪ (ନିପ୍ର): ରବିବାର ପରି ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଥିଲା । ସକାଳ ସମୟରେ ତାତି, ଉପରବେଳା କାଳବୈଶାଖୀ । ଫଳରେ ଜନଜୀବନ ବ୍ୟାପକ ଭାବରେ ପ୍ରଭାବିତ ହୋଇଥିବା ଦେଖାଯାଇଛି । ନୟାଗଡ, ଆଠଗଡ଼, ବରଗଡ଼, ପାଟଣାଗଡ଼ ଓ କଳାହାଣ୍ଡିର କଳମପୁର ଅଞ୍ଚଳରେ ଭୟଙ୍କର ବର୍ଷା, ଘଡଘଡି, ବିଜୁଳି ସହ ପବନର ଜୋର୍‌ଦାର ମାଡ ଯୋଗୁଁ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଅନେକ ସ୍ଥାନରେ କୁଆପଥର ବର୍ଷା ପ୍ରହାର ଲୋକମାନଙ୍କୁ ଚିନ୍ତିତ ହୋଇଥିଲେ । ନୟାଗଡ଼ର ଦଶପଲ୍ଲାରେ ଲଙ୍କାପୋଡି ଯାତ୍ରା ପାଇଁ ତିଆରି ହୋଇଥିବା ରାବଣ ମୁଣ୍ଡ ପବନରେ ଭାଙ୍ଗିଯାଇଛି । ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ସୋମବାର ସଂଧ୍ୟାରେ ତାଣ୍ଡବ ରଚିଥିଲା କାଳବୈଶାଖୀ । ମାଲୁଦ ଗ୍ରାମ ପଞ୍ଚାୟତ ଅଧୀନ ଫତେପୁର ଗ୍ରାମରେ ବଜ୍ରାଘାତ ଘଟି ତିନି ବଖରା ଘର ଜଳି ଯାଇଥିବା ଜଣାପଡ଼ିଛି । ଗ୍ରାମର ନକୁଳ ଗିରି, ସଞ୍ଜୟ ଗିରି ଏବଂ ରଞ୍ଜନ ଗିରିଙ୍କର ଘର ହୁତୁ ହୁତୁ ହୋଇ ଜଳି ଉଠିଥିଲା । ଘରପୋଡ଼ି କ୍ଷୟ କ୍ଷତି ଆକଳନ କରିବା ପାଇଁ ରାଜସ୍ୱ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି । ଆଠଗଡ଼ରେ ଆଜିର କାଳବୈଶାଖୀ ବର୍ଷା ଓ ପବନରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ସମ୍ମୁଖରେ ହୋଇଥିବା ସିଲିଙ୍ଗ ଭାଙ୍ଗି ବଡ଼ ଧରଣର ଗର୍ଜନ କରି ତଳେ ପଡ଼ିଯାଇଥିଲା । ୨୦୨୫ ମସିହାରେ ସମ୍ପୂର୍ଣ୍ଣ ହୋଇଥିବା ଏହି ନିମ୍ନମାନର କାର୍ଯ୍ୟ ପାଇଁ ଏହିଭଳି ଘଟଣା ଘଟିଗଲା । ଏଥିରପୂର୍ବ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହିଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ରୋଗୀ, ରୋଗୀଙ୍କ ସମ୍ପର୍କୀୟ ତଥା ସାଧାରଣ ଜନତା ଏହି ଘଟଣା ପରେଆତଙ୍କିତ ଅବସ୍ଥାରେ ଅଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ବଲାଙ୍ଗୀର ପାଟଣାଗଡ଼ରେ କୁଆପଥର ବର୍ଷା କାଶ୍ମୀର ଭ୍ରମ ସୃଷ୍ଟି କରଥିଲା ।

## ୧୪ ବିଶ୍ୱବିଦ୍ୟାଳୟ ପାଇଁ ନୂଆ କୁଳପତି ନିଯୁକ୍ତ

ଭୁବନେଶ୍ୱର,୬।୪ : ୧୪ ବିଶ୍ୱବିଦ୍ୟାଳୟ ପାଇଁ ସୋମବାର ନୂଆ କୁଳପତି ନିଯୁକ୍ତ ହୋଇଛନ୍ତି । ନୂଆ କୁଳପତି ନିଯୁକ୍ତ କରିଛନ୍ତି କୁଳାଧିପତି ତଥା ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି । ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ । ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ହୋଇଛନ୍ତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର । ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଦାୟିତ୍ୱ ଦିଆଯାଇଛି । ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି- ପ୍ରଫେସର ସଞ୍ଜୟ କୁମାର ପାତ୍ର ,ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି- ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ,ଖଲ୍ଲିକୋଟ ୟୁନିଟାରୀ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ଅସୀମା ସାହୁ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି- ପ୍ରଫେସର ପବନ କୁମାର ଅଗ୍ରୱାଲ , ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ଶିବରାମ ତ୍ରିପାଠୀ , ଏମଏସସିବିଡ଼ି ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି , ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ବିଭୂତି ଭୂଷଣ ମଲିକ , ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ଜ୍ୟୋତ୍ସ୍ନା କେବି ରାଉତ , ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ହୃଷିକେଶ ସେନାପତି ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ।



# ଚନ୍ଦ୍ରସେଣା

ରାଧା ହେଉଛନ୍ତି ସ୍ୱୟଂ ଲକ୍ଷ୍ମୀ ସ୍ୱରୂପା କିନ୍ତୁ ସେ ନାରାୟଣଙ୍କୁ ବିବାହ ନ କରି ଚନ୍ଦ୍ରସେଣାଙ୍କୁ ବିବାହ କଲେ କାହିଁକି ? ତାର କାରଣ କିଛି ଏହିପରି – ତ୍ରେତୟା ଯୁଗରେ ଦିନେ ମାତା ସୀତା ବନବାସ ସମୟରେ ରାମ, ଲକ୍ଷ୍ମଣ, ହନୁମାନ ତଥା ଅନ୍ୟ ବାନର ଓ ମୁନିଋଷିମାନଙ୍କୁ ଖାଦ୍ୟ ପରଷୁଥିଲେ। ଏହି ସମୟରେ ଭକ୍ତ ହନୁମାନ ସୀତାଙ୍କ ପାଦକୁ ଚାହିଁ ମନରେ ଭାବିଲେ ଯେ ଏପରି ଏକ ନାରୀ ଯଦି ମୋର ଘରଣୀ ଭାବରେ ଥାଆନ୍ତା ତେବେ ସେ ମୋତେ ମଧ୍ୟ ସବୁବେଳେ ଖାଦ୍ୟ ପରଷି ଦିଅନ୍ତା। କେତେ ସୁଖରେ ଦିନ ବିତୁଥାନ୍ତା। ହନୁମାନଙ୍କ ମନକଥା ଜାଣି ସୀତା ତାଙ୍କୁ ସ୍ନେହରେ ଚାହିଁ କହିଲେ, ବାବୁ ହନୁମାନ ତୁ ଯାହା ଚିନ୍ତା କରୁଚୁ ତାହା ଏ ଯୁଗରେ ପୂରଣ ହୋଇପାରିବ ନାହିଁ କିନ୍ତୁ ଦ୍ୱାପର ଯୁଗରେ ହୋଇପାରିବ। ସେଠାରେ ମୁଁ ରାଧା ନାମରେ ଥିବି, ତୁ ଚନ୍ଦ୍ରସେଣା ହୋଇ ଗୋପାଳ କୁଳରେ ଜନ୍ମ ହେବୁ। କିନ୍ତୁ ତୋର ପୁରୁଷତ୍ୱ ରହିବ ନାହିଁ। ତୁ କେବଳ ମୋତେ ଜଗିରହିଥିବୁ, ପ୍ରଭୁ ଆସିଲେ ଛାଡ଼ିଦେବୁ। ଏହି କାରଣରୁ ରାଧାଙ୍କର ବିବାହ ଚନ୍ଦ୍ରସେଣାଙ୍କ ସହ ହୋଇଥିଲା ଏବଂ ରାଧାଙ୍କର ପ୍ରକୃତ ମିଳନ କୃଷ୍ଣଙ୍କ ସହ ହୋଇଥିଲା।





## ଦୁଃଖହରଣକାରିଣୀ

'ରାଧା' ହେଉଛନ୍ତି ସଂସାରର ସମସ୍ତ ଦୁଃଖହରଣକାରିଣୀ। ଏଥିପାଇଁ ରାଧାଙ୍କର ଆବିର୍ଭାବ ଦିନଟିକୁ ସମସ୍ତେ ଅତି ନିଷ୍ଠାର ସହିତ ପାଳନ କରିଥାନ୍ତି। ପ୍ରାତଃକାଳରୁ ବ୍ରତଚାରିଣୀମାନେ ଶଯ୍ୟାତ୍ୟାଗ କରି ନଦୀ ବା ପୋଖରୀରେ ଗାଧୋଇ ସାରି ଆସି ଏକ ସୁସଜ୍ଜିତ ପିଣ୍ଡି ତଳେ ମଣ୍ଡଳକାଟି ନୂଆ ଲୁଗାରେ ସଜାଇ ଏକ କଳସ ବସାଇଥାନ୍ତି। ରାଧାଙ୍କ ମୂର୍ତ୍ତିକୁ ପଞ୍ଚାମୃତରେ ସ୍ନାନକରାଇ, ନୂତନ ବସ୍ତ୍ର ପିନ୍ଧାଇ ଆସନରେ ବସାନ୍ତି। ବ୍ରାହ୍ମଣ ଆସି ଷୋଡ଼ଶ ଉପଚାରରେ ପୂଜାବିଧି ସଂପନ୍ନ କରି, ବିଭିନ୍ନ ପ୍ରକାରର ଫଳ, ମିଷ୍ଟାନ୍ନ ଆଦି ନୈବେଦ୍ୟ ଅର୍ପଣ କରିଥାନ୍ତି। ଏହାପରେ ବ୍ରତକଥା ଶୁଣାହୁଏ। ବ୍ରତଚାରୀମାନେ ସାରାଦିନ ଉପବାସ କରନ୍ତି ଏବଂ ସଂଧ୍ୟା ସମୟରେ ପୂଜା ସଂପନ୍ନ କରି ଥରେ ମାତ୍ର ଭୋଜନ କରନ୍ତି। ପରଦିନ ସଧବାମାନେ ବ୍ରାହ୍ମଣ ଭୋଜନ କରାଇ, ବ୍ରାହ୍ମଣଙ୍କୁ ଦକ୍ଷିଣା ଦେଇ ବ୍ରତ ଉଦ୍‌ଯାପନ କରିଥାନ୍ତି। ଓଡ଼ିଶାରେ ମଧ୍ୟ ଏହି ଦିନଟିକୁ ମହାସମାରୋହରେ ପାଳନ କରାଯାଏ। ବିଶେଷକରି ପୁରୀର ବଡ଼ ଓଡ଼ିଆମଠ ଓ ସାତଲହଡ଼ି ମଠରେ ଏହିଦିନ ବିଶେଷ ଉତ୍ସବ ହୁଏ। କାରଣ ଏହି ଦିନଟି 'ଶ୍ରୀମଦ୍ ଭାଗବତ'ର ରଚୟିତା ଜଗନ୍ନାଥ ଦାସଙ୍କର ଜନ୍ମଦିବସ।







# ପୂଜାପାଠ ଅଭ୍ୟାସରେ ଲୟ ଆବଶ୍ୟକ



ହିନ୍ଦୁ ପୂଜାପାଠ ପ୍ରାୟତଃ ଏକ ସୁଚିନ୍ତିତ ଲୟ ରହିଥାଏ । ଆଗମନ, ଆବାହନ, ନୈବେଦ୍ୟ, କୃତଜ୍ଞତା, ଓ ପ୍ରସ୍ଥାନ। ପ୍ରତ୍ୟେକ ପର୍ଯ୍ୟାୟର ନିଜସ୍ୱ ଇଙ୍ଗିତ ଓ ଶବ୍ଦ ବି ଅଛି । ଘଣ୍ଟି ଆବାହନ ପର୍ଯ୍ୟାୟ ସହିତ ଜଡିତ, ଯେଉଁ ପର୍ଯ୍ୟାୟରେ ଭକ୍ତ ଦିବ୍ୟ ଉପସ୍ଥିତି ପ୍ରତି ଧ୍ୟାନ ଆକର୍ଷିତ କରନ୍ତି । ପ୍ରାର୍ଥନା ସମାପ୍ତ ହେବା ପରେ, ଆନୁଷ୍ଠାନିକ ଭାବରେ ନିରବତା ଆଡକୁ ଗତି କରେ। ନୀରବତା ଶେଷ କାର୍ଯ୍ୟର ଏକ ଅଂଶ ହୋଇଯାଏ। ଅନେକ ପାରମ୍ପରିକ ମନ୍ଦିର-ଯାତ୍ରୀ ସହଜାତ ଭାବରେ ଏହି ଲୟକୁ ଅନୁସରଣ କରନ୍ତି । ସେମାନେ ପ୍ରବେଶ କରିବା ସମୟରେ ଥରେ ଘଣ୍ଟି ବଜାଇଥାନ୍ତି । ଦେବତାଙ୍କ ସମ୍ମୁଖରେ ଶ୍ରଦ୍ଧାରେ ହାତ ଯୋଡିଥାନ୍ତି । ପ୍ରସାଦ ଗ୍ରହଣ କରିବା ପରେ ନୀରବରେ ବାହାରକୁ ଚାଲିଯାଆନ୍ତି । ସମୟ ସହିତ, ଏହି ତାଙ୍କର ସ୍ୱଭାବ ସହିତ ଜଡିତ ହୋଇଯାଏ । ଆନୁଷ୍ଠାନିକ ନିର୍ଦ୍ଦେଶ ବଦଳରେ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଚାଲିଯାଏ । ନୀରବରେ ବାହ୍ୟ ଜଗତର ଶବ୍ଦରୁ ଅନ୍ତର୍ନିହିତ ଭକ୍ତିର ନିରବତାକୁ ପରିବର୍ତ୍ତନର ପ୍ରତୀକ।



## ମନ୍ଦିର ମଧ୍ୟରେ ଭିନ୍ନତା:

ଅନେକ ମନ୍ଦରରେ ଅନେକ ପରମ୍ପରା ରହିଛି । ବିଶେଷ କରି ହିନ୍ଦୁ ରୀତିନୀତି ଅନୁଯାୟୀ ମନ୍ଦିରରେ ଥାଏ ଭିନ୍ନ ପରମ୍ପରା । କିଛି ମନ୍ଦିର ଏହି ପରମ୍ପରାକୁ କଡ଼ାକଡ଼ି ଭାବରେ ଲାଗୁ କରିନପାରନ୍ତି । ଶିଷ୍ଟାଚାର ସହିତ ଅପରିଚିତ ପରିଦର୍ଶକମାନେ ଏହାର ପଛରେ ଥିବା ସାଙ୍କେତିକ ଅର୍ଥକୁ ବୁଝି ନପାରି ବାହାରକୁ ଯିବା ସମୟରେ ଘଣ୍ଟି ବଜାଇପାରନ୍ତି। ପୂଜାରୀମାନେ ସାଧାରଣତଃ ଏପରି ମୁହୂର୍ତ୍ତଗୁଡ଼ିକୁ ବୁଝାମଣା ସହିତ ଦେଖନ୍ତି। ମନ୍ଦିର ଶିଷ୍ଟାଚାରର ଉଦ୍ଦେଶ୍ୟ କଠୋର ନିୟମ ଲାଗୁ କରିବା ନୁହେଁ ବରଂ ସ୍ଥାନର ଆଧାତ୍ମିକ ପରିବେଶକୁ ସଂରକ୍ଷଣ କରିବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂଜା ପଛରେ ଥିବା ଉଦ୍ଦେଶ୍ୟ। ତଥାପି, ଏହି ଛୋଟ ପ୍ରଥା ପଛରେ ଥିବା ଗଭୀର ଯୁକ୍ତି ଜାଣିବା ଭକ୍ତମାନଙ୍କୁ ମନ୍ଦିରକୁ ଅଧିକ ଚିନ୍ତନଶୀଳ ଭାବରେ ଅନୁଭବ କରିବାରେ ସାହାଯ୍ୟ କରେ। ପୃଷ୍ଠରେ ସରଳ ଦେଖାଯାଉଥିବା ରୀତିନୀତିଗୁଡ଼ିକ ପ୍ରାୟତଃ ଶତାବ୍ଦୀ ଧରି ଆକୃତିପ୍ରାପ୍ତ ଦାର୍ଶନିକ ଅର୍ଥର ସ୍ତର ବହନ କରେ।



## ବାରମ୍ବାର ଆପଣଙ୍କ ଆଖି ଡେଉଁଛି କି ?

# ଶୁଭ-ଅଶୁଭର ସଙ୍କେତ ନୁହେଁ, ହୋଇପାରେ ରୋଗର ପୂର୍ବାଭାସ ।





***ସାଧାରଣରେ ଧାରଣ ରହିଛି ଯେ ଆଖି ଡେଇଁବା କେବଳ ଶୁଭ-ଅଶୁଭର ସଙ୍କେତ ଦେଇଥାଏ । କିନ୍ତୁ ଏହା ପଛରେ ବାସ୍ତବତା ରହିଛି ନା' କେବଳ ଅନ୍ଧବିଶ୍ୱାସ । ତାହାର କୌଣସି ପ୍ରମାଣ ମିଳିନାହିଁ । କିନ୍ତୁ ବିଶେଷଜ୍ଞଙ୍କ ମତରେ ଆଖି ଡେଇଁବା କେତେକ ରୋଗର ପୂର୍ବାଭାସ ହୋଇପାରେ । ଜ୍ୟୋତିଷ ବିଜ୍ଞାନ ଅନୁସାରେ ଆଖି ଡେଇଁବା ଅର୍ଥାତ ଜୀବନରେ କିଛି ଶୁଭଅଶୁଭ ଘଟଣା ଘଟିବାର ସଙ୍କେତ ମିଳିଥାଏ । ଅନ୍ଧବିଶ୍ୱାସଠାରୁ ଦୂରେଇ ରୁହନ୍ତୁ । ଆଖି ଡେଇଁବା ସ୍ନାୟବିକ ସମସ୍ୟା। କେତେକ ସ୍ଥିତିରେ ଏହା କୌଣସି ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ । ମହିଳାଙ୍କ ଆଖି ପୁରୁଷଙ୍କ ତୁଳନାରେ ଅଧିକ ଡେଇଁଥାଏ***

### ଆଖି ଡେଇଁବାର ଲକ୍ଷଣ:

ଅଧିକ ଚିନ୍ତା , ଅଧିକ ଥକ୍କାପଣ ଅନୁଭବ ହେବା , ଠିକ୍ ଭାବେ ନିଦ ନ ହେବା , ଆଖି ଉପରେ ଚାପ ପଡିବ ଯୋଗୁ ଆଖିରେ ଜ୍ୱଳନ ହେବା, ପ୍ରଦୂଷିତ ପବନ , ଔଷଧର ପାଶ୍ୱର୍ ପ୍ରତିକ୍ରିୟା , ଶରୀରରେ ପୋଷକ ତତ୍ତ୍ୱର ଅଭାବ,

ଅଟୋଇମ୍ୟୁନ୍ ଡିଜଅର୍ଡର କିମ୍ୱା ମେଟାବଲିକ୍ ଡିଜଅର୍ଡର ହେଲେ, ଅଧିକ କ୍ୟାଫିନ୍ ବ୍ୟବହାର, ଡିଷ୍ଟୋନିଆ, ସର୍ଭାଇକାଲ୍ ଡିଷ୍ଟୋନିଆ, ମଲ୍ଟିପଲ୍ ସ୍କୋଲେରୋସିସ୍, ପାର୍କିନସନ୍ ଆଦି ସ୍ନାୟବିକ ସମସ୍ୟା ରହିଥିଲେ । 'ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ' ଅନୁସାରେ ଯଦି ଦୀର୍ଘଦିନ ଧରି ଆଖି ଡେଉଁଥାଏ, ତେବେ ଏହା କୌଣସି ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ । ଚିକିତ୍ସା କ୍ଷେତ୍ରରେ ଆଖି ଡେଇଁବାର ୩ଟି ସ୍ଥିତି ରହିଥାଏ । ପ୍ରଥମମାୟୋକିମିୟା, ଦ୍ୱିତୀୟ- ବ୍ଲେଫାରୋସ୍ପାମ୍, ତୃତୀୟ- ହେମିଫେସିଆଲ୍ ସ୍ପାମ୍ ।

### ଆଇଲିଡ୍ ମାୟୋକିମିଆ:

ଏହି ସ୍ଥିତିରେ ଆଖି ଡେଇଁଥାଏ, କିନ୍ତୁ ହାଲ୍‌କାଫୁଲକା । ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁ କେବେ କେବେ ଏମିତି ଗୋଟିଏ ବା ଦୁଇଟି ଦିନ କିମ୍ବା କେତେ ଘଣ୍ଟା ପାଇଁ ଆଖି ଡେଇଁଥାଏ । ଏହା ଧୀରେ ଧୀରେ ଠିକ୍ ହୋଇଥାଏ । ଏହି ସ୍ଥିତି ଷ୍ଟ୍ରେସ୍, ଆଖିର ଥକ୍କାପଣ, ଅଧିକ କ୍ୟାଫିନ୍‌ଯୁକ୍ତ ପାନୀୟ ବ୍ୟବହାର, ନିଦ ପୂରା ନ ହେବା ଓ ଅଧିକ ମୋବାଇଲ ବା କମ୍ପ୍ୟୁଟର ବ୍ୟବହାର ଦ୍ୱାରା ଉପୁଜିଥାଏ ।

### ବିନାଇନ୍ ଇସେନସିଆଲ୍



### ବ୍ଲେଫାରୋସ୍ପାମ୍:

ଏହି ସ୍ଥିତି ଆଖି ସହ ଯୋଡି ହୋଇଥିବା ଏକ ଗମ୍ଭୀର ସମସ୍ୟା । ଏହି ସମସ୍ୟା ହେବା ଦ୍ୱାରା ଆଖିର ମାଂସପେଶୀ ସଙ୍କୁଚିତ ହୋଇଚାଲେ । ଫଳରେ ଆଖି କ୍ଷତିଗ୍ରସ୍ତ ହୋଇଚାଲେ । ଏହି ରୋଗ ହେବା ପରେ ଆଖି ପତା ଖୋଲିବା ଓ ବନ୍ଦ କରିବା ସମୟରେ ଯନ୍ତ୍ରଣା ଅନୁଭବ ହେବା ସହ ଆଖି ଫୁଲିବା ଓ ଝାପ୍‌ସା ଦେଖାଯିବା ପରି ସମସ୍ୟାମାନ ଉପୁଜିଥାଏ । ପରବର୍ତ୍ତୀ ସମୟରେ ଆଖି ଆଖପାଖ ମାଂସପେଶୀ ଡେଇଁବା ଆରମ୍ଭ ହୋଇଥାଏ ।

# ପ୍ରଭୁ ଶ୍ରୀରାମଙ୍କ

## ଚମତ୍କାରୀ ମନ୍ତ୍ର



"ଶ୍ରୀ ରାମଚନ୍ଦ୍ର ଜୀ ଶ୍ରୀହରି ବିଷ୍ଣୁଙ୍କ ଅବତାର ବୋଲି ବିବେଚନା କରାଯାଏ। ପ୍ରଭୁ ରାମ ତାଙ୍କର ଉତ୍କୃଷ୍ଟ ଚରିତ୍ର ପାଇଁ ଜଣାଶୁଣା, ତେଣୁ ତାଙ୍କୁ ରାମାୟଣ ଏବଂ ରାମଚରିତମାନସରେ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ବର୍ଣ୍ଣନା କରାଯାଇଛି । କଥାରେ ଅଛି, 'ରାମଙ୍କ ନାମ ରାମ ଠାରୁ ବଡ'। ବିଶ୍ୱାସ ଅନୁଯାୟୀ, ଯିଏ ପ୍ରତିଦିନ ପ୍ରଭୁ ରାମଙ୍କ ନାମ ନେଇଥାଏ, ସେ ତାଙ୍କ ଜୀବନର ସମସ୍ତ ଅସୁବିଧାରୁ ମୁକ୍ତି ପାଇଥାଏ । ଯେଉଁ ଘରେ ରାମ ଦାରବାର ପୂଜା ସମୟରେ ପ୍ରତିଦିନ କିଛି ମନ୍ତ୍ର ଜପ କରାଯାଏ, ସେଠାରେ ପ୍ରଭୁ ରାମଙ୍କ ଆଶୀର୍ବାଦ ସର୍ବଦା ରହିଥାଏ । ଭଗବାନ ରାମଙ୍କ ଆଶୀର୍ବାଦ ପାଇବା ପାଇଁ ଆସନ୍ତୁ ଜାଣିବା । ଶ୍ରୀ ରାମ ଧ୍ୟାନ ମନ୍ତ୍ର ଯେଉଁ ବ୍ୟକ୍ତି ପ୍ରତିଦିନ ଏହି ମନ୍ତ୍ରକୁ ଜପ କରନ୍ତି ତାଙ୍କର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ।

ସମସ୍ୟାରୁ ମୁକ୍ତି ପାଇଁ ମନ୍ତ୍ର:

ଲୋକାଭିରାମ ରଣରଙ୍ଗଧୀରମ ରାଜୀବନେତ୍ରମ ରଘୁବଂଶନାଥମ୍।
କାରୁଣ୍ୟରୂପମ କରୁଣାକରମ ତଂ ଶ୍ରୀରାମଚନ୍ଦ୍ରମ ଶରଣମ ପ୍ରପଦୟେ।।
ଆପଦାମପହର୍ତାରମ ଦାତାରମ ସର୍ବସମ୍ପଦାମ୍।
ଲୋକାଭିରାମ ଶ୍ରୀ ରାମ ଭୂୟୋ ଭୂୟୋ ନମାମ୍ୟହମ୍।।

ଯଦି ଆପଣ ପ୍ରତିଦିନ ପ୍ରଭୁ ରାମଙ୍କର ଏହି ମନ୍ତ୍ର ଜପ କରନ୍ତି, ତେବେ ଆପଣଙ୍କ ଜୀବନର ସବୁଠୁ ବଡ ସମସ୍ୟା ମଧ୍ୟ ଏଡ଼ାଇ ଦିଆଯାଏ । ଏହା ସହିତ, ଏହା ଜୀବନର ଅସୁବିଧାକୁ ମଧ୍ୟ ନଷ୍ଟ କରିଥାଏ ।



# ୨୩୯ ରୋଗୀଙ୍କ ଫେରିଲା ଦୃଷ୍ଟିଶକ୍ତି

## ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାରର ସହଯୋଗୀ ଏବଂ ଦାତାଙ୍କୁ ମିଳିଲା ସମ୍ମାନ




ରାଉରକେଲା,(ନିପ୍ର): ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ ଦ୍ୱାରା ପରିଚାଳିତ ରାଉରକେଲା ବେଦବ୍ୟାସ ଲାୟନ୍ସ ଚକ୍ଷୁ ଓ ଜେନେରାଲ ହସ୍ପିଟାଲରେ ମାର୍ଚ୍ଚ ମାସ ମଧ୍ୟରେ ଅନୁଷ୍ଠିତ ମାଗଣା ଆଇଓଏଲ୍ ବା ମୋତିଆବିନ୍ଦୁ ଶିବିର ସଫଳ ଅସ୍ତ୍ରୋପଚାର ପରେ ସୋମବାରରେ ମାଗଣା ଚଷମା ଓ ଔଷଧ ବଣ୍ଟନ କରାଯିବା ସହିତ ଦାତାଙ୍କୁ ସମ୍ମାନିତ କରିବା ସହ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସକାଳ ୧୦ଟା ୩୦ରେ ଲାୟନ୍ସ ହସ୍ପିଟାଲ ପରିସରରେ ଅନୁଷ୍ଠିତ ହୋଇଥିଲା। ୨୦୨୬ ମାର୍ଚ୍ଚ ମାସରେ, ହସ୍ପିଟାଲରେ ବିଶାଳ ମାଗଣା ଚକ୍ଷୁ ପରୀକ୍ଷା ଅଭିଯାନ କରଯାଇଥିଲା। ଏଥିରେ ୬ଟି ଭିନ୍ନ ଭିନ୍ନ ଗାଁରେ ଶିବିର ସ୍ଥାପନ କରାଯାଇଥିଲା। ଗରୀବ ଓ ଅବହେଳିତ ରୋଗୀଙ୍କୁ ଚିହ୍ନଟ କରି ହସ୍ପିଟାଲକୁ ଅଣାଯାଇଥିଲା। ଏହି ଶିବିର ମାଧ୍ୟମରେ, ମୋଟ ୨୩୯ ଜଣ ରୋଗୀଙ୍କର ସଫଳ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇ ସେମାନଙ୍କ ଦୃଷ୍ଟିଶକ୍ତି ଫେରାଇ ଅଣାଯାଇଛି। ଏହି ଅବସରରେ, ନିଶୁଳ୍କ ଅସ୍ତ୍ରୋପଚାର ଶିବିରର ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ପ୍ରେମ ଭଟ୍ଟର ଏବଂ ସରୋଜ ଭଟ୍ଟରଙ୍କ ପରିବାର ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ ଏବଂ ସମ୍ମାନିତ କରାଯାଇଥିଲା। ଏହି ଦାତାମାନେ ୨୦୨୬ ମାର୍ଚ୍ଚ ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଶିବିରଗୁଡ଼ିକରେ ସହଯୋଗ କରି ପ୍ରଶଂସନୀୟ ଅବଦାନ ଦେଇଥିଲେ। ଲାୟନ୍ ସିଏ ପବନ ଅଗ୍ରୱାଲ (ସଭାପତି), ଲାୟନ୍ ସୁରେଶ କେଜରିୱାଲ (ହସ୍ପିଟାଲ ଅଧ୍ୟକ୍ଷ), ଲାୟନ୍ ବିକାଶ ବିନ୍ଦଲ (ସଚିବ), ଲାୟନ୍ ସିଏ ଅଖିଲ ଶାହ (କୋଷାଧ୍ୟକ୍ଷ) ଏବଂ ଅନ୍ୟାନ୍ୟ କ୍ଲବ ସଦସ୍ୟ ସମ୍ମାନିତ ଉତ୍ସବରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ହସ୍ପିଟାଲର ଅଧ୍ୟକ୍ଷ ଲାୟନ୍ ସୁରେଶ କେଜରିୱାଲ କହିଛନ୍ତି ଯେ ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ, ସମାଜର ଅବହେଳିତ ବର୍ଗକୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପ୍ରତିବଦ୍ଧ। ସେ କହିଥିଲେ ଯେ ଭବିଷ୍ୟତରେ ଏହି ସେବା ଅଭିଯାନ ଜାରି ରହିବ।

## ଜନ ଅଭିଯୋଗ ଶୁଣାଣିରେ ୬୦ ଅଭିଯୋଗପତ୍ର

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନୀଲ କାନ୍ତ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଅଭିଯୋଗ ଶୁଣାଣି କରିଥିଲେ। ଜିଲ୍ଲାସ୍ତରୀୟ ଅଭିଯୋଗ



ଶୁଣାଣୀ ଶିବିରରେ ମୋଟ-୬୦ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୪୯ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୧ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନଅଭିଯୋଗ ଶୁଣାଣୀରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋର ଚନ୍ଦ୍ର ପଟ୍ଟନାୟକ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## କୃଷି ସଚେତନତା ରଥ ଉଦ୍‌ଘାଟିତ

ଭାପୁର,(ନିପ୍ର): ରାଜ୍ୟ ସମବାୟ ଓ ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୋମବାର ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଅନୁଷ୍ଠିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କୃଷି ସଚେତନତା ରଥ କୁ ପତାକା ହଲେଇ ଉଦଘାଟନ କରି କୃଷକମାନଙ୍କର ମନୋବଳକୁ ବଢ଼େଇଛନ୍ତି। କାର୍ଯ୍ୟକ୍ରମରେ, ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା ଏବଂ ବ୍ଲକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଯୋଗ ଦେଇଥିଲେ ମଧ୍ୟ ବିଭାଗୀୟ କୌଣସି ପଦାଧିକାରୀ ଯୋଗ ଦେଇ ନ ଥିବାରୁ ପ୍ରଚାର ଓ ପ୍ରସାର ଦାଇତ୍ୱ ନେଇଥିବା 'ପପେଟ' ସଂସ୍ଥା ଏବଂ କୃଷି ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ବେଶ ପରିଲକ୍ଷିତ ହୋଇଥିଲା । କୃଷି ସମ୍ବନ୍ଧୀୟ ସମସ୍ତ ସମସ୍ୟା ଓ ତାର ସମାଧାନ କିପରି କରାଯିବ ସେ ସମ୍ପର୍କରେ ଏହି



ରଥ ଭାପୁର ବ୍ଲକ ର ୨୦ ଗୋଟି ପଞ୍ଚାୟତ ଭ୍ରମଣ କରି କୃଷକଙ୍କୁ ସଚେତନ କରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

## ପ୍ରଦେଶ କଂଗ୍ରେସ ପକ୍ଷରୁ ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ଘୋଷଣା

ଚାରିଛକ, (ନିପ୍ର): ପୁରୀ ଜିଲ୍ଲା ବଡ଼ଗାଁ ପଞ୍ଚାୟତ ଭୁଆଁ ଗ୍ରାମର ସମାଜସେବୀ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ବ୍ରଜବନ୍ଧୁ ରାଉତରାୟଙ୍କୁ ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ସାଧାରଣ ସମ୍ପାଦକ ଭାବେ ଘୋଷଣା କରାଯାଇଛି । ସାଧାରଣ ସମ୍ପାଦକ ଶ୍ରୀ ରାଉତରାୟ ପୂର୍ବରୁ ନିଷ୍ଠାପର ଭାବେ ସାଧାରଣ ଲୋକମାନଙ୍କ ସମସ୍ୟା ବୁଝିବା ସହିତ କଂଗ୍ରେସ ଦଳ ପାଇଁ ନିଜ ପଞ୍ଚାୟତ ସମେତ ଗୋପ ବ୍ଲକରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିଲେ । ତାଙ୍କର ସାଙ୍ଗଠନିକ ନିଷ୍ଠା ଓ କାମ କରିବାର ଶୈଳୀ ଅତି ଉଚ୍ଚ କୋଟିର ହୋଇଥିବାରୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୁରୀ ଜିଲ୍ଲାରେ ସାଧାରଣ ସମ୍ପାଦକ ଭାବେ ଘୋଷଣା କରାଯାଇଛି। ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଘୋଷଣା କରି ଥିବାରୁ କେନ୍ଦ୍ର ନେତା ରାହୁଲ ଗାନ୍ଧୀ,ନେତ୍ରୀ ସୋନିଆ ଗାନ୍ଧୀ ,ରାଜ୍ୟ ସଭାପତି ଭକ୍ତ ଚରଣ ଦାସ , ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର ଓ ଜିଲ୍ଲା ସଭାପତି ରାଜେଶ ମିଶ୍ରଙ୍କୁ ଧନ୍ୟବାଦ ଦେଇଛନ୍ତି । ଶ୍ରୀ ରାଉତରାୟ ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ ଦଳ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବା ସହିତ ଅଞ୍ଚଳର ସାଧାରଣ ଲୋକ ମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ଉପରେ କାମ କରିବି ବୋଲି କହିଥିଲେ ।

## ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲା ବ୍ଲକ କାର୍ଯ୍ୟାଳୟ ଠାରେ ଆଜି ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୭୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୨୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ , ମୁଖ୍ୟମନ୍ତ୍ରୀ ସହାୟତା ନିଧି ଅଧିନସ୍ଥ ୪ଟି ଓ ରେଡ କ୍ରଶ ଅଧିନସ୍ଥ ୪ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୪୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ନିଧି ଓ ଜିଲ୍ଲା ରେଡକ୍ରସ୍ ନିଧି ମାଧ୍ୟମରେ ୮ଜଣ ଅଭିଯୋଗକାରୀଙ୍କୁ ମୋଟ ୩୩,୦୦୦/- ଟଙ୍କା ମଞ୍ଜୁର କରାଯାଇଛି।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଉପସ୍ଥିତ ଥିବାବେଳେ ଜିଲ୍ଲା ଆରକ୍ଷି ଅଧିକ୍ଷକ, ମୁଖ୍ୟ ଉନ୍ନୟନ ଅଧିକାରୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ଉପ ଜିଲ୍ଲାପାଳ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ମଧ୍ୟ ଉପସ୍ଥିତ ଥିଲେ।

## ଘରୁ ସୁନାଗହଣା ଓ ନଗଦ ଟଙ୍କା ଲୁଟ୍ , ତଦନ୍ତ ଜାରି

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଓଳସିଂହ ଗ୍ରାମରେ ଏକ ବଡ଼ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ରାତିର ଘର ଭିତରେ ପଶି ଆଲମିରାରୁ ସୁନା, ରୂପା ଗହଣା ସହ ନଗଦ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ଏପ୍ରିଲ ୩ ତାରିଖ ବିଳମ୍ବିତ ରାତିରେ ଓଳସିଂହ ଗ୍ରାମର ନାରାୟଣ ବଳିୟାରସିଂହଙ୍କ ପରିବାର ଶୋଇଥିବା



ସମୟରେ ଏହି ଲୁଟ୍ ହୋଇଛି । ପରିବାର ଲୋକେ ଶୋଇଥିବା ଅବସ୍ଥାରେ ଦୁର୍ବୃତ୍ତମାନେ ଘରର ଆଲମିରା ତାଡ଼ି ସେଥିରେ ଥିବା ସମସ୍ତ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି । ଅଭିଯୋଗ ପତ୍ର ଅନୁସାରେ ୨ଟି ସୁନା ହାର, ୨ଟି ଚେନ୍, ୫ଟି ରୁଦ୍ରାକ୍ଷ ସୁନା ଚେନ୍, ୧ ହଳ କାନଫୁଲ, ୧ ହଳ କାନ ଝୁମୁକା, ୧ ହଳ କାନଫାସି, ୨ଟି ମାଳି ଏବଂ ୧୦ଟି ସୁନା ମୁଦି , ୨ ହଳ ରୂପା ପାଉଞ୍ଜି ଏବଂ ୪ ହଳ ଚୁଡ଼ିଆ ଓ ପ୍ରାୟ ୬୦,୦୦୦ ଟଙ୍କା ଚୋରି ହୋଇଛି। ଲୁଟ୍ କରିବା ପରେ ଦୁର୍ବୃତ୍ତମାନେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଘର ଭିତରେ ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ । ତେବେ ଘର ଭିତରେ ଅଧିକ ଧୂଆଁ ହେବା ଯୋଗୁଁ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ। ଫଳରେ ଏକ ବଡ଼ ଅଘଟଣ ଟଳିଯାଇଛି ।ଏ ନେଇ ଗୃହକର୍ତ୍ତା ନାରାୟଣ ବଳିୟାରସିଂହ ଜଙ୍କିଆ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପରିବାର ଲୋକେ ଆଶା ପ୍ରକଟ କରିଛନ୍ତି ।

## ସାଉଦି ଆରବ ମାଟିରେ ଗୁଞ୍ଜରିଲା 'ବନ୍ଦେ ଉତ୍କଳ ଜନନୀ'

ଦମାମ (ସାଉଦି ଆରବ): ବିଶ୍ୱର ସାମ୍ପ୍ରତିକ ଜଟିଳ ପରିସ୍ଥିତି ମଧ୍ୟରେ ସୁଦୂର ସାଉଦି ଆରବରେ ପ୍ରତିଧ୍ୱନିତ ହୋଇଛି ଓଡ଼ିଆ ଅସ୍ମିତାର ସ୍ୱର। ସାଉଦି ଆରବର ଅନ୍ୟତମ ପ୍ରତିଷ୍ଠିତ ତଥା ଜନହିତକର କାର୍ଯ୍ୟ ପାଇଁ ବିଶ୍ୱବିଦିତ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ 'କଳିଙ୍ଗନ୍' ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରାୟ ୨୦୦ରୁ ଅଧିକ ଓଡ଼ିଆ ପରିବାର ଏକାଠି ହୋଇ ବିଦେଶ ମାଟିରେ ଓଡ଼ିଶାର କଳା ଓ ସଂସ୍କୃତିର ଏକ ଅନନ୍ୟ ଛାପ ଛାଡିଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ



ଦରବାରରେ ପହଞ୍ଚାଇବା। ଉତ୍ସବର ଶୁଭାରମ୍ଭ ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଗାନ ସହ ଅତ୍ୟନ୍ତ ଭାବପୂର୍ଣ୍ଣ ପରିବେଶରେ ହୋଇଥିଲା। ଏହାପରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କଳିଙ୍ଗନ୍‌ର ସମସ୍ତ ସଦସ୍ୟଙ୍କ ପକ୍ଷରୁ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ପରମ୍ପରା 'ମଙ୍ଗଳାଚରଣ' ରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ପଶ୍ଚିମ ଓଡ଼ିଶାର ଗର୍ବ ସମ୍ବଲପୁରୀ ନୃତ୍ୟ ସମେତ ଅନେକ ଓଡ଼ିଆ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶେଷ କରି କୁନି କୁନି ପିଲାମାନେ ଓଡ଼ିଶାର ଐତିହ୍ୟ ଓ ଉତ୍କଳ ଦିବସର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପବିତ୍ର ଶ୍ରୀକ୍ଷେତ୍ରରୁ ସୁଦୂର ସାଉଦି ଆରବ ପର୍ଯ୍ୟନ୍ତ ଜଗନ୍ନାଥ ସଂସ୍କୃତିର ପ୍ରସାର କରିବା ପାଇଁ ପିଲାମାନଙ୍କ ମଧ୍ୟରେ ଥିବା ଉତ୍ସାହ ବେଶ୍ ପ୍ରଶଂସନୀୟ ଥିଲା। ଏହି ଅବସରରେ କଳିଙ୍ଗନ୍‌ର ଚିଫ୍ ସର୍ଭିସ କୋଅର୍ଡିନେଟର ଶେଖ ଶରାଫତ ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପରେ ଏକ ସାରଗର୍ଭକ ଭାଷଣ ଦେଇଥିଲେ। ସେ କହିଥିଲେ ଯେ, 'ବିଦେଶ ମାଟିରେ ରହି ମଧ୍ୟ ନିଜ ମାତୃଭୂମିର ସଂସ୍କୃତିକୁ ଉଜ୍ଜୀବିତ ରଖିବା ଏବଂ ନୂତନ ପିଢ଼ିକୁ ଓଡ଼ିଆ ପରମ୍ପରା ସହ ଯୋଡ଼ିବା ଆମର ମୂଳ ଲକ୍ଷ୍ୟ।' ସମଗ୍ର କାର୍ଯ୍ୟକ୍ରମଟିକୁ କଳିଙ୍ଗନ୍ କୋର୍ କମିଟିର ସଦସ୍ୟ ଶିଶିର ଅଗଷ୍ଟିନ୍, ବିଶ୍ୱ ରଞ୍ଜନ ସାହୁ, ଦିଗମ୍ବର ମହାକୁଡ଼, ଇମତିଆଜ ଅଲି, ଜ୍ୟୋତିର୍ମୟ ଦାସ, ପ୍ରୀତମ ମହାନ୍ତି, ରଞ୍ଜନ ରଥ, ସନ୍ତୋଷ ଦାସ, ସୋଭନ ମହାନ୍ତି ଏବଂ ସୂର୍ଯ୍ୟକାନ୍ତ ଦାସ ଅତ୍ୟନ୍ତ ସୁଚାରୁରୂପେ ପରିଚାଳନା କରିଥିଲେ।

## ଓଡ଼ିଆ ପକ୍ଷ ଅବସରରେ ମନ୍ତ୍ରୀଙ୍କ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭାପୁର,(ନିପ୍ର): ଏପ୍ରିଲ ୧ ଓଡିଶା ଦିବସ ଠାରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ୧୪ ଦିନ ବ୍ୟାପୀ ଓଡ଼ିଆ ପକ୍ଷ ପାଳନ ଅବସରରେ ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ଐତିହ୍ୟସ୍ଥଳୀ ଓ ମନ୍ଦିର ସ୍ୱଚ୍ଛତା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି ।ଭାପୁର ସଦର ମହକୁମାସ୍ଥ ଶ୍ରୀରାମବିହାର ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ, ରାଜ୍ୟ ସମବାୟ ଓ ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ରୁପେ ଯୋଗଦେଇ ମନ୍ଦିର ପ୍ରାଙ୍ଗଣ ସଫା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାପୁର ବ୍ଲକ ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା, ନୟାଗଡ଼ ଜିଲ୍ଲା ବିଜେପି ପ୍ରଭାରୀ ସୁରଥ ବିଶ୍ୱାଳ,ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମଦନ ମୋହନ ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ,ସୁଶାନ୍ତ ସାହୁ,ବ୍ଲକ ଯୋଗାଣ ନିରୀକ୍ଷକ ଦିପକ କୁମାର କହଁର ଏବଂ ଶତାଧିକ ମହିଳା ତଥା କର୍ମୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳତା କରିଥିଲେ। ମନ୍ତ୍ରୀ ଶ୍ରୀ ସାମନ୍ତ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହିତ କର୍ମୀ ମାନଙ୍କର ସ୍ୱଚ୍ଛତା ସମ୍ପର୍କରେ ମନୋବଳ ବଢ଼େଇଥିଲେ।

## କାଶୀନଗର : ପଞ୍ଚାୟତରେ ସ୍ୱଚ୍ଛତା ଅଭିଯାନ

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ କୀଡୀଗାଁ ଓ ଖାରଡ଼ା ଓ ପାର୍ତ୍ତଡା ପଞ୍ଚାୟତରେ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନରେ ପଂଚାୟତ ପରିସର ସହ ପଂଚାୟତର ରାସ୍ତା ପାର୍ଶ୍ୱ ସବୁ ସଫା କରିଥିଲେ। ସେହିପରି ଅଲଡା, ଶିଆଳି, ଗରିବନ୍ଧା ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା ମାଧ୍ୟମରେ 'ଆମେ ଜାଣିବା ଆମ ବଜେଟ' କାର୍ଯ୍ୟକ୍ରମ ଅନୁଷ୍ଠିତ କରି ପଂଚାୟତମାନଙ୍କରେ ଆଗାମୀ ବର୍ଷ ଯେଉଁସବୁ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଯିବ ସେ ସବୁ ବିଷୟରେ ଗ୍ରାମବାସୀଙ୍କ ଉପସ୍ଥିତରେ ଆଲୋଚନା କରି ଏକ ଖର୍ଚ୍ଚ ଅଟକଳ ଲରାଯାଇଥିଲା। ସେହିପରି ବୁଦୁରା ପଞ୍ଚାୟତ କାର୍ଯାଳୟ ଠାରେ ପାରମ୍ପରିକ ଜନ ଅଭିଯୋଗ ଶୁଣାଣି ସ୍ଥାନୀୟ




ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନଙ୍କ ଉପସ୍ଥିତରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ନାଏବ ସରପଞ୍ଚ, ସମିତି ସଭ୍ୟ ବାବୁରାଓ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ ଓ ସିଡିପିଓ ଉପସ୍ଥିତ ଥିଲେ। ଏହି ଶୁଣାଣି କାର୍ଯ୍ୟକ୍ରମରେ ସାତୋଟି ଅଭିଯୋଗ ଆସିଥିଲା।

## କଂଗ୍ରେସର ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକ



ବେଲଗୁଣ୍ଠା,(ନିପ୍ର): କିଛି ଦିନ ପୂର୍ବେ ଏଆଇସିସି ପକ୍ଷରୁ ବରିଷ୍ଠ କଂଗ୍ରେସ୍ ନେତା ଦଣ୍ଡପାଣି ପାତ୍ରଙ୍କୁ ଗଞ୍ଜାମ ଜିଲ୍ଲା ( ପଶ୍ଚିମ ) ର ନୂତନ ଜିଲ୍ଲା ସଭାପତି ରୂପେ ଚୟନ କରାଯାଇଛି । ନୂତନ ସଭାପତି ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ସଭାପତି ବି ଦଣ୍ଡପାଣି ପାତ୍ର ଜିଲ୍ଲାର କଂଗ୍ରେସ୍ ସଂଗଠନକୁ ସଜାଡ଼ିବା ପାଇଁ ଅଣ୍ଟା ଭିଡିଛନ୍ତି । ଏନେଇ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିର ଭୋଜିଶାଳକ୍ଷ ମଣ୍ଡପରେ ଏକ ଜିଲ୍ଲା ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂତନ ସଭାପତି ବି ଦଣ୍ଡପାଣି ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ର ଛାମୁଆ ନେତାମାନେ ଯୋଗ ଦେଇ ନୂତନ ଜିଲ୍ଲା ସଭାପତି ଶ୍ରୀ ପାତ୍ରଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ । ଏହି ବୈଠକରେ ଦଳୀୟ ସଂଗଠନର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହା ସହିତ ଜିଲ୍ଲାର ବେକାରୀ ସମସ୍ୟା, ଦାଦନ ସମସ୍ୟା ଏବଂ ଚାଷୀ ସମସ୍ୟାକୁ ଗୁରୁତ୍ୱ ଦିଆଯାଇ ଲୋକଙ୍କୁ ସଚେତନ କରାଯିବ ଏବଂ ଆଗାମୀ ପୌରପରିଷଦ ଓ ପଂଚାୟତ ନିର୍ବାଚନରେ କଂଗ୍ରେସ୍ ବାଜିମାତ କରିବ ବୋଲି ଶ୍ରୀ ପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ସାଂଗଠନିକ ବୈଠକରେ ସୋରଡା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ହରିକୃଷ୍ଣ ରଥ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବୁଦ୍ଧ ମଲ୍ଲିକ, ପୂର୍ବତନ ସରପଞ୍ଚ ନାରାୟଣ ସେଠୀ,ପ୍ରଦୀପ ପୋଲାଇ,କିଶୋର ବିଷୋୟୀ, କୃପାସିନ୍ଧୁ ନାୟକ, ଅନୀଲ୍ ବିଶ୍ୱାଳ, ଉଦୟ ରାଉତଙ୍କ ସମେତ ବହୁ କଂଗ୍ରେସ୍ ନେତା ଓ କର୍ମୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଯାଜପୁରରେ ଐତିହ୍ୟ ଗଣଦୌଡ଼



ଯାଜପୁର,(ନିପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଯାଜପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ସହଯୋଗରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଅଛି। ଯାଜପୁର ଟାଉନ ଥାନା ଅଧିକାରୀ ଶରତ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ପତାକା ଦେଖାଇ ଏହି ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗଣଦୌଡର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଆମର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ କରିବା ନିମନ୍ତେ ଅତିଥିମାନେ ମତ ଦେଇଥିଲେ ।

## ଡାବୁଗାଁରେ ବିଜେପି ପ୍ରତିଷ୍ଠା ଦିବସ

ଡାବୁଗାଁ(ନିପ୍ର): ଡାବୁଗାଁ ସହିଦ୍ ଲକ୍ଷ୍ମଣ ନାୟକ କଲ୍ୟାଣ ମଣ୍ଡପରେ ଆଜି ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଅବସରରେ ମଣ୍ଡଳ ସଭାପତି ମନୋଜ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଜିଲ୍ଲା ସଂପାଦକ ଜେ ରାଜଶେଖର ରାଓ, ବରିଷ୍ଠ ନେତା ସୂର୍ଯ୍ୟବଂଶୀ ଜୟନ୍ତ ପାତ୍ର, ବରିଷ୍ଠ ନେତା ଦିୱାନ ସିଂ ଓ ଜିଲ୍ଲା ସଂପାଦିକା ଲକ୍ଷ୍ମୀ ଜାନୀ ମଞ୍ଚାସିନ ଥିଲେ। ନରେଶ କୁମାର ସିଂ ମଞ୍ଚ ପରିଚାଳନା କରିଥିଲେ। ଦିନେଶ ସିଂ ଓ ନରୁ ସିଂ ସମସ୍ତ ଆୟୋଜନର ତଦାରଖ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଂପାଦକ ଗୋବିନ୍ଦ ଗୋପାଳ ଅଗ୍ରୱାଲ, ଜି କିରଣ କୁମାର, ରତନ କଲାର, ବନ୍ଧୁ ମାଝୀ, ଅସ୍ତମା ଗୌଡ଼, ପାପିନ୍ ମୁନି, ୱାଇ ରାଜ କୁମାର, ଗୋବିନ୍ଦ ମାଝୀ, ମହେଶ ପାତ୍ର, ଦିନବନ୍ଧୁ ମାଝୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।୫ଟି ଶକ୍ତି କେନ୍ଦ୍ର ର ପ୍ରମୁଖ କାର୍ଯ୍ୟକର୍ତ୍ତା ମନେ ବୈଠକରେ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କଟକ/ ଆଠଗଡ଼ (ନିପ୍ର): ଆଠଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୪ଟି ଅଭିଯୋଗ ହସ୍ତଗତ ହୋଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକମାନଙ୍କର ଉପସ୍ଥିତିରେ ବାର୍ଦ୍ଧକ୍ୟଭତ୍ତା, ଶିକ୍ଷା ଓ କୃଷି ଆଦି ସଂପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ୧୩ ତାରିଖରେ ମାହାଙ୍ଗା ବ୍ଲକଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

## କଟକରେ ଖରିଫ ୨୦୨୫-୨୬ ବର୍ଷର ଧାନ ସଂଗ୍ରହ

କଟକ,(ନିପ୍ର): କଟକ ଜିଲ୍ଲାରେ ଚଳିତ ଖରିଫ ୨୦୨୫-୨୬ ବର୍ଷର ଧାନ ସଂଗ୍ରହ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଦ୍ୟାବଧି ସମାପନ ହେବାକୁ ଯାଉଛି । ଗତବର୍ଷ ୬୬ହଜାର ୫୦୬ଜଣ ଚାଷୀ ପଞ୍ଜୀକରଣ କରିଥିଲେ । ତନ୍ମଧ୍ୟରୁ ୬୨ହଜାର ୮୮୮ଜଣ ଚାଷୀ ୧୯୭୧୩୯୦କ୍ୟୁଣ୍ଟାଲ ଧାନ ବିକ୍ରୟ କରିଥିଲେ । ଚଳିତବର୍ଷ ଚାଷୀ ପଞ୍ଜୀକରଣ ବୃଦ୍ଧି ହୋଇ ୭୨ହଜାର ୪୫୪ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି । ତନ୍ମଧ୍ୟରୁ ୭୧୩୮୪ଜଣ ଚାଷୀ ୨୨୨୬୫୦୩ କ୍ୟୁଣ୍ଟାଲ ଧାନ ୨୫୦ଟି ଧାନ ମଣ୍ଡିରେ ଅଦ୍ୟାବଧି ବିକ୍ରୟ କରିଛନ୍ତି । ସମବାୟ ବିଭାଗ ତରଫରୁ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସମସ୍ତ ମଣ୍ଡିରେ ବିଶ୍ରାମ ସ୍ଥାନ, ପାନୀୟଜଳ ଓ ଶୌଚାଳୟ ଆଦି ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଥିଲା । ଖରାପ ପାଗର ମୁକାବିଲା କରିବା ପାଇଁ ମଣ୍ଡିମାନଙ୍କରେ ଧାନ ସୁରକ୍ଷିତ ରଖିବା ପାଇଁ ଗୋଦାମ ଓ ଅସ୍ଥାୟୀ ଘରର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କଟକ ଜିଲ୍ଲାର ଧାନ ସଂଗ୍ରହ ପ୍ରକ୍ରିୟାର ବିବରଣୀ ପ୍ରତିଦିନ ନେବା ଓ ସୁବିଧା ଅସୁବିଧା ବୁଝିବା ସହ ସମାଧାନର ପ୍ରଚେଷ୍ଟା କରିଥିଲେ । ସମସ୍ତ ମଣ୍ଡି ସିସିଟିଭି ନିରୀକ୍ଷଣରେ ରହି ଧାନ ସଂଗ୍ରହ ପ୍ରକ୍ରିୟା ସମାପନ କରିଛନ୍ତି । ମଣ୍ଡି ସୁପରିଚାଳନା ଓ ତଦାରଖ କରିବା ପାଇଁ ସରକାରୀ ସ୍ତରରେ ମଣ୍ଡି ନୋଡ଼ାଲ ଅଫିସର, ମଣ୍ଡି ସୁପରଭାଇଜର, ଏରିଆ ଅଫିସର ଓ ତଦାରଖ ଦଳ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । କଟକ ଚାଷୀ ଓ ଚାଷକୁ ପ୍ରାଥମିକତା ଦିଆଯାଇ ଜିଲ୍ଲା କର୍ତ୍ତୃପକ୍ଷ, ସମବାୟ ବିଭାଗ, ଯୋଗାଣ ବିଭାଗ ଓ ମିଲନ ମାନଙ୍କ ସାମୁହିକ ସହଯୋଗରେ ଚଳିତବର୍ଷ ଅଧିକ ପରିମାଣର ଧାନ ସଂଗ୍ରହ ହୋଇପାରିଛି ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ସମାଧାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭାପୁର,(ନିପ୍ର): ଭାପୁର ସଦର ମହକୁମାରେ ଅବସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୨୦ ଗୋଟି ପଞ୍ଚାୟତରୁ ପ୍ରାୟ ୨ ଲକ୍ଷ ଲୋକ ଚିକିତ୍ସା ପାଇଁ ନିର୍ଭର କରନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ବହୁ ସମସ୍ୟା ଦେଇ ଗତି କରୁଥିବାବେଳେ ଏହାର ସମାଧାନ ପାଇଁ ରାଜ୍ୟ ସରକାର ଆଖିବୁଜି ଦେଇଛନ୍ତି। ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ ସ୍ୱାଇଁଙ୍କ ଶାଣିତ ସ୍ୱର ଅଭାବରୁ ଭାପୁର ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିଜ ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ବିଧାୟକଙ୍କୁ ବାରମ୍ବାର ଭାପୁର କ୍ରିୟାନୁଷ୍ଠାନ କମିଟି ଦାବୀ କରି ଆସୁଥିଲେ ମଧ୍ୟ ସେ ରଣପୁର ବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ଚିନ୍ତିତ। ବହୁ ଆଡମ୍ବରେ ଲଘୁକ୍ରିୟା ପରି ବଡ଼ବଡ଼ ସ୍ୱାସ୍ଥ୍ୟ ସଭା କରି ଓଜସ୍ୱିନୀ ଭାଷଣ କେବଳ ଭାଷଣରେ ରହିଯାଇଛି। ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ବିଲଡିଙ୍ଗ ନିର୍ମାଣ ସମାପ୍ତ ପାଇଁ ୨ବର୍ଷ ଲାଗିଲା ପରେ ଏହାର ଉଦଘାଟନ ପାଇଁ ଆସନ୍ତା ଗୁଣ୍ଡିଚା କୁ ଦୁଇ ବର୍ଷ ହେବ କିନ୍ତୁ, ଉଦଘାଟନ ହୋଇପାରିଲା ନାହିଁ। ନୂତନ ବିଲଡିଙ୍ଗ ନିର୍ମାଣ ବେଳେ ଭାପୁର ଅଞ୍ଚଳବାସୀ ଖୁସି ହୋଇଥିଲେ, ଯାହାହେଉ ଆମ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେଲା କିନ୍ତୁ, ବର୍ତ୍ତମାନ ସବୁଠାରୁ ବଡ଼ ଭେଷଜ, ସ୍ତ୍ରୀ ରୋଗ ଏବଂ ସର୍ଜରୀ ବିଶେଷଜ୍ଞ ନାହାନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସର ବ୍ୟବସ୍ଥା ନାହିଁ, ଶବ ବ୍ୟବଚ୍ଛେଦ ଗୃହ ନାହିଁ, ଆବଶ୍ୟକୀୟ ନର୍ସ କି ଲାବୋରଟାରି ଟେକନିସିଆନ ନାହାନ୍ତି, ଏକ୍ସରେ କି ଇସିଜି ର ବ୍ୟବସ୍ଥା ନାହିଁ,ଆହାର କେନ୍ଦ୍ର ନାହିଁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ନାହିଁ, ୨୪ ଘଣ୍ଟିଆ ନିରାମୟ ଯୋଜନା ନାହିଁ କେବଳ ନାହିଁ ନାହିଁ ରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର। ଭାପୁର ଭଳି ଗରିବ ବ୍ଲକରେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ରୋଗୀ ମାନେ ଖୋର୍ଦ୍ଧା, ଭୁବନେଶ୍ୱର ରେଫର ହେଉଛନ୍ତି । ତେଣୁ, ଏକ ମାସ ମଧ୍ୟରେ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର ପଟ୍ଟନାୟକ ଏବଂ ସଭ୍ୟ ମାନେ ସ୍ୱାସ୍ଥ୍ୟମନ୍ତ୍ରୀ, ବିଧାୟକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ନଚେତ, ଅଞ୍ଚଳବାସୀ ଆଇନକୁ ହାତକୁ ନେବା ପାଇଁ ବାଧ ହେବେ ବୋଲି ଚରମବାଣୀ ଶୁଣେଇଛନ୍ତି।

ତିଥି :(ପଞ୍ଚମୀ): (ଜ୍ୟେଷ୍ଠା ବିଛା)

ଅମୃତ ବେଳା:ରାତ୍ରୀ ଘ ୮ ।୫ ଗତେ ଘ ୧୦ ।୨୯ ମଧ୍ୟେ

## ଆଜିର ଅନୁଚିନ୍ତନ

ସର୍ବତ୍ର ନିଜର ସ୍ୱରୂପକୁ ଦର୍ଶନ କରୁଥିବା ଓ ଧ୍ୟାନଯୋଗରେ ଅନ୍ତଃକରଣକୁ ନିମଜ୍ଜିତ କରିଥିବା ସାଂଖ୍ୟଯୋଗୀ ସମସ୍ତ ପ୍ରାଣୀଙ୍କ ଠାରେ ନିଜର ସ୍ୱରୂପକୁ ସ୍ଥିତ ଦେଖେ ଏବଂ ସମସ୍ତ ପ୍ରାଣୀଙ୍କୁ ନିଜ ସ୍ୱରୂପରେ ସ୍ଥିତ ଦେଖେ ।। - ଶ୍ରୀମଦ୍ ଭଗବଦ୍ ଗୀତା

# କେହି ଅସୁବିଧା ନ ଭୋଗନ୍ତୁ

ମଧ୍ୟପ୍ରାଚ୍ୟ ଯୁଦ୍ଧର କାରଣ ଏଯାଏଁ ସ୍ପଷ୍ଟ ନୁହେଁ, କିନ୍ତୁ କ୍ଷମତାଲିପ୍ସୁ ଧ୍ୱଂସ ଦୃଷ୍ଟିଭଙ୍ଗୀ ଥିବା ରାଷ୍ଟ୍ରଙ୍କ ଉନ୍ମତ୍ତକାଣ୍ଡ ସାରା ବିଶ୍ୱ ଏବେ ଦେଖୁଛି । ସେମାନଙ୍କ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ମଧ୍ୟରୁ ଏଲ୍‌ପିଜିର ସଂକଟ ସର୍ବତ୍ର ଅନୁଭୂତ ହେଉଛି । ଯୁଦ୍ଧର ୫ ସପ୍ତାହ ବିତିଥିଲେ ବି କେବେ ଏହାର ଅନ୍ତ ଘଟିବ, କେହି ଜାଣନ୍ତି ନାହିଁ । ତେବେ ଭାରତ ନିଜର ରଣକୌଶଳ ଆଧାରରେ ଏଲ୍‌ପିଜି, ଡିଜେଲ, ପେଟ୍ରୋଲ ପ୍ରଭୃତିରେ ନିଜର ସ୍ଥିତିକୁ ଜାହିର ରଖିବା ଫଳରେ ଦେଶବାସୀ ଉପକୃତ ହେଉଛନ୍ତି । ୧୪.୨ କିଲୋଗ୍ରାମ ବିଶିଷ୍ଟ ଘରୋଇ ସିଲିଣ୍ଡର ସବ୍‌ସିଡ୍‌ଯୁକ୍ତ ଓ ଏହା ଘରୋଇ ଗ୍ରାହକ ନିଜ ଆବଶ୍ୟକତା ମୁତାବକ ନିର୍ଦ୍ଧାରିତ ଅବଧି ବ୍ୟବଧାନରେ ବୁକିଂ କରିପାରୁଛନ୍ତି । ତେବେ ନିକଟରେ ଆମ ରାଜ୍ୟରେ ୫କେଜି ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ବା ଏଫ୍‌ଟିଏଲ୍ ସିଲିଣ୍ଡର ବିକ୍ରିବଟା ନେଇ ମନ୍ତ୍ରୀଙ୍କ କଟକଣାର ଦିନକ ପରେ ଯୋଗାଣ ବିଭାଗ ସଚିବ କହିଲେ ଏଲ୍‌ପିଜିର ଅଭାବ ନାହିଁ । ଏବେ କୁହାଯାଇଛି ୫କେଜିଆ ଏଲ୍‌ପିଜି ଛାତ୍ରଛାତ୍ରୀ, ଶ୍ରମିକ ପରିଚୟପତ୍ର ଦେଖାଇ କିଣିପାରିବେ ନାହିଁ । ମନ୍ତ୍ରୀଙ୍କ ବିବୃତି ଦିନ ଯେଉଁ ଆଶଙ୍କା ଥିଲା, ତାହା ପରଦିନ ଅବଶ୍ୟ ହଟିଲା । କିନ୍ତୁ ଏଭଳି ଦ୍ୱନ୍ଦ୍ୱପୂର୍ଣ୍ଣ ସ୍ଥିତି ଉପୁଜିବା ପୂର୍ବରୁ ଏକକ ବିବୃତି କାହିଁକି ପ୍ରକାଶ ପାଇଲାନାହିଁ, ଏହା ଭିନ୍ନ ଦିଗକୁ ସୂଚିତ କରେ ।

ଜାତୀୟସ୍ତରରେ ୫ କେଜିଆ ଏଲ୍‌ପିଜି ଯୋଗାଣର କୌଣସି କଟକଣା ନ ଥିବାବେଳେ ଓଡ଼ିଶାରେ ଏପରି କଟକଣାର ଯୁକ୍ତିଯୁକ୍ତତା ନ ଥିଲା । ଅବଶ୍ୟ ଯେଉଁମାନେ ଏହାର ବେଆଇନ କାରବାର ଅବା ବେଆଇନ ଭାବେ ଗଚ୍ଛିତ କରି ରଖୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାରେ କାହାରି ଆପତ୍ତି ରହିବ ନାହିଁ । କେହି ଅସୁବିଧା ନ ଭୋଗନ୍ତୁ ବିଶେଷକରି ସ୍ୱଳ୍ପ ଆୟକାରୀ, ଶ୍ରମିକ, ଘରୋଇ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ସେମାନଙ୍କ ସ୍ୱାର୍ଥ ତଥା ସୁବିଧାକୁ ପ୍ରାଥମିକ ଦିଆଯିବା ଗୁରୁତ୍ୱପୂର୍ଣ୍ଣ । ଯେଉଁମାନେ ଏପରି ସିଲିଣ୍ଡର ବିକ୍ରିବଟା ନେଇ ଦୁରୁପଯୋଗ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନିତାନ୍ତ ଆବଶ୍ୟକ । ରନ୍ଧନ ପାଇଁ ୫କେଜିଆ ସିଲିଣ୍ଡର ଉପରେ ବହୁ ଲୋକ ନିର୍ଭରଶୀଳ । ସମସ୍ତଙ୍କ ନିକଟରେ ପରିଚୟ ପତ୍ର ଯେ ଉପଲବ୍ଧ ହେବ ଏପରି ନୁହେଁ, ଯେଉଁଠାରେ ଶ୍ରମିକଙ୍କ ପରିଚୟ ପତ୍ର ନାହିଁ, ମାତ୍ର ଶ୍ରମ ବା ମଜୁରୀ କରିଥାନ୍ତି ସେମାନେ ଯେପରି ଏହି ସିଲିଣ୍ଡର ପାଇବେ ତାହା ସ୍ଥାନୀୟ କର୍ତ୍ତୃପକ୍ଷ ବା ଲୋକ ପ୍ରତିନିଧିଙ୍କ ଅନୁମୋଦନ ଜରିଆରେ ସୁବିଧା ଉପଲବ୍ଧ ହେବା ଆବଶ୍ୟକ । କୌଣସି କଳାବଜାରୀ ଅବା ମୁନାଫାଖୋର ବ୍ୟବସାୟୀଙ୍କ ହାତରେ ଏପରି ସିଲିଣ୍ଡର ନ ପଡୁ ସେଥିପ୍ରତି ପ୍ରଶାସନ ଯଥେଷ୍ଟ ଯତ୍ନଶୀଳ ହେବା ଉଚିତ ।

# ଇତିହାସ ପୃଷ୍ଠାରୁ କିଛି ରଣନୀତି

## ବିଷ୍ଣୁ ପ୍ରସାଦ ଦାସ

ସେମାନଙ୍କୁ ଅଲ୍ ଇଣ୍ଡିଆ ରେଡ଼ିଓ କଲିକତା ଷ୍ଟେସନରୁ ଗୁପ୍ତ ସଂକେତ ପଠାଇବାର ବ୍ୟବସ୍ଥା ହୋଇ ଥିଲା । କଲିକତା ରେଡ଼ିଓ ଷ୍ଟେସନ୍‌ରୁ ଏକ ନିର୍ଦ୍ଦିଷ୍ଟ ସଂଗୀତ ପରିବେଷଣ କରାଯିବ ଯାହା ଅନ୍ୟମାନଙ୍କ ପାଇଁ ଏକ ମନୋରଞ୍ଜନ ସଂଗୀତ ହୋଇପାରେ । କିନ୍ତୁ କମାଣ୍ଡୋମାନଙ୍କ ନିମନ୍ତେ ଏକ କଠୋର ପଦକ୍ଷେପ ନେବାର ନିର୍ଦ୍ଦେଶ ହେବ । ୧୩ ଅଗଷ୍ଟ ୧୯୭୧ ମସିହା ପ୍ରାତଃ କାଳରେ ରେଡିଓରେ ପଙ୍କଜ ମଲ୍ଲିକଙ୍କ ଏକ ସଂଗୀତ ପରିବେଷଣ ହେଲା ସଙ୍ଗୀତର ଶୀର୍ଷକ ଥିଲା । 'ଆମାର ପୁତୁଲ ଆଜକେ ଯାବେ ପ୍ରଥମ ଶଶୁର ବାଡ଼ି' କମାଣ୍ଡୋମାନଙ୍କ ପାଇଁ ବାର୍ତ୍ତା ଥିଲା ଆପଣମାନେ ପ୍ରସ୍ତୁତ ରୁହନ୍ତୁ ୨୪ ଘଣ୍ଟା ମଧ୍ୟରେ ଆପଣଙ୍କୁ ନିଜ ମିଶନରେ ଯିବାକୁ ପଡିବ ।

କମାଣ୍ଡୋମାନେ ଚଳଚଞ୍ଚଳ ହୋଇ ଉଠିଲେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଲେ । ୧୪ ଅଗଷ୍ଟ ୧୯୭୧ ମସିହା, ଅଲ୍ ଇଣ୍ଡିଆ ରେଡ଼ିଓ କଲିକତାରୁ ଆଉ ଏକ ସଂଗୀତ ଭାସି ଆସିଲା ତା'ର ଶୀର୍ଷକ ଥିଲା । 'ଆମି ତୋମାୟେ ଯତ ସୁନିଏ ଛିଲାମ୍ ଗାନ୍' ଏହାର ଗୁପ୍ତ ସଙ୍କେତ ହେଲା ନିଜ ଲକ୍ଷ୍ୟ ପଥରେ ଆଗେଇ ଯାଅ ଶତ୍ରୁକୁ ଉଚିତ ଶିକ୍ଷା ଦିଅ । ୧୪ ଅଗଷ୍ଟ ଶେଷ ହୋଇଯାଇଛି ୧୫ ଅଗଷ୍ଟ ଆରମ୍ଭ ହୋଇଆସୁଛି ରାତ୍ରି ୧ଟା ମେଘୁଆ ଆକାଶ କମାଣ୍ଡୋମାନେ ନିଜ ଶରୀରରେ ତେଲ ଏବଂ ଗ୍ରୀସ୍ ଲଗାଇ ନିଜର ସୁରକ୍ଷିତ ମିଶନ୍ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରୁଥିଲେ । କମାଣ୍ଡୋମାନେ ଜଳ ଭିତରେ ବୁଡି ୬/୭ କିଲୋମିଟର ପର୍ଯ୍ୟନ୍ତ ଯାଇ ଜାହାଜ ଗୁଡିକର ନିମ୍ନ ଭାଗରେ ଲିଂପୀଡ୍ ମାଇନ୍ ଲଗାଇବାକୁ ବାହାରି ଗଲେ । ଖୁବ୍ ସତର୍କତା ସହିତ ଜଳ ଭିତରେ ପାକିସ୍ତାନୀ ସୈନ୍ୟଙ୍କ ଅଗୋଚରରେ ସମସ୍ତେ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିପାରିଥିଲେ । ବଡ଼ ବଡ଼ ଜାହାଜର ନିମ୍ନଭାଗରେ ଏକାଧିକ ଲିଂପୀଡ୍ ମାଇନ୍ ଲଗାଇବାକୁ ପଡିଥିଲା । ମାଇନ୍‌ଗୁଡିକର ସେଫଟି ପିନ୍ ବାହାର କରି ସମସ୍ତେ ଖୁବ୍ କମ୍ ସମୟ ମଧ୍ୟରେ କୂଳକୁ ଫେରି ଆସିଥିଲେ । ରାତି ୧.୪୫ ମିନିଟ୍ ପ୍ରଥମ ବିସ୍ଫୋରଣ ହେଲା । କେହି କିଛି ଜାଣିବା ଆଗରୁ ଗୋଟିକ ପରେ ଗୋଟିଏ ଜାହାଜ ବିସ୍ଫୋରଣରେ ଭାଙ୍ଗି ଜଳ ସମାଧି ନେଲା । ପ୍ରାୟ ୩୦ ମିନିଟ୍ ମଧ୍ୟରେ ୪ ଗୋଟି ବନ୍ଦରରେ ବିସ୍ଫୋରଣ ଜନିତ ପ୍ରାୟ ୪୫ଟି ଜାହାଜ ଧ୍ୱଂସ ହୋଇଗଲା । ଏମ୍‌ଭି ଆବାସ୍ , ଏମ୍‌ଭି ଓରିଏଣ୍ଟ ପରି ବିଶାଳ ଜାହାଜ ମଧ୍ୟ ଏଥିରୁ ବାଦ୍ ପଡି ନ ଥିଲା ।

ପାକିସ୍ତାନୀ ସୈନ୍ୟମାନେ ପାଗଳ ପ୍ରାୟ ହୋଇ ଆକାଶକୁ , ଜଳକୁ , ସ୍ଥଳକୁ ଗୁଳି ଚଳାଉ ଥିଲେ । ସେମାନେ ଭାବିଥିଲେ ବୋଧହୁଏ ଭାରତୀୟ ବିମାନ ବାହିନୀ ବା ନୌବାହିନୀ ଦ୍ୱାରା ଏହି ଆକ୍ରମଣ ହୋଇଛି । ରାଡ଼ାର୍ ଚେକ୍ ହେଲା ସୋନାର୍ ଚେକ୍ ହେଲା କିନ୍ତୁ କୌଣସି ସ୍ଥାନରେ ଭାରତୀୟଙ୍କ ଉପସ୍ଥିତିର ସୂଚନା ମିଳି ନ ଥିଲା । କମାଣ୍ଡୋମାନେ ନୀରବରେ ଏତେ ବଡ଼ ଧ୍ୱଂସ ରଚିଦେଇ ଆସିଲେ ଯାହାକି ପାକିସ୍ଥାନ ସେନା ସ୍ୱପ୍ନରେ ମଧ୍ୟ ଭାବି ନଥିଲେ । ପାକିସ୍ତାନର ମେରୁଦଣ୍ଡ ଭାଙ୍ଗିଗଲା ତା'ର ସପ୍ଲାଇ ଚେନ୍ ବନ୍ଦ ହୋଇଗଲା । ବନ୍ଦରଗୁଡିକ ଜାହାଜର ଭଗ୍ନାବଶେଷରେ ପରିପୂର୍ଣ୍ଣ ଥିବାରୁ ନୂତନ ଭାବେ ଜାହାଜ ଚଳାଚଳ କରିବାକୁ ଅନେକ ଦିନ ଲାଗିଗଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଏହା ଥିଲା ଏକ ପ୍ରଳୟଙ୍କରୀ ନୌ ଆକ୍ରମଣ । ପାକିସ୍ତାନୀ ସେନା ପାଇଁ ଏହା ଥିଲା ଏକ ମନୋବୈଜ୍ଞାନିକ ପରାଜୟ । ସେନା ବାହିନୀ ମୁକ୍ତି ବାହିନୀକୁ ମନେ ମନେ ଭୟ କରିବାକୁ ଆରମ୍ଭ କରି ଦେଇଥିଲେ । ପୃଥିବୀ ଜାଣିଗଲା ଏହା ଏକ ସୁସଂଗଠିତ ସାମରିକ କାର୍ଯ୍ୟାନୁଷ୍ଠାନ ଯାହାକି ପାକିସ୍ତାନର ମନୋବଳ ଭାଙ୍ଗି ଦେଇଛି । ଡିସେମ୍ବର ୧୯୭୧ ଯେତେବେଳେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଗଲା ସେତେବେଳେ ପାକିସ୍ତାନୀ ସେନା ଅନେକାଂଶରେ ଦୁର୍ବଳ ହୋଇ ଯାଇଥିଲେ । ଗୋଟିଏ ପଟେ ଭାରତୀୟ ସୈନିକ ଅନ୍ୟପଟେ ମୁକ୍ତି ବାହିନୀ ଦୁହିଁଙ୍କୁ ପ୍ରତିରୋଧ କରିବା ସହଜ ନ ଥିଲା । ୧୬ ଡିସେମ୍ବର୧୯୭୧ ଯେତେବେଳେ ଖୋଲା ଷ୍ଟାଡିଅମ୍‌ରେ ଜେନେରାଲ୍ ନିଆଜି ପ୍ରାୟ ୯୦ ହଜାର ସୈନ୍ୟ ସହିତ ଆତ୍ମ ସମର୍ପଣ କଲେ ସେତେବେଳେ ଯେଉଁ ନୂତନ ରାଷ୍ଟ୍ର ଜନ୍ମ ନେଲା ତାର ନାମ ବାଂଲାଦେଶ ରଖାଗଲା । ଯେଉଁମାନେ ଅପରେସନ୍ ଜ୍ୟାକ୍ ପଟ୍ ଦ୍ୱାରା ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଥିଲେ କାହିଁ କେତେଜଣ ସେମାନଙ୍କୁ ମନେ ରଖିଛନ୍ତି ? ତାଙ୍କର ଦେଶ ପ୍ରେମ ତ୍ୟାଗକୁ ରୋମନ୍ଥନ କରୁଛନ୍ତି ? ଅଜ୍ଞାତ ଦେଶପ୍ରେମୀ ସୈନିକ ହିସାବରେ ସେମାନେ ଇତିହାସ ପୃଷ୍ଠାରେ ସ୍ଥାନିତ ହୋଇନାହାନ୍ତି ସତ କିନ୍ତୁ ସେମାନଙ୍କ ତ୍ୟାଗକୁ ବାଂଲାଦେଶୀମାନେ ନିଶ୍ଚିତ ମନେ ରଖିବେ । ଦେଶ ସ୍ୱାଧୀନ ହେଲା ନୂତନ ସୂର୍ଯ୍ୟାଲୋକ ସହିତ ବାଂଲାଦେଶକୁ ଭାରତ ପ୍ରଥମେ ସ୍ୱୀକୃତି ପ୍ରଦାନ କରିଥିଲା । ପ୍ରତିଟି ପରାଧୀନ ରାଷ୍ଟ୍ରର ସ୍ୱାଧୀନତା ସଂଗ୍ରାମରେ ଅନେକ ଅନ୍‌ନୋନ୍ ସୋଲଜର୍‌ମାନଙ୍କ ଅବଦାନ ରହିଛି ଯାହାକି ଆମକୁ ଦେଶ ପ୍ରେମର ପ୍ରେରଣା ଯୋଗାଉଛି । ନୂତନ ଯୁବପିଢ଼ି ଏହାର ମହତ୍ତ୍ୱ ବୁଝିବାକୁ ଚେଷ୍ଟା କରୁନାହାନ୍ତି । ଜେନ୍ ଜି ନାମରେ ବାଂଲାଦେଶ ଅସ୍ଥିରତା/ଅରାଜକତା ମଧ୍ୟରେ ଗତି କରୁଥିଲା । ବର୍ତ୍ତମାନ ନୂତନ ସରକାର୍ ଏହାକୁ କିଛି ମାତ୍ରାରେ ନିଜ ଆୟତ୍ତକୁ ଆଣି ପାରିଛନ୍ତି । ଭାରତ ବିରୋଧୀ ଶକ୍ତିମାନେ ବାଂଲା ଦେଶରେ ଜନତାଙ୍କୁ ଭାରତ ଏକ ଶତ୍ରୁ ରାଷ୍ଟ୍ର ବୋଲି ପ୍ରଚାରିତ କରୁଛନ୍ତି । ସେମାନେ ଯଦି ତାଙ୍କ ଇତିହାସ ପଢ଼ିବେ ତେବେ କିଏ ଶତ୍ରୁ କିଏ ମିତ୍ର ନିଶ୍ଚୟ ଉତ୍ତର ପାଇଯିବେ । (ଶେଷଭାଗ)

ମୋ: ୯୯୩୭୧୭୪୦୯୭

# ପଶ୍ଚିମ ଏସିଆରେ ଯୁଦ୍ଧ ପ୍ରସଙ୍ଗ : ଭାରତର 'ଷ୍ଟ୍ରାଟେଜିକ ସାଇଲେନ୍ସ'

## ଡ. ସମନ୍ୱୟ ନନ୍ଦ

"ସରଳ ଭାବେ ଯଦି ଆମେ ବୁଝିବାକୁ ଚେଷ୍ଟା କରିବା ତେବେ ଭାରତ ଏହି ଯୁଦ୍ଧ ପରିସ୍ଥିତିରେ ଯେଉଁ ରଣନୀତି ବା ଆଭିମୁଖ୍ୟ ଆପଣାଇଛି ଯାହା ଦ୍ୱାରା ଦୀର୍ଘକାଳୀନ ଭିତ୍ତିରେ ଭାରତ ନିକଟରେ ମେନୁଭେରେବିଲିଟି ତିଆରି ହେବ । ଯଦି ଭାରତ ଆଜି ତାରିଖରେ ଇସ୍ରାଏଲ କିମ୍ବା ଆମେରିକାକୁ ନିନ୍ଦା କରି ନାହିଁ କିମ୍ବା ଇରାନକୁ କୌଣସି ପ୍ରକାରରେ ଗୁପ୍ତ ଭାବରେ ହେଲେ ମଧ୍ୟ ସହଯୋଗ କରି ନାହିଁ ତେବେ ଭାରତ ଏକ ସ୍ଥାନ ତିଆରି କରିପାରିବ । ଯଦି ପରେ କୌଣସି ପରିସ୍ଥିତିରେ ଏହି ଯୁଦ୍ଧକୁ ସମାପ୍ତ କରିବାକୁ ମଧ୍ୟସ୍ଥତାର ଆବଶ୍ୟକତା ପଡିବ ତେବେ ଭାରତ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇ ପାରେ । ଐତିହାସିକ ଦୃଷ୍ଟିରୁ ଏପରି ଅନେକ ଉଦାହରଣ ରହିଛି ।

ଇରାନ ଉପରେ ଇସ୍ରାଏଲ-ଆମେରିକା ଦ୍ୱାରା ଆକ୍ରମଣ ଓ ଏହା ପରେ ଇରାନ ଦ୍ୱାରା ବିଭିନ୍ନ ଉପସାଗରୀୟ ଦେଶଗୁଡିକ ଉପରେ ପ୍ରତି ଆକ୍ରମଣ ଘଟଣାରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ ହୋଇଛି । ସଂସଦରେ ନିଜ ଆଡୁ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ଭାରତର ନୀତି ଓ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି । ଏହି ଲେଖାରେ ଭାରତର ଏହି ନୀତି ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିବା । ବୈଦେଶିକ ମନ୍ତ୍ରୀ ସଂସଦରେ ଦେଇଥିବା ବକ୍ତବ୍ୟକୁ ଯଦି ଭଲ ଭାବେ ଅନୁଶୀଳନ କରିବା ତେବେ ଦେଖିବା ଯେ ଭାରତ ମୋଟ ଉପରେ ଚାରୋଟି ମୁଖ୍ୟ ସିଦ୍ଧାନ୍ତକୁ ନେଇ ତାର ଆଭିମୁଖ୍ୟକୁ ସାମନାକୁ ଆଣିଛି । ଏଥିରେ ସର୍ବପ୍ରଥମ ହେଲା ଯେ ଏହି ଯୁଦ୍ଧଗ୍ରସ୍ତ ଉପସାଗରୀୟ ଅଞ୍ଚଳରେ ଥିବା ଦେଶ ମାନଙ୍କରେ ରହୁଥିବା ପ୍ରବାସୀ ଭାରତୀୟ ମାନଙ୍କର ସୁରକ୍ଷା । ଯେପରିକି ସମସ୍ତେ ଜାଣନ୍ତି ଏହି ଦେଶମାନଙ୍କରେ ଖୁବ ଅଧିକ ସଂଖ୍ୟାରେ ଭାରତୀୟ ନାଗରିକମାନେ କାମ କରିଥାନ୍ତି । ତେଣୁ ଏହି ଭାରତୀୟ ନାଗରିକମାନଙ୍କର ସୁରକ୍ଷା ଭାରତ ପ୍ରତିବଦ୍ଧ । ସେମାନଙ୍କ ସୁରକ୍ଷା ସହ ଯଦି ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଆବଶ୍ୟକତା ଆସେ ତେବେ ସେମାନଙ୍କୁ ଦେଶକୁ ଫେରାଇ ଆଣିବା ଉପରେ ଭାରତର ଧ୍ୟାନ ରହିବ ।

ଦ୍ୱିତୀୟ କଥା ହେଲା ଯେ ଏହି ଉପସାଗରୀୟ ଦେଶମାନଙ୍କରେ ଅନେକ ଭାରତୀୟ ନାଗରିକ କାମ କରୁଥିବା କାରଣରୁ ଭାରତକୁ ଏହି ଅଂଚଳରୁ ଆମ ଦେଶକୁ ବିଦେଶୀ ଅର୍ଥ (ଫରେନ ରେମିଟେନ୍ସ) ହାସଲ ହୋଇଥାଏ । ଏହି ଅର୍ଥ ଭାରତର ଅର୍ଥନୈତିକ ପ୍ରଗତି କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଆର୍ଥିକ ବିକାଶ କ୍ଷେତ୍ରରେ ଏହି ବିଦେଶରୁ ଆସୁଥିବା ଅର୍ଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ତେଣୁ ବର୍ତ୍ତମାନ ସମୟରେ ଆମ ପାଇଁ ସବୁଠାରୁ ବଡ ପ୍ରାଥମିକତା ହେଲା ଯେ ଏହି ଫରେନ ରେମିଟେନ୍ସ ଦୀର୍ଘ କାଳୀନ ସ୍ଥିତିରେ କିପରି ଅବାଧ ଭାବେ ଜାରୀ ରହିବ । ଆମ ଦେଶର ବିକାଶ କାହାଣୀରେ ଏହାର ଯୋଗଦାନ କିପରି ଚାଲୁ ରହିବ ତାହା ସୁନିଶ୍ଚିତ କରିବା । ତୃତୀୟ ସବୁଠାରୁ ବଡ କଥା ହେଲା ଯେ ଭାରତ ଚାହେଁ ଯେ ଆମ ଦେଶର ଶକ୍ତି ଚାହିଦାକୁ ମେଣ୍ଟାଇବାକୁ ଆମଦାନି ହେଉଥିବା ପେଟ୍ରୋଲିୟମ ଉତ୍ପାଦ ଓ ଗ୍ୟାସର ଯୋଗାଣକୁ କୌଣସି ପରିସ୍ଥିତିରେ ବାଧିତ ହେବାକୁ ଦିଆଯିବ ନାହିଁ । ପେଟ୍ରୋଲିୟମ ଉତ୍ପାଦ ଓ ଗ୍ୟାସ ପାଇଁ ବର୍ତ୍ତମାନ ସମୟରେ ଭାରତ ପଶ୍ଚିମ ଏସିଆର ଅନେକ ଦେଶ ସହ କଥାବାର୍ତ୍ତା କରି ସେମାନଙ୍କ ଠାରୁ ନିଜର ଏହି ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ଆବଶ୍ୟକ ତୈଳ ଓ ଗ୍ୟାସ ଆମଦାନି କରୁଛି । ଭାରତ ଏବେ ମଧ୍ୟ ତାର ଘରୋଇ ଶକ୍ତି ଚାହିଦା ମେଂଟାଇବା ପାଇଁ ବାହାର ଦେଶମାନଙ୍କ ଉପରେ ନିର୍ଭରଶୀଳ । ତେଣୁ ଏହି ଉପସାଗରୀୟ ଅଂଚଳ ଭାରତ ପାଇଁ ଶକ୍ତି ଚାହିଦା ମେଂଟାଇବା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଭଳି ସ୍ଥିତିରେ ଦେଶର ଶକ୍ତି ଚାହିଦାକୁ ପୂରଣ କରିବା ଓ ଯୋଗାଣ କିପରି ବାଧିତ ନ ହେବ ତାହା ସୁନିଶ୍ଚିତ କରିବା ଭାରତର ରଣନୀତିର ଏକ ପ୍ରମୁଖ ଲକ୍ଷ୍ୟ ।

ଭାରତର ରଣନୀତିର ଚତୁର୍ଥ ସିଦ୍ଧାନ୍ତ ହେଲା ଯେ, ଭାରତ ଏବେ ସୁଦ୍ଧା ଏହି ଉପସାଗରୀୟ ଅଂଚଳର ସୁନ୍ନି ଦେଶ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସନ୍ତୁଳନ ସ୍ଥାପିତ କରି ଆସୁଛି । ଏହି ସନ୍ତୁଳନର ଅର୍ଥ ହେଲା ଯେ ଭାରତର ସମ୍ପର୍କ ସୁନ୍ନି ମୁସଲମାନ ଦେଶ ମାନଙ୍କ ସହିତ ଖୁବ୍ ଭଲ ରହିଛି । ଏହି ସୁନ୍ନି ମୁସଲମାନ ଦେଶମାନଙ୍କରୁ ଭାରତ ତାର ଶକ୍ତି ଚାହିଦାକୁ ପୂରଣ କରିଥାଏ ।

ସେହିପରି ଇସ୍ରାଏଲ ସହିତ ଭାରତର ସମ୍ପର୍କ ଅତ୍ୟନ୍ତ ଭଲ ରହିଛି । ପ୍ରତିରକ୍ଷା ଓ କୃଷି ସହଯୋଗ କ୍ଷେତ୍ରରେ ଇସ୍ରାଏଲ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହିପରି ଇରାନର ଚାବାହାର ବନ୍ଦର ବ୍ୟବହାର କରି ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଫଗାନିସ୍ତାନକୁ ପହଞ୍ଚିବାରେ ସାହାଯ୍ୟ କରିବା ସହ ସେଣ୍ଟ୍ରାଲ ଏସିଆ ପହଞ୍ଚିବା ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହି କାରଣରୁ ଏହି ଯୁଦ୍ଧ ପ୍ରସଙ୍ଗରେ ଭାରତ କୌଣସି ପକ୍ଷର ସମର୍ଥନରେ କିମ୍ବା କୌଣସି ପକ୍ଷର ବିରୋଧରେ ଠିଆ ହୋଇଥିବା ଭଳି ବକ୍ତବ୍ୟ ପ୍ରଦାନ କରି ନାହିଁ । ସରଳ କୂଟନୈତିକ ଭାଷାରେ ରଣନୈତିକ ନୀରବତା ('ଷ୍ଟ୍ରାଟେଜିକ ସାଇଲେନ୍ସ') ବୋଲି କୁହାଯାଇଥାଏ ।

ଏଠାରେ ସ୍ପଷ୍ଟ କରିଦେବା ଉଚିତ ହେବ ଯେ 'ଷ୍ଟ୍ରାଟେଜିକ ସାଇଲେନ୍ସ'ର ଅର୍ଥ ଇନାଇକ୍ଟିଭିଟି ନୁହେଁ । 'ଷ୍ଟ୍ରାଟେଜିକ ସାଇଲେନ୍ସ' କୁ ଏଠାରେ ଏଇଥି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଇଥାଏ, ଯେତେବେଳେ ଏଭଳି ପରିସ୍ଥିତିରେ କୌଣସି ଦେଶର ଜାତୀୟ ସ୍ୱାର୍ଥ ସର୍ବାଧିକ ଗୁରୁତ୍ୱ ବହନ କରେ । ସେହି ପରିସ୍ଥିତିରେ କୌଣସି ଦେଶର ଲକ୍ଷ୍ୟ ଏଭଳି ହେବା ଉଚିତ ଯେ ଉକ୍ତ ଦେଶ ସାର୍ବଜନୀନ ଭାବେ କୌଣସି ଗୋଟିଏ ଦେଶ ବା ପକ୍ଷର ସମର୍ଥନରେ ବାହାରିବା ଉଚିତ ନୁହେଁ । ଯଦି କୌଣସି ଦେଶ ଏଭଳି ସ୍ଥିତିରେ ଗୋଟିଏ ପକ୍ଷ କିମ୍ବା ଦେଶ ସମର୍ଥନରେ ବାହାରିଥାଏ ତେବେ ଦୀର୍ଘକାଳୀନ ସ୍ଥିତିରେ ତାକୁ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଥାଏ । ଏପରି କରିବା ଦ୍ୱାରା ଉକ୍ତ ଦେଶର ବିଦେଶ ନୀତି ପରିଚାଳନା ବେଳେ ମେନୁଭେରେବିଲିଟି ହ୍ରାସ ପାଇଥାଏ । ତେଣୁ ଆଜିର ତାରିଖରେ ଭାରତ ଦୀର୍ଘକାଳୀନ ଭିତିରେ ଷ୍ଟ୍ରାଟେଜିକ ମେନୁଭେରେବିଲିଟି ଚାହୁଁଛି । ଏହି ଦୃଷ୍ଟିକୋଣ ନେଇ କାର୍ଯ୍ୟ କରୁଛି ।

ସରଳ ଭାବେ ଯଦି ଆମେ ବୁଝିବାକୁ ଚେଷ୍ଟା କରିବା ତେବେ ଭାରତ ଏହି ଯୁଦ୍ଧ ପରିସ୍ଥିତିରେ ଯେଉଁ ରଣନୀତି ବା ଆଭିମୁଖ୍ୟ ଆପଣାଇଛି ଯାହା ଦ୍ୱାରା ଦୀର୍ଘକାଳୀନ ଭିତ୍ତିରେ ଭାରତ ନିକଟରେ ମେନୁଭେରେବିଲିଟି ତିଆରି ହେବ । ଯଦି ଭାରତ ଆଜି ତାରିଖରେ ଇସ୍ରାଏଲ କିମ୍ବା ଆମେରିକାକୁ ନିନ୍ଦା କରି ନାହିଁ କିମ୍ବା ଇରାନକୁ କୌଣସି ପ୍ରକାରରେ ଗୁପ୍ତ ଭାବରେ ହେଲେ ମଧ୍ୟ ସହଯୋଗ କରି ନାହିଁ ତେବେ ଭାରତ ଏକ ସ୍ଥାନ ତିଆରି କରିପାରିବ । ଯଦି ପରେ କୌଣସି ପରିସ୍ଥିତିରେ ଏହି ଯୁଦ୍ଧକୁ ସମାପ୍ତ କରିବାକୁ ମଧ୍ୟସ୍ଥତାର ଆବଶ୍ୟକତା ପଡିବ ତେବେ ଭାରତ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇ ପାରେ । ଐତିହାସିକ ଦୃଷ୍ଟିରୁ ଏପରି ଅନେକ ଉଦାହରଣ ରହିଛି ।

ତେଣୁ ଏଠାରେ ମେନୁଭେରେବିଲିଟି ବଢାଇବାକୁ ଧ୍ୟାନରେ ରଖି ଭାରତ ଦୀର୍ଘକାଳୀନ ଭିତ୍ତିରେ ଏକ ସ୍ଥାନ ତିଆରି କରିବାକୁ ପ୍ରୟାସ କରିଛି ।

ଏହି ସମ୍ପୂର୍ଣ୍ଣ ମାମଲାରେ ଭାରତ ଯେଉଁ ରଣନୀତି ଆପଣାଇଛି ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଭାରତ ତାର ବୈଦେଶିକ ନୀତିରେ 'ବୈଚାରିକ ଲିନିଂ'କୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦେଇଛି । 'ବୈଚାରିକ ଲିନିଂ'ଅର୍ଥ ହେଉଛି କୌଣସି ପୂର୍ବ ନିର୍ଦ୍ଧାରିତ ଲେନ୍ସରୁ ଦେଖି ବିଦେଶ ନୀତି ସ୍ଥିର କରିବା । ଭାରତ ସ୍ପଷ୍ଟ କରି ଦେଇଛି ଭାରତର ବିଦେଶ ନୀତି 'ବୈଚାରିକ ଲିନିଂ'ଆଧାରରେ ନୁହେଁ ବରଂ ବ୍ୟାବହାରିକତା ଆଧାରରେ ହେବ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯଦି ଆମେ ଦେଖିବା ତେବେ ପାଇବା ଯେ ଏହି ମାମଲାରେ ଭାରତ ତାର 'ଷ୍ଟ୍ରାଟେଜିକ ଅଟନୋମୀ'କୁ ବଜାୟ ରଖିଛି । ଭାରତ କାହା ଚାପରେ ନ ଆସି ନିଜ ଦେଶର ସ୍ୱାର୍ଥକୁ ସର୍ବୋପରି ମନେ କରି ତାର ଆଭିମୁଖ୍ୟ ସ୍ଥିର କରିଛି । ଭାରତର ଜାତୀୟ ସ୍ୱାର୍ଥ ଯେପରିକି ପ୍ରବାସୀ ଭାରତୀୟଙ୍କ ସୁରକ୍ଷା, ଦେଶବାସୀଙ୍କର ତୈଳ ଓ ଗ୍ୟାସ ଚାହିଦା ପୂରଣ କରିବା, ବିଦେଶୀ ରେମିଟେନ୍ସ ତଥା ସୁନ୍ନି ଦେଶ, ଇସ୍ରାଏଲ ଓ ଇରାନ ସହ ସନ୍ତୁଳନ ସ୍ଥାପିତ କରିବା ଆଧାରରେ ଭାରତ ତାର ଆଭିମୁଖ୍ୟ ସ୍ଥିର କରିଛି ।

ତେଣୁ ଇରାନ ଯୁଦ୍ଧ ସମୟରେ ଭାରତ 'ଷ୍ଟ୍ରାଟେଜିକ ସାଇଲେନ୍ସ' ସହିତ 'ଷ୍ଟ୍ରାଟେଜିକ ଅଟୋନମୀ' ତଥା ବିଭିନ୍ନ ଦେଶ ସହ ସମ୍ପର୍କ ରକ୍ଷା କରିବାର ନୀତି ଆପଣାଇଛି । ଆଗାମୀ ଦିନରେ ଯେବେ ଏହି ଯୁଦ୍ଧ ସମାପ୍ତ ହେବ ଓ ପୁନର୍ନିର୍ମାଣର କଥା ଆସିବ ସେତେବେଳେ ଭାରତ ଏକ ବିଶ୍ୱସନୀୟ ଦେଶ ଭାବେ ଏହି କାର୍ଯ୍ୟରେ ମଧ୍ୟ ଯୋଗ ଦେଇ ପାରିବ । ତେଣୁ ମୋଟ ଉପରେ କହିବାକୁ ଗଲେ ଭାରତ ଭାରତ ଓ ଭାରତବାସୀଙ୍କ ସ୍ୱାର୍ଥକୁ କେନ୍ଦ୍ରରେ ରଖି ଏକ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛି ଯାହାର ପ୍ରଭାବ ସୁଦୂରପ୍ରସାରୀ ହେବ ।

# ବଳିଷ୍ଠ ନେତୃତ୍ୱ ଉପରେ ନିର୍ଭର କରେ ବିକାଶ

## ସୁଧାଂଶୁ ରଞ୍ଜନ ଦାସ

"ପ୍ରକୃତ ଶିକ୍ଷା ଓ ସଂସ୍କାର ବିନା ନେତା ଏକ ବିଷ ବୃକ୍ଷ ପରି ହୋଇଥାଏ । ତେଣୁ ନେତା ହେବା ପାଇଁ ଇଚ୍ଛୁକ ଯୁବପିଢ଼ି ପ୍ରଥମେ ସ୍କୁଲ ଓ କଲେଜ ଶିକ୍ଷା ପରେ ରାଜ୍ୟର ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ରାଜନୈତିକ ପରିସ୍ଥିତି ଉପରେ ସମ୍ପୂର୍ଣ୍ଣ ଜ୍ଞାନ ଅର୍ଜନ କରିବା ଦରକାର । ଏଥିପାଇଁ ଯୁବନେତାଙ୍କୁ ରାଜନୀତିରେ ପାଦ ଦେବା ପୂର୍ବରୁ ପ୍ରଥମେ ଅତିକମରେ ପାଞ୍ଚ ବର୍ଷ ରାଜ୍ୟର ସମସ୍ତ ଗାଁ ଓ ସହରଗୁଡିକ ବୁଲି ଲୋକଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥା ହୃଦୟଙ୍ଗମ କରିବା ଉଚିତ । ଯୁବନେତା ରାଜ୍ୟର ବିଦ୍ୟାଳୟ, ହସ୍ପିଟାଲ, ଚାଷଜମି, ଜଙ୍ଗଲ, ପାହାଡ଼, ନଦୀ, ହ୍ରଦ ଓ ଫସଲ ବିବିଧତାର ବର୍ତ୍ତମାନର ସ୍ଥିତି ଅନୁଧ୍ୟାନ କରିବା ଉଚିତ ।

ରାଜ୍ୟ ଚଳାଇବାକୁ ପୂର୍ବ କାଳରେ ରାଜାଙ୍କ ଆବଶ୍ୟକତା ଥିଲା ଓ ସବୁ ରାଜକୁମାରମାନେ ରାଜା ହେବାକୁ ଯୋଗ୍ୟ ନ ଥିଲେ । ଅଯୋଗ୍ୟ ରାଜକୁମାର ଯଦି ରାଜା ହେଉଥିଲା ସେ ରାଜ୍ୟକୁ ଦୁର୍ବଳ କରିଦେବା ସଂଗେ ସଂଗେ ତୋଷାମଦକାରୀ ମନ୍ତ୍ରୀ ପରିଷଦଙ୍କ ସାଙ୍ଗରେ ମିଶି ପ୍ରଜାଙ୍କୁ ଅସହ୍ୟ ପୀଡା ଦେଉଥିଲା । ଯିଏ ସେହି ରାଜା ବିରୋଧରେ ମୁହଁ ଖୋଲୁଥିଲା ତାକୁ କାରାଗାରରେ ବନ୍ଦ କରାଯାଉଥିଲା । କିନ୍ତୁ ଯୋଗ୍ୟ ରାଜା ରାଜ୍ୟକୁ ସମୃଦ୍ଧିର ଶିଖରରେ ପହଞ୍ଚାଉଥିଲା । ସେ ନିଜେ ସମସ୍ତ କଷ୍ଟ ଉଠାଇ ପ୍ରଜାଙ୍କ ହିତ ପାଇଁ କାମ କରୁଥିଲା । ରାଜା ହେବା ପାଇଁ ପ୍ରସ୍ତୁତି ବାଲ୍ୟ କାଳରୁ ଆରମ୍ଭ ହେଉଥିଲା । ସେଥିପାଇଁ ରାଜକୁମାରମାନଙ୍କୁ ଗୁରୁକୁଳ ଆଶ୍ରମରେ ରହି ଋଷିମୁନିଙ୍କ ଠାରୁ ବିଦ୍ୟା, ସାମାଜିକ ବ୍ୟବହାର, ଯୁଦ୍ଧ କୌଶଳ, ରାଜ୍ୟବାସୀଙ୍କ ପ୍ରତି କର୍ତ୍ତବ୍ୟ ଓ ରାଜକାର୍ଯ୍ୟ ଇତ୍ୟାଦି ଶିକ୍ଷା କରିବାକୁ ପଡୁଥିଲା । ବଣରେ ରହି ବିଦ୍ୟା ଅର୍ଜନ କରିବା ସଂଗେ ସଂଗେ ସେମାନେ ଚାଷ କାମ, ରୋଷେଇ ଓ ଗୃହ ନିର୍ମାଣ ଇତ୍ୟାଦି ସମସ୍ତ ବିଷୟ ଶିଖୁଥିଲେ । ଜଙ୍ଗଲରେ ଅନେକ ବିପଦର ସାମ୍ନା କରିବାକୁ ପଡୁଥିଲା । ଏହା ସେମାନଙ୍କ ଭିତରେ ଧୈର୍ଯ୍ୟ , ସାହସ, କୌଶଳ ଓ ସହଯୋଗ ଭାବ ସୃଷ୍ଟି କରୁଥିଲା । ରାଜ୍ୟ ଚଳାଇବାର ଗୁରୁଦାୟିତ୍ୱ ରାଜକୁମାରମାନଙ୍କୁ ବାଳକ ଅବସ୍ଥାରୁ ଅବଗତ କରାଯାଉଥିଲା । ରାଜ୍ୟ ଓ ରାଜ୍ୟବାସୀଙ୍କର ସୁରକ୍ଷା ପାଇଁ ରାଜା ନିଜକୁ ଅତ୍ୟନ୍ତ ଶକ୍ତିଶାଳୀ କରୁଥିଲା । ପୂର୍ବେ ରାଜାର ନେତୃତ୍ୱ ଓ ଶକ୍ତି ଉପରେ ରାଜ୍ୟର ଭାଗ୍ୟ ନିର୍ଭର କରୁଥିଲା । ଏକ ଆଦର୍ଶ ଭାରତୀୟ ରାଜାର ଜୀବନ ଅତ୍ୟନ୍ତ କଷ୍ଟ ଦାୟକ ଥିଲା ।

ଦଶରଥଙ୍କ ପୁତ୍ର ଶ୍ରୀରାମ ରାଜ୍ୟବାସୀଙ୍କର ବିକାଶ ପାଇଁ ନିଜର ସମସ୍ତ ରାଜକୀୟ ସୁଖକୁ ବଳିଦେଇଥିଲେ । ପୂର୍ବ କାଳରେ ଏକ ଉତ୍ତମ ରାଜା ଦେଶର ପ୍ରକୃତ ବିକାଶ କରିପାରୁଥିଲେ, ଯାହା ଆଜିର ଗଣତନ୍ତ୍ର କିମ୍ବା କମ୍ୟୁନିଷ୍ଟ ଶାସନରେ ସମ୍ଭବ ହେଉନାହିଁ । ଭାରତୀୟ ରାଜ ପରମ୍ପରା ଆଜି ମଧ୍ୟ ରାଜନେତାଙ୍କୁ ସୁଶାସନ ପ୍ରତିଷ୍ଠା ପାଇଁ ପ୍ରେରଣା ଯୋଗାଇପାରିବ । ଆଜିର ଯୁବନେତାମାନେ ଏହି ଉନ୍ନତ ଭାରତୀୟ ପରମ୍ପରାକୁ ଅନୁକରଣ କରି ନିଜକୁ ଏକ ସାହସୀ ଓ ଦକ୍ଷ ରାଜନେତାର ପରିଣତ କଲେ ଏହା ଓଡିଶାକୁ ସମୃଦ୍ଧ କରିବ ।

ଇଂରେଜ ସରକାର ଭାରତୀୟ ରାଜାମାନଙ୍କର ଶାସନ କରିବା ଗୁଣଗୁଡିକୁ ନଷ୍ଟ କରିଦେଇଥିଲେ । ରାଜାମାନଙ୍କର ସାହସ ଓ ଆତ୍ମ ଅଭିମାନ ନଷ୍ଟ କରିବା ପାଇଁ ଇଂରେଜ ସରକାର ସେମାନଙ୍କୁ ବିଦେଶୀ ମଦ ପିଆଇ ଆମୋଦ ପ୍ରମୋଦ ଭିତରେ ରଖିଥିଲେ । କାଳକ୍ରମେ ଭାରତୀୟ ରାଜାମାନେ ନିଜର ଶାରୀରିକ ଓ ନୈତିକ ବଳ ହରାଇ ବସିଲେ । କ୍ଷତ୍ରିୟ ଶକ୍ତିର ବିଲୋପ ହେବା ଫଳରେ ସାରା ଦେଶରେ ବଳିଷ୍ଠ ନେତୃତ୍ୱର ଅଭାବ ଦେଖାଦେଲା । ଧୀରେ ଧୀରେ କେତେକ ଅସାଧୁ ବ୍ୟବସାୟୀ ଗୋଷ୍ଠୀ ନେତାମାନଙ୍କୁ ନିଜ ଅକ୍ତିଆରକୁ ନେଇ ଦେଶର ଶାସନ ପରଦା ପଛରେ ରହି ଚଳାଇବାକୁ ଲାଗିଲେ । ଦୁର୍ବଳ ନେତା ରାଜଗାଦିରେ ରହିବା ପାଇଁ ଭୋଟବ୍ୟାଙ୍କର ସାହାରା ନେଲେ ଓ ଫଳରେ ଦେଶର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ପରିବେଶରେ ଅବନତି ଦେଖା ଦେଲା । ଏହି ଅବନତିକୁ ରୋକିବା ପାଇଁ ଯୁବପିଢିଙ୍କ ଭିତରେ ଆଜି ନେତୃତ୍ୱ ବିକାଶ ନିତାନ୍ତ ଆବଶ୍ୟକ ହୋଇଛି ।

ଏବେ ବି କ୍ଷତ୍ରିୟମାନଙ୍କ ଧମନୀରେ ଶୌର୍ଯ୍ୟ, ବୀର୍ଯ୍ୟ ଓ ପରାକ୍ରମର ଉର୍ଜା ପ୍ରବାହିତ



ହେଉଛି । ଅନୁକୂଳ ପରିବେଶ ପାଇଲେ ଏହି ଉର୍ଜା ରାଜ୍ୟର ବିକାଶରେ ସହାୟକ ହେବ । ଏହି ରାଜକୀୟ ଗୁଣ ମଧ୍ୟ ଅନ୍ୟ ଜାତିର ଲୋକଙ୍କ ଭିତରେ ବିକଶିତ ହୋଇପାରିବ । ଭାରତୀୟ ସଂସ୍କୃତିରେ ବ୍ରାହ୍ମଣ, ଆଦିବାସୀ ଓ ସାଧାରଣ ଲୋକ ଉତ୍ତମ ରାଜା ହେବାର ଅନେକ ଦୃଷ୍ଟାନ୍ତ ଅଛି । ମହାନ ଋଷି ବାଲ୍ମୀକି ଜଣେ ଡକାୟତ ଥିଲେ ଓ ନିଜର ତପସ୍ୟା ବଳରେ ସେ ମହାନ ଋଷି ହୋଇ ରାମାୟଣ ରଚନା କରିଥିଲେ ।

ପ୍ରକୃତ ଶିକ୍ଷା ଓ ସଂସ୍କାର ବିନା ନେତା ଏକ ବିଷ ବୃକ୍ଷ ପରି ହୋଇଥାଏ । ତେଣୁ ନେତା ହେବା ପାଇଁ ଇଚ୍ଛୁକ ଯୁବପିଢ଼ି ପ୍ରଥମେ ସ୍କୁଲ ଓ କଲେଜ ଶିକ୍ଷା ପରେ ରାଜ୍ୟର ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ରାଜନୈତିକ ପରିସ୍ଥିତି ଉପରେ ସମ୍ପୂର୍ଣ୍ଣ ଜ୍ଞାନ ଅର୍ଜନ କରିବା ଦରକାର । ଏଥିପାଇଁ ଯୁବନେତାଙ୍କୁ ରାଜନୀତିରେ ପାଦ ଦେବା ପୂର୍ବରୁ ପ୍ରଥମେ ଅତିକମ୍‌ରେ ପାଞ୍ଚ ବର୍ଷ ରାଜ୍ୟର ସମସ୍ତ ଗାଁ ଓ ସହରଗୁଡିକ ବୁଲି ଲୋକଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥା ହୃଦୟଙ୍ଗମ କରିବା ଉଚିତ । ଯୁବନେତା ରାଜ୍ୟର ବିଦ୍ୟାଳୟ, ହସ୍ପିଟାଲ, ଚାଷଜମି, ଜଙ୍ଗଲ, ପାହାଡ଼, ନଦୀ, ହ୍ରଦ ଓ ଫସଲ ବିବିଧତାର ବର୍ତ୍ତମାନର ସ୍ଥିତି ଅନୁଧ୍ୟାନ କରିବା ଉଚିତ । ରାଜ୍ୟରେ ଥିବା ଚାଷୀ, ହସ୍ତଶିଳ୍ପୀ ଓ ଯୁବପିଢ଼ିଙ୍କର ସାମାଜିକ, ମାନସିକ ଓ ଆର୍ଥିକ ଅବସ୍ଥା ବିଷୟରେ ତୃଣମୂଳ ଜ୍ଞାନ ନେତା ହେବାକୁ ସହାୟକ ହୋଇଥାଏ । ଉତ୍ତମ ଚରିତ୍ର, ସକାରାତ୍ମକ ବିଚାର, ଜନ ସେବାରେ ରୁଚି, ଶାରୀରିକ ଓ ନୈତିକ ସାହସ ଥିବା ବ୍ୟକ୍ତି ହିଁ ନେତା ହେବା ପାଇଁ ଯୋଗ୍ୟ ବିବେଚତ ହୋଇଥାଏ ।

ନିୟମିତ ଭାବରେ ଲୋକ ସମ୍ପର୍କ କରୁଥିବା ନେତାର ନୋଟ ଓ ଭୋଟବ୍ୟାଙ୍କ ରାଜନୀତି ପ୍ରତି ଭୟ ନଥାଏ ଓ ବିଭିନ୍ନ ଗଠନ ମୂଳକ କାମ ଯଥା ଖେଳପଡିଆ ତିଆରି କରିବା, ସାଂସ୍କୃତିକ ଉତ୍ସବ ଇତ୍ୟାଦି ଆୟୋଜନ କରିବା, ପାଠାଗାର, ଜଳାଶୟ ଆଦିର ପୁନରୁଦ୍ଧାର କରିବା, ଅସାମାଜିକ କାର୍ଯ୍ୟ କଳାପର ବିରୋଧ କରିବା, ରୋଜଗାର ସମ୍ଭାବନା ସୃଷ୍ଟି କରିବା । ପ୍ରାକୃତିକ ପରିବେଶର ସୁରକ୍ଷା କରିବା ଇତ୍ୟାଦି ଯୁବନେତାଙ୍କ ପାଇଁ ରାଜନୈତିକ ମାର୍ଗ ପ୍ରଶସ୍ତ କରିଥାଏ । ନେତାଙ୍କ ପାଇଁ ପଦଯାତ୍ରା ଏକ ଅମୋଘ ଅସ୍ତ୍ର ପରି କାମ କରେ ।

ମହାତ୍ମା ଗାନ୍ଧୀ ୧୯୧୩ ରୁ ୧୯୪୮ ମସିହା ଭିତରେ ୭୯୦୦୦ କିଲୋମିଟର ପାଦରେ ଚାଲି ଚାଲି ଲୋକ ସମ୍ପର୍କ କରୁଥିଲେ । ନେତା ନିଜର ନିର୍ବାଚନ କ୍ଷେତ୍ରରେ ଥିବା ସମସ୍ତ ଗାଁ ଓ ସହରଗୁଡିକରେ ଲୋକ ସମ୍ପର୍କ ସ୍ଥାପନ କଲେ ସେ ରାଜନୀତିରୁ ପ୍ରକୃତ ଆନନ୍ଦ ଲାଭ କରିବ ଓ ରାଜନୀତି ନେତାଙ୍କୁ ଲୋକଙ୍କ ସେବା କରିବା ପାଇଁ ଅବସର ଦେଇଥାଏ । ପ୍ରକୃତ ସେବା ମନୋଭାବ ରଖି କାମ କରୁଥିବା ନେତା ଲୋକଙ୍କର ହୃଦୟ ଜିତିଥାଏ । ମୃତ୍ୟୁ ପରେ ମଧ୍ୟ ପୂରା ଦେଶ ମହାନ ନେତାଙ୍କୁ ମନେ ରଖିଥାଏ । ଭୋପାଲରେ ବେଗମମାନଙ୍କ ରାଜତ୍ୱ ୧୮୧୯ ରୁ ୧୯୨୬ ମସିହା ଯାଏ ଚାଲିଥିଲା । କୁଦସିଆ ବେଗମ ଭୋପାଳରେ ବେଗମମାନଙ୍କର ଶାସନ ଆରମ୍ଭ କରିଥିଲେ । କୁଦସିଆ ବେଗମ ବିଧବା ଥିଲେ । ସେ ନିଜ ଖର୍ଚ୍ଚ ଭୋପାଳର ରାଜସ୍ୱରୁ ଖର୍ଚ୍ଚ କରୁନଥିଲେ । ନିଜକୁ ଚଳାଇବା ପାଇଁ ତାଙ୍କୁ ଲୁଗା ବୁଣିବାକୁ ପଡୁଥିଲା । ଜୀବନ କାଳ ଭିତରେ ସେ ଅନେକ ଗଠନମୂଳକ କାମ କରିଥିଲେ । ଝିଅପିଲାମାନେ ପଢିବା ପାଇଁ ସେ ପ୍ରଥମେ ସ୍କୁଲ ସ୍ଥାପନ କରିଥିଲେ ଓ ଆଜି ସେଭଳି ନେତା ମିଳିବା ବିରଳ ଓ ଆଜିର ଯୁବ ନେତା କୁଦସିଆ ବେଗମ ଓ ଭାରତର ଆଦର୍ଶ ରାଜାମାନଙ୍କୁ ଅନୁକରଣ କରିବା ଉଚିତ ।

ଯୁବ ନେତାମାନେ ଜାଣିବା ଦରକାର ରାଜନୀତି ଏକ ସେବା ଓ ଏହା କୌଣସି ରୋଜଗାର ପନ୍ଥା ନୁହେଁ । ନିଜକୁ ଧନୀ କରିବା ଅଭିଳାଷ ରଖି କୌଣସି ଯୁବନେତା ରାଜନୀତିରେ ପ୍ରବେଶ କରିବା ଉଚିତ ନୁହେଁ । ରାଜନୀତିରେ ଆସିବା ପୂର୍ବରୁ ନେତା ରୋଜଗାରକ୍ଷମ ହେବା ଉଚିତ । ଶିକ୍ଷିତ ଯୁବପିଢ଼ି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ଓଡ଼ିଶାର ଭବିଷ୍ୟତକୁ ଆଖିଆଗରେ ରଖି ନିରନ୍ତର କାମ କରିବା ଉଚିତ । କାରଣ ବର୍ତ୍ତମାନର ସ୍ଥିତି ଦେଖିଲେ ଆଗାମୀ ଦିନରେ ଯୁବପିଢ଼ି ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟ ଭୁଲି ଯିବାର ଆଶଙ୍କା ଦେଖାଯାଉଛି । ଓଡ଼ିଶାର ଆର୍ଥିକ, ସାମାଜିକ, ପ୍ରାକୃତିକ ଓ ସାଂସ୍କୃତିକ ପରିବେଶରେ ଉନ୍ନତି ନ ହେଲେ ଏହା ସମସ୍ତଙ୍କ ପାଇଁ ପୀଡ଼ାଦାୟୀ ହେବ ।

# ନିଜସ୍ୱ ଉଦ୍ୟମରେ ସ୍ୱାବଲମ୍ବୀ ହୋଇ ଉଦାହରଣ ପାଲଟିଛନ୍ତି ବୈକୁଣ୍ଠ

## ସରକାରୀ ସହାୟତା ମିଳିଲେ ଆଗକୁ ବିଭିନ୍ନ ଚାଷ କରିବେ

ରେଢ଼ାଖୋଲ,୬।୪ (ନିପ୍ର): ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା ସହାୟତାରେ ଚାଷୀଙ୍କୁ ଉନ୍ନତ ରକମର ବିହନ, ସାର ତାହା ଛଡା ଚାଷ ପ୍ରଣାଳୀ ଓ ଚାଷୀଙ୍କୁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଉଛନ୍ତି ସେଥିରୁ ଲାଭବାନ ହୋଇପାରୁଛନ୍ତି ଚାଷୀ । ହେଲେ ତାହା ଉପରେ ମଧ୍ୟ ଧ୍ୟାନ ନ ଦେଇ ଏଭଳି କେତେକ ଚାଷୀ ଅଛନ୍ତି ଯେଉଁମାନେ ନିଜସ୍ୱ ପ୍ରଚେଷ୍ଟାରେ ଉନ୍ନତ ଚାଷ କାମ କରି ନିଜେ ଓ ନିଜ ପରିବାରକୁ ଚାଷକାମରେ ଲଗାଇ ସ୍ୱାବଲମ୍ବୀ କରାଉଥିବା ଦେଖାଦେଇଛି । ଏଭଳି ଜଣେ ଚାଷୀ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ କଦଳୀ ଗଡ ଗାଁର ବୈକୁଣ୍ଠ ପ୍ରଧାନ (୫୧) । ସେ ୨୫ବର୍ଷ ବୟସରୁ ଚାଷ କାମ ପ୍ରତି ପ୍ରେରିତ ହୋଇ +୨ ପାଠ ପଢି ସାରିବା ପରେ ଚାଷକାମ ପ୍ରତି ଆଗ୍ରହୀ ହୋଇ ବିଭିନ୍ନ ଚାଷ କରି ନିଜ ପରିବାର ପ୍ରତିପୋଷଣ ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେ ନିଜସ୍ୱ ଉଦ୍ୟମ ଓ କିଛି ସରକାରୀ ସହାୟତାରେ ଏକ ବନ୍ଧ ଖୋଲି ଚାଷ କାମରେ ସେ ମାଛଚାଷ, ଗୋପାଳନ , ଚାଷଜମିରେ ବିଭିନ୍ନ ରକମର ଧାନ ଚାଷ, ୨ଶହଟି ପିଜୁଳି ଗଛ,୫ଶହ ଆମ୍ବଗଛ ବିଭିନ୍ନ ଡାଲି ଜାତୀୟ ଫସଲ, ବତକ ଚାଷ, ଗୋଲାପ ଫୁଲ ଚାଷ, କରି ଅଧିକ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଓ ସମାଜ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ସବୁ ଚାଷକାମରେ ତାଙ୍କ ପରିବାର ସାହାଯ୍ୟ ସହଯୋଗ ଓ ନିର୍ଦ୍ଦେଶନାରେ କ୍ରମେ ସେ ଏହିସବୁ ଚାଷକରି ଜଣେ ଲାଭବାନ୍ ଓ ଉଦ୍ୟୋଗୀ ଚାଷୀ ହୋଇପାରିଛନ୍ତି ବୋଲି ସେ କୁହନ୍ତି ସେ ବର୍ଷ କୁ ୬ଲକ୍ଷରୁ ଅଧିକ ଏହି ଚାଷକାମରୁ ଲାଭବାନ ହୋଇଥାନ୍ତି ବୋଲି କହିଛନ୍ତି । ଆଗକୁ ଯଦି କିଛି ସରକାରୀ ସହାୟତା ହେଲେ ସେ ଆହୁରି ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କୁ ମଧ୍ୟ ଚାଷକାମ ଉପରେ ପ୍ରେରଣା ଦେଇ ସ୍ୱାବଲମ୍ବୀ କରାଇବାକୁ ଚେଷ୍ଟାକରିବେ ବୋଲି ସେ କହିଛନ୍ତି । ଏହାଛଡା ଆଗକୁ ସେ ନିଜସ୍ୱ ଉଦ୍ୟମରେ ଲିଚୁ ,ଡ୍ରାଗନଫ୍ରୁଟ ଭଳି ଉନ୍ନତ ଚାଷ କରିବାପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି । ଯଦି ସରକାର ଏଭଳି ଚାଷୀଙ୍କ ପ୍ରତି ସରକାରୀ ସୁବିଧା ଓ ସୁଯୋଗ ଯୋଗାଇ ଦିଅନ୍ତେ ତେବେ ସ୍ଥାନୀୟ ଅଞ୍ଚଳରେ ଚାଷକାର୍ଯ୍ୟ ପ୍ରତି ଆଗ୍ରହ ବଢ଼ନ୍ତା ।



## କଳାହାଣ୍ଡିର ଅଭିଳାଷ ଆଇଆଇଏମ୍ ଟପ୍ପର

ଭବାନୀପାଟଣା, ୬/୪ (ନି.ପ୍ର)- ଭବାନୀପାଟଣା ନିବାସୀ ଚନ୍ଦ୍ର ଶେଖର ମହାପାତ୍ର ଓ କଲ୍ୟାଣୀ ମହାପାତ୍ରଙ୍କ ପୁଅ ଅଭିଳାଷ ମହାପାତ୍ର ଆଇଆଇଏମ୍ ବୋଧଗୟାରେ ଏମବିଏରେ ଟପ୍ପର ହୋଇଛନ୍ତି । ଅପ୍ରେଲ ୪ ତାରିଖ ବୋଧଗୟା ଆଇଆଇଏମ୍ ପରିସରରେ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ନେସନାଲ ଷ୍ଟକ୍ ଏକ୍ସଚେଞ୍ଜର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର ଚୌହାନ ମୁଖ୍ୟ ଅତିଥି ଓ ବିହାର ବିଧାନ ସଭାର ବାଚସ୍ପତି ପ୍ରେମ କୁମାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।



୨୦୨୪- ୨୬ ଏମବିଏ ପାଠ୍ୟକ୍ରମରେ ଅଭିଳାଷ ବୋଧଗୟା ଆଇଆଇଏମ୍‌ର ଟପ୍ପର ହୋଇ ଅତିଥିଙ୍କ ଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି । ଅଭିଳାଷଙ୍କ ଏହି ସଫଳତା ନିମନ୍ତେ ବ୍ରାହ୍ମଣ ସମାଜ କଳାହାଣ୍ଡିର ସଂଗଠନ ସମ୍ପାଦକ ଭବେନ୍ଦ୍ର କୁମାର ପଣ୍ଡା, ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଶିକ୍ଷାବିତ୍ ପ୍ରଫେସର ଗୋପବନ୍ଧୁ ବେହେରା, ଡ଼ ତପନ ରଥ, ଡ଼ ଦାଶରଥି ଆଚାର୍ଯ୍ୟ, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସମ୍ପାଦକ କୃଷ୍ଣାବତାର ଦେଓ ସମେତ ଜିଲ୍ଲାର ବହୁ ବୁଦ୍ଧିଜୀବୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ ଅଭିଳାଷ ଭବାନୀପାଟଣା କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢ଼ିଲେ । ସିବିଏସି ଯୁକ୍ତ ଦୁଇ ବାଣିଜ୍ୟରେ ସେ ଜିଲ୍ଲାର ଟପ୍ପର ହୋଇଥିଲେ ଓ ତାଙ୍କୁ କଳାହାଣ୍ଡି ଉତ୍ସବରେ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା । ସର୍ବ ଭାରତୀୟ କମନ୍ ଏନଟ୍ରାନସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ଆଇଆଇଏମ୍‌ରେ ବିବିଏ ଓ ତାପରେ ଏମବିଏ ଅଧ୍ୟୟନ କରି ଟପ୍ପର ହୋଇଛନ୍ତି ।

## ପିଏମଶ୍ରୀ ଅନସ୍ଲୋ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଖଡ଼ିଛୁଆଁ ପ୍ରବେଶ ଉତ୍ସବ

ରମ୍ଭା,୬।୪ (ନିପ୍ର): ପିଏମଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚବିଦ୍ୟାଳୟରେ ଖଡ଼ିଛୁଆଁ ସହିତ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପଣ୍ଡିତ ବିଦ୍ୟାଧର ଦାଶ ଭକ୍ତିପୂତ ମନ୍ତ୍ର ଉଚ୍ଚାରଣ ସାଙ୍ଗକୁ ଶ୍ରୀଗଣେଶ ବନ୍ଦନା ଗାନ କରିଥିଲେ । ନୂତନ ଭାବେ ବିଦ୍ୟାଳୟରେ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ଶିଶୁ ଶିଶୁ ବାଟିକା, ଛଅ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଶିକ୍ଷାର୍ଥୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ, ପଣ୍ଡିତ ସାର ଏବଂ ଶିକ୍ଷକ ଦିଲ୍ଲୀପ ପଲେଇ ଖଡ଼ି ଛୁଆଇଁ ବିଦ୍ୟାରମ୍ଭ କରାଇଥିଲେ । ଶିକ୍ଷାର୍ଥୀଙ୍କ ଅଭିଭାବକ ଅଭିଭାବିକାଙ୍କୁ ସରକାରଙ୍କ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ପ୍ରଦତ୍ତ ମାଗଣା ଶିକ୍ଷାଦାନ, ବହିପତ୍ର, ପୋଷାକ ପତ୍ର, ଜୋତା ସହିତ ଯାତାୟାତ ସୁବିଧା ସମ୍ପର୍କରେ ବୁଝାଇଥିଲେ । ଏ ନେଇ ଅନୁଷ୍ଠାନ ତରଫରୁ ଏକ ରଙ୍ଗାରଙ୍ଗ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଛତ୍ରପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅନସ୍ଲୋ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ ଅଭିଭାବିକା, ଶିକ୍ଷାବିତ୍, ବୁଦ୍ଧିଜୀବୀ ପ୍ରବେଶ ଉତ୍ସବ ଖଡ଼ିଛୁଆଁରେ ସାମିଲ ହୋଇଥିଲେ । ବିଭିନ୍ନ ମହଲରେ ଏପ୍ରକାର କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି ।

## ବଂଶଧାରା ସୁରକ୍ଷା ସମିତିର ଜରୁରୀକାଳୀନ ବୈଠକ

ଗୁଣୁପୁର,୬।୪ (ନିପ୍ର): ବଂଶଧାରା ଟ୍ରିବ୍ୟୁନାଲ ଚୂଡ଼ାନ୍ତ ରାୟ ପରେ ବଂଶଧାରା ସୁରକ୍ଷା ସମିତିର ଏକ ଜରୁରୀକାଳୀନ ବୈଠକ ସ୍ଥାନୀୟ ବରିଷ୍ଠ ଓକିଲ ତଥା ସୁରକ୍ଷା ପରିଷଦର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବରିଷ୍ଠ



ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଓକିଲ ସଂଘର ସଭାପତି ରମେଶ ଚନ୍ଦ୍ର ଲିମା, ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ୟାଇ ଗଣପତି, ସମିତି ର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାସ, ସଦସ୍ୟ ଉମା ଶଙ୍କର ଦାସ , ଓକିଲ ରାଜ କିଶୋର ଦାସ, ପ୍ରବୀଣ କୁମାର ପଟନାୟକ, ଏସ ଶିବାଜୀ ପ୍ରମୁଖ ଯୋଗଦେଇ ଏହି ପ୍ରକଳ୍ପ ନିର୍ମାଣକୁ ବିରୋଧାଭାସ କରିବା ସହ ବଂଶଧାରା ଉପର ମୁଣ୍ଡରେ ଜଳ ଅନିକଟ ନିର୍ମାଣ କରି ଟ୍ରିବ୍ୟୁନାଲ ରାୟ ପ୍ରକାରେ ୫୦ ଭାଗ ଜଳ ସୁବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଥିଲା । ଏହା ସହ ଗୁଣୁପୁର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ପ୍ରକଳ୍ପ ପାଇଁ ରାୟଗଡ଼ା ଜିଲ୍ଲା ବିଜେପି ପ୍ରହରୀ ନାରାୟଣ ରାଓ ଏବଂ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରକାଶ ଥାଉକି ନେରେଡି ଫେଜ୍- ୨ ପ୍ରକଳ୍ପ ନିର୍ମାଣ ପାଇଁ ବଂଶଧରା ଅବବାହିକା ଉପର ମୁଣ୍ଡରେ ବର୍ଷା ଦିନରେ ଜଳମଗ୍ନ ହେବା ସହ ଗ୍ରୀଷ୍ମ ଦିନରେ ଜଳ ଶୁଷ୍କ ହେବାର ଆଶଙ୍କା ରହିଛି । ଏଥି ସହ ୧୦୬ ଏକର ଜମି ଓଡ଼ିଶା ହରାଇବାର ସୁନିଶ୍ଚିତ ହୋଇପଡ଼ିଛି । ଆପରିଶେଷରେ ସଦସ୍ୟ ଉମା ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାବିତ୍ରୀ ବାଈ ଓ ଜ୍ୟୋତିରାଓ ଫୁଲେଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବଲାଙ୍ଗିର,୬।୪ (ନିପ୍ର): ଯେତେବେଳେ ଦେଶ ସାମାଜିକ ବ୍ୟବସ୍ଥାରେ ଝିଅମାନଙ୍କ ପାଠ ପଢିବା ପ୍ରାୟତଃ ନିଷେଧ ଥିଲା ସେ ସମୟରେ ମାତା ସାବିତ୍ରୀ ବାଈ ଫୁଲେ ଏବଂ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ମିଳିତ ଉଦ୍ୟମରେ ନାରୀ ଶିକ୍ଷା ପ୍ରଚାର ଓ ପ୍ରସାର ପାଇଁ ବୀଜ ଅଙ୍କୁରିତ ହୋଇଥିଲା । ଅନେକ ପ୍ରକାର ବାଧାବିଘ୍ନ ସତ୍ତ୍ୱେ ଦୃଢମନା ସାବିତ୍ରୀ ବାଈ ଫୁଲେ ତାଙ୍କ ଇଚ୍ଛା ଶକ୍ତି ଓ ତାଙ୍କ ସ୍ୱାମୀଙ୍କ ପ୍ରେରଣା ପାଇ ସେ ଦେଶରେ ମହିଳାମାନଙ୍କ ଶିକ୍ଷା ଗ୍ରହଣ ରେ ଯେପରି ଅନୁକୂଳ ପରିବେଶ ସୃଷ୍ଟି ହେବ ସେ ଦିଗରେ ପାଦ ବଢାଇଥିଲେ । ୧୮୪୮ ମସିହାରେ ପ୍ରଥମ ବାଳିକା ବିଦ୍ୟାଳୟ ଖୋଲିବା ତାଙ୍କର ଏକ ଐତିହାସିକ ମାଇଲଖୁଣ୍ଟ ଥିଲା । ଆଜି ଯେତେବେଳେ ଆମେମାନେ ନାରୀ ସଶକ୍ତିକରଣ କଥା କହୁଛୁଁ , ପରାଧୀନ ଭାରତରେ ମାତା ସାବିତ୍ରୀବାଈ ନାରୀଙ୍କ ଶିକ୍ଷା, ନାରୀ ଅଧିକାର ର କଥା କହି ସାରା ଦେଶର ଆଖି ଖୋଲିଦେଇଥିଲେ । ତେଣୁ ଆମେ ନିଶ୍ଚିତ ଭାବରେ ମାନିବାକୁ ପଡିବ ଯେ ମାତା ସାବିତ୍ରୀବାଈ ଫୁଲେ ହେଉଛନ୍ତି ନାରୀ ଶିକ୍ଷା ପ୍ରଚାରର ପ୍ରଥମ କର୍ଣ୍ଣଧାର ବୋଲି ଆଜି ପଶ୍ଚିମ ଓଡିଶା ମହିଳା ସଂଗଠନ ଦ୍ୱାରା ଆୟୋଜିତ ମାତା ସାବିତ୍ରୀ ବାଈ ଫୁଲେ ଏବଂ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଯୁଗଳ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି ଅନାବରଣ ପରବର୍ତ୍ତୀ ସଭାରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ନିଜ ବକ୍ତବ୍ୟରେ କହିଛନ୍ତି । ପଶ୍ଚିମ ଓଡିଶା ମହିଳା ସଂଗଠନର ସଭାନେତ୍ରୀ ସବିତା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ମିଶ୍ର ଏହା ମଧ୍ୟ କହିଛନ୍ତି ଯେ ସମ୍ବିଧାନ ଦ୍ୱାରା ପ୍ରଦତ୍ତ , ଜୀବନ ଜିଇଁବାର ଅଧିକାର, ସମାନତାର ଅଧିକାର, ଶିକ୍ଷା ଅଧିକାର କୁ ଆଜିର ସରକାରମାନେ ପଦାଘାତ କରୁଛନ୍ତି । ସରକାରୀ ସ୍କୁଲମାନଙ୍କରେ ଶିକ୍ଷା ବ୍ୟବସ୍ଥାକୁ ଜାଣିଶୁଣି ହୁଗୁଳା କରିଦିଆଯାଉଛି । ଶିକ୍ଷାର ଘରୋଇକରଣ ଯୋଗୁଁ ଆଜି ସମାଜର ଦଳିତ, ନିଷ୍ପେଷିତ, ଗରିବ, ଖଟିଖିଆ, ଉତ୍ତମ ଶିକ୍ଷା ଆହରଣ କରିପାରୁନାହିଁ । ଦେଶର ସମ୍ପତ୍ତିକୁ ସୁଷମ ବଣ୍ଟନ କରିବା ପରିବର୍ତ୍ତେ ଧନୀ ଆହୁରି ଧନୀ ହେଉଛି ଓ ଗରିବ ଗରିବ ହୋଇଚାଲିଛି । ତେଣୁ ଏ ସବୁକୁ ବନ୍ଦ କରିବାକୁ ପଡିବ ବୋଲି ଶ୍ରୀ ମିଶ୍ର କହିଥିଲେ ।



# ସ୍ୱୟଂ ସହାୟକ ଗୋଷ୍ଠୀର ନିମ୍ନମାନର ଛତୁଆ ପ୍ରଦାନ

## ଖାଦ୍ୟ ଓଜନରେ ଠକାମୀକୁ ନେଇ ତଦନ୍ତ ଦାବି

ଭଦ୍ରକ,୬।୪ (ନିପ୍ର): ଶିଶୁ, ଗର୍ଭବତୀ, କିଶୋରୀ ଓ ପ୍ରସୂତିଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଛତୁଆ, ବାଦାମ ଲଡୁ,ସୁଜି,ମୁଢ଼ି ,ବେସନ, ସୋଲା ଓ ଖଜୁରୀ ସମେତ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ବଣ୍ଟନ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥାଏ । ବନ୍ତ ବ୍ଲକରେ ରାଜ୍ୟ ସରକାରଙ୍କ ତରଫରୁ ଛତୁଆ, ବାଦାମ ଲଡୁ, ସୁଜି , ମୁଢ଼ି,ବେସନ, ସୋଲା ଓ ଖଜୁରୀ ଆଦି ଖାଦ୍ୟ ପ୍ରସ୍ତୁତ ପୂର୍ବକ ବଣ୍ଟନ ଦାୟିତ୍ୱ ଆଳମଙ୍ଗାର ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି । ଏହି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଦାୟିତ୍ୱରେ ଥିବା ବେଳେ ବିଭିନ୍ନ ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ଏହି ଗୋଷ୍ଠୀକୁ କିଛି ମାସ ପାଇଁ ଦାୟିତ୍ୱରୁ ନିବୃତ୍ତ ରଖାଯାଇଥିଲା । ପରେ ଅନ୍ୟ ଦୁଇଟି ଗୋଷ୍ଠୀକୁ ବନ୍ତ ବ୍ଲକ ବଣ୍ଟନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଛଅ ମାସ ପରେ ଉକ୍ତ ଦୁଇ ଗୋଷ୍ଠୀକୁ କାଟି ପୁର୍ନବାର ଉକ୍ତ ଗୋଷ୍ଠୀ ଦାୟିତ୍ୱ ନେଇଛି । ଏବେ ମଧ୍ୟ ମାଳ ମାଳ ଅଭିଯୋଗ ଆସିଛି ଏହି ଗୋଷ୍ଠୀ ବିରୋଧରେ । ହଳଦୀ କଲର ଜରି ପ୍ୟାକ ଥିବା ଛତୁଆରେ ଗହମ ୨.୫ କିଗ୍ରା, ବୁଟ ୫୦୦ ଗ୍ରାମ, ଚିନା ବାଦାମ ୩.୭୫ ଗ୍ରାମ, ଚିନି ୬.୨୫ ଗ୍ରାମ ମିଶ୍ରିତ ହୋଇ ଛତୁଆ ୪ କି ଗ୍ରା ପ୍ରସ୍ତୁତ ହେବା ପାଇ ରାଜ୍ୟ ସରକାରଙ୍କ ତରଫରୁ ନିୟମ ଅଛି । ବନ୍ତ ବ୍ଲକରେ ଦାୟିତ୍ୱରେ ଥିବା ଉକ୍ତ ଗୋଷ୍ଠୀ ୪ କେଜି ଛତୁଆ ଦେବା ବଦଳରେ ୩ କେଜି ୪୯୦ ଗ୍ରାମ ଛତୁଆ ପ୍ରଦାନ କରୁଛି । ଏହା ସହିତ ଏହାର ମାନ ନିମ୍ନମାନର ଥିବା ସହିତ ଖାଇବା ଅନୁପଯୋଗୀ ବୋଲି ଅଭିଯୋଗ ଆସିଛି । ସୁଜି ଓ ବେସନରେ ଲମ୍ବା ଧଳା ପୋକ, ବାଦାମ ଲଡୁରେ ପୋକରା ବାଦାମ ବ୍ୟବହାର , ମୁଢ଼ିରେ ବାଲି ବାହାରୁଥିବା ବେଳେ ପୋକରା ସୋଲା, ନିମ୍ନ ମାନର ଖଜୁରୀ ପ୍ରଦାନ ନେଇ ସାଧାରଣରେ ଅଭିଯୋଗ ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି ।

ରାଜ୍ୟ ସରକାର ମାଣ୍ଡିଆ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଏହି ଗୋଷ୍ଠୀ ମାଣ୍ଡିଆ ଦେଉନାହିଁ । ନିମ୍ନମାନର ଖାଦ୍ୟ ହୋଇଥିବାରୁ ଏହାକୁ ଛୋଟ ଛୁଆ, ଗର୍ଭବତୀ ,ପ୍ରସୂତି ଓ କିଶୋରୀ ଖାଇପାରୁନାହାନ୍ତି । ଉକ୍ତ ଗୋଷ୍ଠୀ ବିରୋଧରେ ଆଗରୁ ଅନେକବାର ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲେ ମଧ୍ୟ କଣ ପାଇ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ଓ ବିଭାଗୀୟ ଅଧିକାରୀ କଣ ପାଇଁ ଜାଣିଶୁଣି ଚୁପ୍ ରହୁଛନ୍ତି ତାହା ସାଧାରଣରେ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେଣୁ ଦାୟିତ୍ୱରେ ଥିବା ଉକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବହିଷ୍କାର କରିବା ସହିତ ତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି । ବନ୍ତ ବ୍ଲକ ସିଡିପିଓଙ୍କୁ ଏହି ଘଟଣା ବିଷୟରେ ପଚାରିବାରୁ ବିଭିନ୍ନ କଥା କହି ଆସିଥିବା ଅଭିଯୋଗକୁ ଆଡେଇ ଦେଇଥିଲେ । ପରେ ଅଭିଯୋଗ ଉପରେ ତଦନ୍ତ କରାଯିବା ସହ ସତ୍ତା ସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।

## ‘ଓଡ଼ିଆ ପକ୍ଷ’ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ

ରାୟଗଡ଼ା,୬।୪ (ନିପ୍ର): ରାୟଗଡ଼ ଜିଲ୍ଲାରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ‘ଓଡ଼ିଆ ପକ୍ଷ’ ବହୁ ଆଡ଼ମ୍ବରରେ ପାଳିତ ହେଉଛି । ଏହି ପରିପ୍ରେକ୍ଷୀରେ ରାୟଗଡ଼ ପୌରପରିଷଦ ପକ୍ଷରୁ ସ୍ଥାନୀୟ ପ୍ରେମ୍ ପାହାଡ଼ ପର୍ଯ୍ୟଟନ ସ୍ଥଳୀଠାରେ ଏକ ବୃହତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାୟଗଡ଼ ପୌର ପରିଷଦର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ଏବଂ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା କାର୍ଯ୍ୟର ନେତୃତ୍ୱ ନେବା ସହ ସହରବାସୀଙ୍କୁ ପରିବେଶ ସୁରକ୍ଷା ଓ ଓଡ଼ିଆ ଅସ୍ମିତାର ବାର୍ତ୍ତା ଦେଇଥିଲେ । ଏହି ଅଭିଯାନରେ ପୌର ପରିଷଦର ସମସ୍ତ ୱାର୍ଡ କାଉନସିଲର, ଜିଲ୍ଲା ସ୍ତରୀୟ ପଦାଧିକାରୀ, ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ, ସୁପରଭାଇଜର ଏବଂ ସଫେଇ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗ ଦେଇଥିଲେ । ସହରର ବରିଷ୍ଠ ନାଗରିକ, ୱାକର୍ସ କ୍ଲବର ସଦସ୍ୟ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଶ୍ରମଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । “ଓଡ଼ିଆ ପକ୍ଷ” ପାଳନ ଅବସରରେ ଆମର ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗରୁ ଯୋଗଦେଇଥିବା ନାଗରିକ ତଥା ସଫେଇକର୍ମୀ ମାନଙ୍କୁ ପୌରାଧକ୍ଷ ଶ୍ରୀ ପଟ୍ଟନାୟକ ସାଧୁବାଦ ଜଣାଇଥିଲେ । ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁଳଦୀପ କୁମାର ଉପସ୍ଥିତ ଜନସାଧାରଣଙ୍କୁ ପ୍ରେମ ପାହାଡ଼ ଭଳି ଏକ ପ୍ରାକୃତିକ ସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ ଏବଂ ପରିଷ୍କାର ରଖିବା ପାଇଁ ଅନୁରୋଧ କରିଥିଲେ । ସମସ୍ତଙ୍କ ମିଳିତ ସହଯୋଗରେ ଏହି ସ୍ୱଚ୍ଛତା ଅଭିଯାନ ଏକ ବଡ଼ ସଫଳତା ଭାବେ ପରିଗଣିତ ହୋଇଛି ।

# ୨୦୨୫-୨୬ ଆର୍ଥିକ ବର୍ଷରେ ନାଲକୋର ଉତ୍ପାଦନରେ ନୂତନ କୀର୍ତ୍ତିମାନ

ଦାମନଯୋଡି, ୬/୪(ନିପ୍ର): କୋରାପୁଟ ଜିଲ୍ଲା ଦାମନଯୋଡି ଠାରେ ଅବସ୍ଥାପିତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ତଥା ଏସିଆ ମହାଦେଶର ସର୍ବ ବୃହତ୍ ଆଲୁମିନା ଉତ୍ପାଦନକାରୀ ନବରତ୍ନ ଉଦ୍ୟୋଗ ନାଲକୋ ଉତ୍ପାଦନ କ୍ଷେତ୍ରରେ ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି । ଦୀର୍ଘ ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ବକ୍ସାଇଟ୍ ଉତ୍ତୋଳନ କରିବା ସହ ବିଶୋଧନ କରି ଅବିରତ ଭାବରେ ଦେଶ ବିଦେଶକୁ ରପ୍ତାନୀ କରି ରେକର୍ଡ଼ ପରେ ରେକର୍ଡ଼ ସୃଷ୍ଟି କରି ଚାଲିଥିବା ବେଳେ ଗତ ଆର୍ଥିକ ବର୍ଷରେ ସମସ୍ତ ରେକର୍ଡ଼ କୁ ପଛରେ ପକାଇ ନୂଆ କୀର୍ତ୍ତିମାନ ସ୍ଥାପନ କରିବାରେ ସଫଳ ହୋଇଛି । ଉକ୍ତ ଆର୍ଥିକ ବର୍ଷରେ ୭୭.୦୧ ଲକ୍ଷ ଟନ୍ ବକ୍ସାଇଟ୍ ଖନନ କରି ବିଗତ ସବୁ ବର୍ଷର ରେକର୍ଡ଼ ଅତିକ୍ରମ କରିଥିବା ବେଳେ ୭୭.୦୭ ଲକ୍ଷ ଟନ୍ ବକ୍ସାଇଟ୍ ସ୍ଥାନାନ୍ତର କରି ନୂଆ କୀର୍ତ୍ତିମାନ ହାସଲ କରିଛି । ସେହିପରି ଆଲୁମିନା ହାଇଡ୍ରେଟ ୨୩.୦୦ ଲକ୍ଷ ଟନ୍ ଓ କ୍ୟାଲସାଇନଡ ଆଲୁମିନା ୨୨.୭୫ ଲକ୍ଷ ଟନ୍ ଉତ୍ପାଦନ ହୋଇଥିଲା । ମାର୍ଚ୍ଚ ୩୧ ,୨୦୨୬ ଆର୍ଥିକ ବର୍ଷର ଅନ୍ତିମ ଦିନ ପରେ ନାଲକୋ ପକ୍ଷରୁ ସ୍ଥାପିତ ଏହି ନୂଆ କୀର୍ତ୍ତିମାନ ସାର୍ବଜନୀନ କରାଯାଇଥିଲା । ଏହି କୀର୍ତ୍ତିମାନକୁ ଦାମନଯୋଡିରେ ଉତ୍ସବ ରୂପେ ପାଳନ କରାଯିବା ସହିତ ବାଣ ଫୁଟାଇ ମିଠା ବଣ୍ଟା ଯାଇଥିଲା । ନାଲକୋ ଜନମଙ୍ଗଳ ବିଭାଗ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ନାଲକୋ ଖଣି ଓ ବିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭିଏସଏସ ଆନନ୍ଦଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନାଲକୋର ଏହି ସଫଳତା ର ଶ୍ରେୟ ଶ୍ରୀ ମିଶ୍ର ସମସ୍ତ ଅଧିକାରୀ, କର୍ମଚାରୀ ଓ ଠିକା କର୍ମଚାରୀ ମାନଙ୍କୁ ପ୍ରଦାନ କରିଥିଲେ । ଏହି ସ୍ୱତନ୍ତ୍ର ଉତ୍ସବରେ ନାଲକୋ ଖଣି ଓ ବିଶୋଧନ ପ୍ରକଳ୍ପ ର ସମସ୍ତ କର୍ମଚାରୀ ସଂଘ, ଅଧିକାରୀ ସଂଘ, ଠିକା କର୍ମଚାରୀ ସଂଘ ର ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ । କୋରାପୁଟ ଭଳି ଏକ ଉପାନ୍ତ ଜିଲ୍ଲାରେ ନାଲକୋର ଏଭଳି ସଫଳତା ଓଡ଼ିଶା ପାଇଁ ନିଶ୍ଚିତ ଭାବରେ ଗର୍ବ ଓ ଗୌରବର ବିଷୟ ହେବା ସହିତ ଜାତୀୟ ଅର୍ଥନୀତିର ଏହା ପ୍ରମୁଖ ମାନଦଣ୍ଡ ହେବ ବୋଲି ମତ ପ୍ରକାଶ ପାଇଛି । ଆଗାମୀ ବର୍ଷ ମାନଙ୍କରେ ମଧ୍ୟ ଏହିଭଳି ନୂଆ କୀର୍ତ୍ତିମାନ ସ୍ଥାପନ କରାଯିବା ପାଇଁ ସମସ୍ତ କର୍ମଚାରୀ ଓ ଠିକା କର୍ମଚାରୀ ବଦ୍ଧପରିକର ବୋଲି ସମସ୍ତ ସଂଘର ପ୍ରତିନିଧି ବୃନ୍ଦ ଏକ ସ୍ୱରରେ କହିଥିଲେ ।




## ଶିଶୁବାଟିକା ଛାତ୍ରଛାତ୍ରୀଙ୍କ ଡ୍ରେସ କିଣା ଟଙ୍କାକୁ ଟଳୁ କରିଦେଲେ କର୍ତ୍ତୃପକ୍ଷ !

ଭାପୁର,୬।୪ (ନିପ୍ର): ବେସରକାରୀ ବିଦ୍ୟାଳୟ ନର୍ସରୀ କ୍ଲାସ ପରି ରାଜ୍ୟ ସରକାର ୩ + ବର୍ଷର ଛାତ୍ରଛାତ୍ରୀଙ୍କୁ ପାଠ ଅଭିମୁଖି କରିବା ପାଇଁ ୨୦୨୫-୨୬ ବର୍ଷରୁ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା କ୍ଲାସ ଖୋଲିଛନ୍ତି । ଫଳରେ,ଶିଶୁ ମାନଙ୍କର ପ୍ରଥମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ପୂର୍ବରୁ ଶିଶୁ ବାଟିକାରେ ସେମାନେ ନାଚଗୀତ ସହ ଅକ୍ଷର ଓ ସଂଖ୍ୟା ଲେଖା ପ୍ରଣାଳୀ ମାନସିକ ସ୍ତରରେ ଯୋଗ୍ୟତା ହାସଲ କରିବା ପାଇଁ ଶିକ୍ଷାବିଭାଗର ଲକ୍ଷ୍ୟ ରହିଥିଲା । ଏହି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଦୁଇ ହଳ ପୋଷାକ, ହଳେ ଟ୍ରାକ ପ୍ୟାଣ୍ଟ ,ହଳେ ଜୋତା, ଦୁଇ ହଳ ମୋଜା,ଗୋଟିଏ ଟୋପି, ଟାଏ, ପରିଚୟ ପତ୍ର କିଣିବା ପାଇଁ ଜଣଙ୍କ ପିଛା ଏକ ହଜାର ଟଙ୍କା ସରକାରଙ୍କ ତରଫରୁ ଅନୁଦାନ ହେଉଛି । ଏହି ଶ୍ରେଣୀ ଖୋଲିବାର ୧୦ ମାସ ପରେ ଭାପୁର ବ୍ଲକକୁ ଜଣଙ୍କ ପିଛା ଏକ ହଜାର ଟଙ୍କା ପରିବର୍ତ୍ତେ ୯୨୮ ଟଙ୍କା ଆସିଛି ଆଉ ୭୨ ଟଙ୍କା ବାଟରେ ଭୂତ ଖାଇଗଲା ବୋଲି ସାଧାରଣରେ ଆଲୋଚନା ଚାଲିଛି । ବଳକା ୭୨ ଟଙ୍କା କେବେ ଆସିବ କି ଆସିବ କି ନାହିଁ ଏହାର ହିସାବ ବ୍ଲକ ବିଭାଗୀୟ କର୍ତ୍ତୃପକ୍ଷ ପାଖରେ ନାହିଁ ବୋଲି କୁହାଯାଉଛି । ଚଳିତ ବର୍ଷ ଶିଶୁ ବାଟିକାରେ ନାମ ଲେଖା ଆରମ୍ଭ ହୋଇଥିବା ବେଳେ ଗତ ବର୍ଷ ର ଟଙ୍କା ପୈଠ କରିବା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତ୍ୱରିତ ପଦକ୍ଷେପ ନେଇ ଅବଶିଷ୍ଟ ଅନୁଦାନ ଅର୍ଥ ପ୍ରଦାନ ପାଇଁ ଅଭିଭାବକ ମାନେ ଦାବି କରିଛନ୍ତି ।

# ସାଂସ୍କୃତିକୀ ପକ୍ଷରୁ ଗ୍ରୀଷ୍ମକାଳୀନ ଚିତ୍ରକଳା ପ୍ରଶିକ୍ଷଣ ଶିବିର

କେନ୍ଦୁଝର,୬।୪ (ନିପ୍ର); କେନ୍ଦୁଝରେ ସହର ସ୍ଥିତ ରୋଟାରୀ ଭବନଠାରେ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସାଂସ୍କୃତିକୀ ପକ୍ଷରୁ ଏକ ଗ୍ରୀଷ୍ମ କାଳୀନ ଚିତ୍ରକଳା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ କି ସାଂସ୍କୃତିକୀ ଅନୁଷ୍ଠାନ ୧୯୮୯ମସିହାରୁ ନିରନ୍ତର ଭାବେ ଜିଲ୍ଲାରେ କଳା ସାହିତ୍ୟ ସଂସ୍କୃତି ରକ୍ଷା ଲାଗି ବଳିଷ୍ଠ ଉଦ୍ୟମ କରିଆସୁଛି । ଜିଲ୍ଲାର ଯୋଗ୍ୟ ଦାୟଦ ଜାତୀୟ ସ୍ତରର ବରିଷ୍ଠ ସାମ୍ବାଦିକ ଶ୍ୟାମହରି ଚକ୍ରଙ୍କ ମାର୍ଗଦର୍ଶନରେ ଅନ୍ୟାନ୍ୟ ସହଯୋଗୀଙ୍କୁ ନେଇ ଏହି ସଂସ୍ଥା ପ୍ରତି ବର୍ଷ ନିଜସ୍ୱ ଉଦ୍ୟମରେ କଳା ଉତ୍ସବ କରିଆସୁଛି । ଦେଶ ବିଦେଶର କଳା ସାହିତ୍ୟପ୍ରେମୀ ମାନେ ଏଥିରେ ଯୋଗଦେଇ ଆଞ୍ଚଳିକ ପ୍ରତିଭାଙ୍କୁ ଉତ୍ସାହିତ କରିଆସୁଛନ୍ତି । ସାଂସ୍କୃତିକୀ ଅନୁଷ୍ଠାନ କେନ୍ଦୁଝର ଅସନପାଟର ଛଉ ନାଚକୁ ବିଶ୍ୱର ବିରଳ ନୃତ୍ୟ ବୋଲି ବିବେଚନା କରି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସବୁବେଳେ ଜାତୀୟସ୍ତରରେ ଏହାକୁ ଅଧିକ ପରିଚିତ କରାଇବାକୁ ବିଶେଷ ଉଦ୍ୟମ କରୁଛି । ତେବେ ଏବେ ସଂସ୍ଥା ପକ୍ଷରୁ କାଲି ସଫଳ ଭାବେ ହୋଇଥିବା ଚିତ୍ରକଳା ପ୍ରଶିକ୍ଷଣ ଶିବିରରେ ଶତାଧିକ ଛାତ୍ରଛାତ୍ରୀ ତଥା ଅଭିଭାବକ ଯୋଗଦେଇଥିଲେ । ଦେଶର ବରିଷ୍ଠ ଚିତ୍ରଶିଳ୍ପୀ ବୀରକିଶୋର ପାତ୍ର ପିଲାଙ୍କୁ ଚିତ୍ରକଳା ଉପରେ ଅନେକ ଉପାଦେୟ ତଥ୍ୟ ଦେଇଥିଲେ, ସେ ନିଜେ ଏକ ସୁନ୍ଦର ତୈଳଚିତ୍ର ମାତ୍ର ଅଧ ଘଣ୍ଟା ଭିତରେ କରି ଉପସ୍ଥାପନ କରିଥିଲେ । ଅନ୍ୟତମ ପ୍ରଶିକ୍ଷକ ବରିଷ୍ଠ ଚିତ୍ରକାର ଅମରେନ୍ଦ୍ର ମହାରଣା ରଙ୍ଗ ତୁଳୀର ପ୍ରକାର ଓ ପ୍ରୟୋଗ, ରଙ୍ଗର ମିଶ୍ରଣ ଓ ପ୍ରଭାବ ସର୍ବୋପରି ଚିତ୍ରକଳା ବିଷୟବସ୍ତୁ ଉପରେ ଆଲୋକର ଅବଦାନ ଉପରେ ଆଲୋଚନା କରି ପିଲାଙ୍କୁ ପ୍ରତ୍ୟକ୍ଷ ଶିକ୍ଷାଦାନ ଦେଇଥିଲେ । ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ନିଜେ ମଧ୍ୟ ଗୋଟେ ଗୋଟେ ଚିତ୍ର କରିଥିଲେ । ଛୋଟ ବଡ ପିଲାଙ୍କୁ ନେଇ ଦୁଇ ପର୍ଯ୍ୟାୟରେ ପ୍ରଶିକ୍ଷଣ ଅତି ସୁନ୍ଦର ଭାବେ ଆୟୋଜିତ ହୋଇଥିଲା । ଶେଷରେ ପିଲାଙ୍କୁ ଅତିଥି ବରିଷ୍ଠ ପ୍ରଶାସକ ଅଜୟ କୁମାର ନାୟକ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ । ଏହି ଅବସରରେ ବ୍ୟଙ୍ଗ ଚିତ୍ରଶିଳ୍ପୀ ଦିଲୀପ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସ୍ୱାମୀଙ୍କ ଠାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ୩୦ଲକ୍ଷ ଟଙ୍କା ଲୁଟିବା ମାମଲା, ଭଣ୍ଡ ବାବା ସହ ୨ଗିରଫ

ପିପିଲି,୬।୪ (ନିପ୍ର) ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ମହିଳା ଅନ୍ୟ ଜଣେ ଯୁବକ ସହିତ ପ୍ରେମ ସମ୍ପର୍କ ରଖିବା ଏବଂ ଜଣେ ଭଣ୍ଡ ବାବାଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଜ ସ୍ୱାମୀଙ୍କ ଠାରୁ ୩୦ଲକ୍ଷ ଟଙ୍କା ଓ ୨୫୦ ଗ୍ରାମର ସୁନା ଅଳଙ୍କାର ଲୁଟିନେବା ମାମଲାରେ ବଳଙ୍ଗା ପୋଲିସ ୨ ଅଭିଯୁକ୍ତଙ୍କୁ ପୁରୀରୁ ଗିରଫ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଦୈଳିବାଟିର ପ୍ରତାପ କୁମାର ମହାନ୍ତି ଓ ବାଲିପୁଟ ଅଞ୍ଚଳର ରଶ୍ମି ରଞ୍ଜନ ପରିଡ଼ା । ସୂଚନା ମୁତାବକ ଅଭିଯୁକ୍ତ ପ୍ରତାପ ବାଲିପୁଟ ସ୍ଥିତ ଶନି ମନ୍ଦିରରେ ରହି ନିଜକୁ ଜଣେ ବାବା ଭାବେ ପରିଚୟ ଦେଉଥିବା ବେଳେ ରଶ୍ମି ସେହିଠାରେ ଜନ ସେବା କେନ୍ଦ୍ର ଖୋଲିଛନ୍ତି । ରଶ୍ମି ଓ ବଳଙ୍ଗା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା । ମହିଳାଙ୍କ ସ୍ୱାମୀଙ୍କ ପାଖରେ ପ୍ରବଳ ଟଙ୍କା ଓ ସୁନା ଅଳଙ୍କାର ଥିବା ନେଇ ରଶ୍ମି ଜାଣିବାକୁ ପାଇଥିଲା । ମହିଳାଙ୍କର ଏକ ଶିଶୁ ପୁତ୍ର ରହିଥିବା ବେଳେ ତାର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦେବାରୁ ରଶ୍ମୀଙ୍କ କହିବା ଅନୁସାରେ ମହିଳା ତାଙ୍କ ଶିଶୁ ପୁତ୍ରକୁ ନେଇ ଅଭିଯୁକ୍ତ ପ୍ରତାପଙ୍କ ନିକଟକୁ ଯାଇଥିଲେ । ସେଠାରେ ପ୍ରତାପ ମହିଳାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ମହିଳାଙ୍କୁ ଭୟଭୀତ କରି ରଶ୍ମୀ ଓ ପ୍ରତାପ ମହିଳାଙ୍କ ଠାରୁ ୨୫୦ଗ୍ରାମ ଓଜନର ସୁନା ଅଳଙ୍କାର ସହ ୩୦ଲକ୍ଷ ଟଙ୍କା ନେଇଯାଇଥିଲେ । ପରେ ପୁନର୍ବାର ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ନାମରେ ଥିବା ଚେକ୍ ମାଧ୍ୟମରେ ବ୍ୟାଙ୍କ୍‌ରୁ ୫୦ଲକ୍ଷ ଟଙ୍କା ଉଠାଇବାକୁ ଯାଇ ବିଫଳ ହୋଇଥିଲେ । ଏହି ଘଟଣା ମହିଳାଙ୍କ ସ୍ୱାମୀ ଜାଣିବା ପରେ ମହିଳାଙ୍କୁ ପଚାରିବାରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦେଇଥିଲେ । ଫଳରେ ମହିଳାଙ୍କ ସ୍ୱାମୀ ବଳଙ୍ଗା ଥାନାରେ ଏ ନେଇ ଅଭିଯୋଗ କରିଥିଲେ । ମାମଲାରେ ଥାନାର ନୂତନ ଅଧିକାରୀ ଖୋଳତାଡ଼ କରି ପୁରୀରେ ଚଢ଼ଉ କରି ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ତଦନ୍ତ ସମୟରେ ଅଭିଯୁକ୍ତ ପ୍ରତାପ ନାମରେ ସଦର ଥାନାରେ ୬ଟି ମାମଲା ରହିଥିବା ବେଳେ କୁମ୍ଭାର ପଡ଼ା ଥାନାରେ ଗୋଟିଏ ମାମଲା ରହିଥିବା ଜଣାପଡିଛି ।

## ଆସାମର ବାରପେଟାରେ ମୋଦି

# 'ଏକ ଦେଶ, ଏକ ନିର୍ବାଚନ' ସପକ୍ଷରେ



ନୂଆଦିଲ୍ଲୀ,୬।୪: ୨୦୨୬ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଏବେ ଜୋରସୋରରେ ଚାଲିଛି । ଏପ୍ରିଲ ୯ରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ହେବାର ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ପ୍ରଚାର କରୁଛନ୍ତି । ଏହି ଅବସରରେ ଆସାମର ବାରପେଟାରେ ଏକ ରାଲିକୁ ସମ୍ବୋଧିତ କରି ସେ ସୋମବାର ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରିବାକୁ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ମହିଳାଙ୍କ ଅଧିକାରକୁ ମଜବୁତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ସର୍ବସମ୍ମତିକ୍ରମେ ଏହି ବିଲ୍ ପାରିତ ହେବା ପାଇଁ ରାଜନେତାମାନଙ୍କ ଉପରେ ଚାପ ପକାଇବାକୁ ସେ ମହିଳା ଭୋଟରମାନଙ୍କୁ ନିବେଦନ କରିଛନ୍ତି ।ତେଣେ ତାମିଲନାଡୁରେ ପ୍ରଚାର କରୁଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ବର୍ଦ୍ଧିତ ସମର୍ଥନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ଦର୍ଶାଇ ବିଜେପି ନେତୃତ୍ୱାଧୀନ ମେଣ୍ଟ କ୍ଷମତାକୁ ଆସିବ ବୋଲି ଦୃଢ଼ତା ପ୍ରକାଶ କରିଥିଲେ । କେନ୍ଦ୍ରମନ୍ତ୍ରୀ ଜି କିଷନ ରେଡ୍ଡୀ ସୋମବାର ତାମିଲନାଡୁର ଅବିନାଶୀ ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ତଥା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏଲ ମୁରୁଗାନଙ୍କ ପାଇଁ ପ୍ରଚାର କରି କହିଛନ୍ତି ଯେ, ଭୋଟରମାନେ ବଂଶବାଦ ରାଜନୀତି ଅପେକ୍ଷା ବିକାଶକୁ ପସନ୍ଦ କରନ୍ତି । ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ଏବଂ 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଉପରେ ଗମ୍ଭୀର ଓ ସକାରାତ୍ମକ ଆଲୋଚନା ଚାଲିଛି ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ବିଜେପିର ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ କର୍ମୀମାନଙ୍କୁ ଆଭାସୀ ସମ୍ବୋଧିତ କରି ମୋଦି କହିଛନ୍ତି ଯେ, ସରକାର ଉଭୟ ପ୍ରସଙ୍ଗରେ ସକାରାତ୍ମକ ଦିଗରେ ଗତି କରୁଛନ୍ତି । 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଲୋକସଭା ଓ ବିଧାନସଭା ନିର୍ବାଚନକୁ ସମକାଳୀନ କରିବାକୁ ଚେଷ୍ଟା କରୁଥିବାବେଳେ ୟୁସିସି ବିବାହ, ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ଉତ୍ତରାଧିକାର ଭଳି ପ୍ରସଙ୍ଗରେ ଏକ ସାଧାରଣ ଆଇନ ପ୍ରଣୟନ କରିବାକୁ ଲକ୍ଷ୍ୟ ରଖିଛି । ବିଜେପିର ରେକର୍ଡ ଉପରେ ଆଲୋକପାତ କରି ମୋଦୀ 'ପୁରୁଣା ଉପନିବେଶବାଦୀ ଯୁଗର ଆଇନକୁ ଉଚ୍ଛେଦ, ନୂତନ ସଂସଦ ଭବନ ନିର୍ମାଣ, ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ, ତିନି ତଲାକ ଉପରେ ନିଷେଧାଦେଶ, ନାଗରିକତା ସଂଶୋଧନ ଆଇନ ଓ ଅଯୋଧ୍ୟାରେ ରାମ ମନ୍ଦିର ଭଳି ପଦକ୍ଷେପ ତାଲିକାଭୁକ୍ତ କରିଛନ୍ତି ।

# ପଶ୍ଚିମବଙ୍ଗ ମୁଖ୍ୟ ସଚିବଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ



କୋଲକାତା,୬।୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ନିର୍ବାଚନ କମିସନଙ୍କ ଦ୍ୱାରା ନିଯୁକ୍ତ ପଶ୍ଚିମବଙ୍ଗର ମୁଖ୍ୟ ସଚିବ ଏବଂ ରାଜ୍ୟର ଶୀର୍ଷ ଅମଲାଙ୍କୁ ଆଜି ସୁପ୍ରିମକୋର୍ଟ କଡ଼ା ଭର୍ତ୍ସନା କରିଛନ୍ତି । ଗତ ସପ୍ତାହରେ ମାଲଦାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ଘେରାଉ ସମୟରେ କଲିକତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଫୋନ୍ କଲ୍ ସେ ରିସିଭ୍ କରିନଥିବାରୁ ଆଜି ସୁପ୍ରିମକୋର୍ଟ ତାଙ୍କ ଉପରେ ତୀବ୍ର ବର୍ଷିଛନ୍ତି । ମୁଖ୍ୟ ସଚିବ ଦୁଷ୍ୟନ୍ତ ନାରିଆଲା ଆଜି କୋର୍ଟରେ କହିଥିଲେ ଯେ, ସେ ବିମାନରେ ଥିଲେ ଏବଂ କୌଣସି ଫୋନକଲ୍ ପାଇନଥିଲେ । ତାଙ୍କ ଆଇନଜୀବୀ ଘଟଣା ସଂକ୍ରାନ୍ତରେ ବର୍ଣ୍ଣନା କରିବା ସମୟରେ ବିଚାରପତି ବିରକ୍ତି ଭାବ ଦେଖାଇ କହିଥିଲେ, ଦୟାକରି ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରନା । ଉଲ୍ଲେଖଯୋଗ୍ୟ ଯେ, ଦୁଷ୍ୟନ୍ତ ନାରିଆଲାଙ୍କୁ ଗତ ସପ୍ତାହରେ ନିର୍ବାଚନ କମିସନ ନନ୍ଦିନୀ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଥିଲେ । ଏପ୍ରିଲ ୧ ତାରିଖରେ ମାଲଦାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖାଯିବା ସମୟରେ ସେ ଦାୟିତ୍ୱରେ ଥିଲେ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ମାଲଦା ଘଟଣାକୁ ଯୋଜନାବଦ୍ଧ ଓ ଉଦ୍ଦେଶ୍ୟମୂଳକ କହିଛନ୍ତି । କୋର୍ଟ କହିଛନ୍ତି, ଏହି ମାମଲାରେ ସ୍ଥାନୀୟ ପୁଲିସ ଉପରେ ବିଶ୍ୱାସ କରାଯାଇପାରିବନି । ଘଟଣାରେ ଏନ୍ଆଇଏ ତଦନ୍ତ ପାଇଁ ଏବଂ ଗିରଫ ହୋଇଥିବା ୨୬ ଜଣଙ୍କୁ ଏନ୍ଆଇଏ ଜେରା କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ୩ଜଣିଆ ଖଣ୍ଡପୀଠର ଜଷ୍ଟିସ ଜୟମାଲ୍ୟ ବାଗଚୀ ଆଜି ମୁଖ୍ୟ ସଚିବଙ୍କ ଉପରେ ବର୍ଷି କହିଛନ୍ତି, ଆପଣଙ୍କ ସୁରକ୍ଷା ଏତେ ଉଚ୍ଚରେ ଯେ, ଜଣେ ହାଇକୋର୍ଟ ମୁଖ୍ୟ ବିଚାରପତି ମଧ୍ୟ ଆପଣଙ୍କ ପାଖରେ ପହଞ୍ଚି ପାରିବେ ନାହିଁ । ଦୟାକରି ଏହାକୁ ଟିକେ କମ୍ କରନ୍ତୁ । ଅସୁବିଧା କେଉଁଠି ରହିଲା ? ଆପଣ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ କଲ୍ ବି ଉଠାଉ ନାହାନ୍ତି । ଏହାପରେ ମୁଖ୍ୟ ସଚିବ କହିଥିଲେ ଯେ, ମୋ ଫୋନକୁ କୌଣସି ଅଧିକାରୀଙ୍କ ଫୋନ୍ ଆସିନଥିଲା । ମୁଁ ଏକ ବୈଠକ ପାଇଁ ଦିଲ୍ଲୀ ଆସିଥିଲି । ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ମୁଁ ଏକ ବିମାନରେ ଥିଲି । ଏହାପରେ ବିଚାରପତି କହିଥିଲେ ଯେ, ଯଦି ଆପଣ ମୋବାଇଲ୍ ନମ୍ବର ଓ ଅନ୍ୟାନ୍ୟ ବିବରଣୀ ସେୟାର କରିଥାନ୍ତେ ତେବେ ଆପଣ ସନ୍ଧ୍ୟାରୁ ଫୋନ୍ ପାଇଥାନ୍ତେ ।

## ୫ ରାଜ୍ୟରୁ ୬୫୦ କୋଟି ଜବତ

ନୂଆଦିଲ୍ଲୀ,୬।୪:ଆସନ୍ତା ବିଧାନସଭା ନିର୍ବାଚନ ଏବଂ ଉପ-ନିର୍ବାଚନକୁ ଅବାଧ ଓ ନିଷ୍ପାପ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ ଆକ୍ସନ ମୋଡରେ ଅଛନ୍ତି । ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବ୍ୟବହାର କରାଯାଉଥିବା ବେଆଇନ ନଗଦ ଟଙ୍କା, ମଦ ଏବଂ ଡ୍ରଗ୍ସ ଉପରେ କମିଶନଙ୍କ ଚଡ଼ାଉ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୫ଟି ରାଜ୍ୟରୁ ୬୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବେଆଇନ ସାମଗ୍ରୀ ଓ ନଗଦ ଟଙ୍କା ଜବତ କରାଯାଇଛି । ନିର୍ବାଚନ କମିଶନଙ୍କ 'ଇଲେକ୍ଟ୍ରୋନିକ ଜବତ ପରିଚାଳନା ପ୍ରଣାଳୀ' ଅନୁଯାୟୀ, ୫ ଏପ୍ରିଲ ସୁଦ୍ଧା ମୋଟ୍ ୬୫୧.୫୧ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଛି । ଜବତ ହୋଇଥିବା ଟଙ୍କା ମଧ୍ୟରୁ ୫୩.୨ କୋଟି ନଗଦ ଟଙ୍କା, ୭୯.୩ କୋଟି ଟଙ୍କାର ମଦ, ୨୩୦ କୋଟି ଟଙ୍କାର ନିଶାଦ୍ରବ୍ୟ, ୫୮ କୋଟି ଟଙ୍କାର ମୂଲ୍ୟବାନ ଧାତୁ ଯେପରିକି ସୁନା ଓ ରୁପା, ୨୩୧ କୋଟି ଟଙ୍କାର ମାଗଣା ଉପହାର ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି । ଜବତ ତାଲିକାରେ ପଶ୍ଚିମବଙ୍ଗ ସବୁଠୁ ଆଗରେ ରହିଛି । ପଶ୍ଚିମବଙ୍ଗରୁ ୩୧୯ କୋଟି ଟଙ୍କା, ତାମିଲନାଡୁରୁ ୧୭୦ କୋଟି ଟଙ୍କା, ଆସାମରୁ ୯୭ କୋଟି ଟଙ୍କା, କେରଳରୁ ୫୮ କୋଟି ଟଙ୍କା, ପୁଡୁଚେରୀରୁ ୭ କୋଟି ଟଙ୍କା ଜବତ ହୋଇଛି । ନିର୍ବାଚନକୁ ହିଂସାମୁକ୍ତ ଓ ପ୍ରଲୋଭନମୁକ୍ତ କରିବା ପାଇଁ କମିଶନ ବ୍ୟାପକ ପ୍ରସ୍ତୁତି କରିଛନ୍ତି । ୫,୧୭୩ରୁ ଅଧିକ ଫ୍ଲାଇଂ ସ୍କ୍ୱାଡ୍ ଦଳ ମୁତୟନ କରାଯାଇଛି । ଯେକୌଣସି ଅଭିଯୋଗର ୧୦୦ ମିନିଟ୍ ମଧ୍ୟରେ ସମାଧାନ କରାଯିବ । ୫,୨୦୦ରୁ ଅଧିକ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଯାଞ୍ଚ କରୁଛନ୍ତି ।

## ରୁମ୍‌ରୁ ମିଳିଲା ଅଭିନେତ୍ରୀଙ୍କ ମୃତଦେହ



ନୂଆଦିଲ୍ଲୀ,୬।୪: ସନ୍ ଟିଭିର ଧାରାବାହିକ 'କୟାଲ'ରେ ଅଭିନୟ ପାଇଁ ଲୋକପ୍ରିୟ ହୋଇପାରିଥିବା ତାମିଲ ଟିଭି ଅଭିନେତ୍ରୀ ସୁବାସିନୀଙ୍କ ଅକାଳ ମୃତ୍ୟୁ । ସୋମବାର ଚେନ୍ନାଇରେ ତାଙ୍କର ମୃତ୍ୟୁ ଘଟିଛି । ସୁବାସିନୀଙ୍କ ମୃତ୍ୟୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ସେପଟେ ତାଙ୍କର ଅକାଳ ବିୟୋଗରେ ତାମିଲ ଟିଭି ଇଣ୍ଡଷ୍ଟ୍ରିକୁ ଝଟକା ଲାଗିଛି । ସୁବାସିନୀଙ୍କ ଫ୍ୟାନ୍ସମାନେ ମଧ୍ୟ ଘଟଣାରେ ସ୍ତବ୍ଧ । ବଡ଼ କଥା ହେଲା କ୍ୟାରିୟର ଆରମ୍ଭର ଅଳ୍ପ ସମୟ ହୋଇଥିବା ବେଳେ ତାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି ଫ୍ୟାନ୍ସ । ରିପୋର୍ଟ ଅନୁସାରେ, ସୁବାସିନୀଙ୍କ ମୃତଦେହ ଚେନ୍ନାଇର ଅୟପ୍ପନଥଙ୍ଗଲ ସ୍ଥିତ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଛି । ପ୍ରାଥମିକ ତଦନ୍ତରୁ ପୋଲିସ ଆତ୍ମହତ୍ୟା ସନ୍ଦେହ କରୁଥିବା ବେଳେ, ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସୁବାସିନୀଙ୍କର ନିଜ ସ୍ୱାମୀଙ୍କ ସହ ଏକ ଭିଡିଓ କଲ୍‌ରେ ଯୁକ୍ତିତର୍କ ହୋଇଥିଲା । ଯାହାକୁ ନେଇ ସେ ମାନସିକ ଚାପରେ ଥିଲେ । ତେବେ ଅଧିକାରୀ ମୃତ୍ୟୁର କାରଣ ଜାଣିବା ପାଇଁ ତଦନ୍ତ ଜାରି ରଖିଛନ୍ତି ।

## ମେ ୩୧ ଯାଏଁ ତେଲ୍ ଆଭିଭକୁ ବିମାନ ସେବା ବନ୍ଦ

ନୂଆଦିଲ୍ଲୀ,୬।୪ : ପଶ୍ଚିମ ଏସିଆରେ ବଢୁଥିବା ଯୁଦ୍ଧ ଟେନସନ ଯୋଗୁଁ ଏୟାର ଇଣ୍ଡିଆର ବଡ଼ ନିଷ୍ପତ୍ତି । ଯୁଦ୍ଧ ପାଇଁ ବିମାନ ସେବା ବାତିଲ । ମେ' ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ଦିଲ୍ଲୀ-ତେଲ୍ ଆଭିଭ୍ ବିମାନ ସେବା । ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ନେଇ ପଶ୍ଚିମ ଏସିଆ ଯୁଦ୍ଧ ପାଇଁ ବିମାନ ସେବା ବାତିଲ ହୋଇଛି । ପଶ୍ଚିମ ଏସିଆରେ ଚାଲିଥିବା ଭୟଙ୍କର ଯୁଦ୍ଧ କାରଣରୁ ଏୟାର ଇଣ୍ଡିଆ ଏକ ବଡ଼ ଘୋଷଣା କରିଛି । ଆସନ୍ତା ୩୧ ମେ, ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀରୁ ଇସ୍ରାଏଲର ତେଲ୍ ଆଭିଭ୍ ମଧ୍ୟରେ ଚାଲୁଥିବା ସମସ୍ତ ବିମାନ ସେବାକୁ ସ୍ଥଗିତ ରଖାଯାଇଛି । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ମିସାଇଲ୍ ଓ ଡ୍ରୋନ୍ ମାଡ଼ ଜାରି ରହିଥିବାରୁ ବିମାନ ଚଳାଚଳ ବିପଜ୍ଜନକ ହୋଇପଡ଼ିଛି । ଯାତ୍ରୀ ଏବଂ ବିମାନ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ।

# ପୁଡୁଚେରୀରେ ଜିତିଲେ ପୂର୍ଣ୍ଣ ରାଜ୍ୟ ମାନ୍ୟତାର ପ୍ରତିଶ୍ରୁତି ଦେଲା କଂଗ୍ରେସ



ନୂଆଦିଲ୍ଲୀ,୬।୪: କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ପୁଡୁଚେରୀବାସୀଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଯଦି କଂଗ୍ରେସ ଦଳ କ୍ଷମତାକୁ ଆସେ ତେବେ ପୁଡୁଚେରୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବ । ଲସ୍ପେଟରେ ଏକ ନିର୍ବାଚନ ରାଲିରେ ଉଦବୋଧନ ଦେଇ ରାହୁଲ କହିଛନ୍ତି, ପୁଡୁଚେରୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ରାହୁଲ ଅଭିଯୋଗ କରିଛନ୍ତି ଯେ, ବର୍ତ୍ତମାନର କେନ୍ଦ୍ରଶାସିତ ସରକାର ଲୋକଙ୍କର ଇଚ୍ଛାକୁ ପ୍ରତିଫଳିତ କରୁନାହିଁ । ସ୍ଥାନୀୟ ନେତୃବୃନ୍ଦଙ୍କୁ ଅଣଦେଖା କରାଯାଉଛି ଏବଂ ସରକାର ଦିଲ୍ଲୀରୁ ରିମୋଟ୍ କଣ୍ଟ୍ରୋଲରେ ଚାଲିଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି । ନିଯୁକ୍ତି ସୁଦୃଢ଼ କରିବା ପାଇଁ ଏବଂ ପରିବାରମାନଙ୍କରେ ଆର୍ଥିକ ଚାପ ଲାଘବ କରିବା ପାଇଁ କଂଗ୍ରେସ ଏହାର ଇସ୍ତାହାରରେ ବିଭିନ୍ନ ପଦକ୍ଷେପ ଘୋଷଣା କରିଛି । ରାଜ୍ୟର ବେକାର ଯୁବକଙ୍କୁ ଦଳ ମାସିକ ୨ ହଜାର ଟଙ୍କାର ଆର୍ଥିକ ସହାୟତା ଦେବ ଏବଂ ଏଥିସହ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରେ ୩୦ ହଜାର ନୂଆ ଚାକିରି ସୃଷ୍ଟି ପଇଁ ଘୋଷଣା କରିଛି । ମହିଳାଙ୍କ କଲ୍ୟାଣ ପାଇଁ ଦଳ ପୁଡୁଚେରୀରେ ମାଗଣା ବସ୍ ଯାତ୍ରାର ପ୍ରତିଶ୍ରୁତି ଦେଇଛି । ଦଳ ମଧ୍ୟ ସରକାରୀ ଚାକିରି ପାଇଁ ବୟସ ସୀମା ୪୦ ପର୍ଯ୍ୟନ୍ତ ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଛି ।

# ସିଇସିଙ୍କ ବିରୋଧରେ ଆଗତ 'ମହାଭିଯୋଗ ପ୍ରସ୍ତାବ' ସଂସଦରେ ଖାରଜ



ନୂଆଦିଲ୍ଲୀ,୬।୪: ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ୧୯୩ ସାଂସଦଙ୍କ ଦ୍ୱାରା ଉପସ୍ଥାପିତ ମହାଭିଯୋଗ ପ୍ରସ୍ତାବକୁ ଖାରଜ କରିଦିଆଯାଇଛି । ରାଜ୍ୟସଭା ଅଧକ୍ଷ ପ୍ରସ୍ତାବର ସମସ୍ତ ଦିଗକୁ ନିରପେକ୍ଷ ମୂଲ୍ୟାୟନ କରିବା ପରେ ନ୍ୟାୟାଧିଶ (ଯାଞ୍ଚ) ଅଧିନିୟମର ଶକ୍ତି ପ୍ରୟୋଗ କରି ଏହାକୁ ଅସ୍ୱୀକାର କରିଦେଇଛନ୍ତି । ଫଳରେ ନିର୍ବାଚନ କମିଶନରଙ୍କ କାର୍ଯ୍ୟକାଳ ସୁନିଶ୍ଚିତ ହୋଇଯାଇଛି । ମାର୍ଚ୍ଚ ୧୨ ତାରିଖରେ ରାଜ୍ୟସଭାରେ ଉପସ୍ଥାପନ କରାଯାଇଥିବା ପ୍ରସ୍ତାବ ଉପରେ ରାଜ୍ୟସଭା ସଭାପତି ବିଚାରବିମର୍ଷ କରିଥିଲେ । ସବୁ ପ୍ରାସଙ୍ଗିକ ଦିଗ ଓ ପ୍ରସଙ୍ଗକୁ ନିରପେକ୍ଷ ମୂଲ୍ୟାୟନ କରିବା ପରେ ସଭାପତି ନ୍ୟାୟାଧୀଶ (ଯାଞ୍ଚ) ଅଧିନିୟମ, ୧୯୬୮ର ଧାରା ୩ରେ ପ୍ରଦତ୍ତ ଶକ୍ତି ପ୍ରୟୋଗ କରି ପ୍ରସ୍ତାବକୁ ସ୍ୱୀକାର କରିବାକୁ ମନା କରିଦେଇଛନ୍ତି । ଏହି ନିଷ୍ପତ୍ତି ପରେ ଏହା ସ୍ପଷ୍ଟ ହୋଇଯାଇଛି ଯେ ମୁଖ୍ୟ ନିର୍ବାଚନ କମିସନରଙ୍କ କାର୍ଯ୍ୟକାଳ ଜାରି ରହିବ ଓ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଉ ଆଗକୁ ବଢିବ ନାହିଁ । ଏହି ପଦକ୍ଷେପ ସମ୍ବିଧାନ ଓ ନିର୍ବାଚନ ପ୍ରକ୍ରିୟାର ସ୍ୱାଧୀନତା ମଜଭୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ ବିରୋଧୀ ଦଳ ଏଥି ପାଇଁ ଉଭୟ ରାଜ୍ୟସଭା ଓ ଲୋକସଭାକୁ ନୋଟିସ୍ ଦେଇଥିଲେ । ଏଥିରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ପ୍ରସ୍ତାବ ଆଣିବାକୁ ଦାବି କରାଯାଇଥିଲା । ବିରୋଧୀ ନିର୍ବାଚନ କମିଶନରଙ୍କ ଉପରେ ପକ୍ଷପାତ ପୂର୍ଣ୍ଣ ବ୍ୟବହାରର ଅଭିଯୋଗ ଆଣିଥିଲେ । ଏହା ଛଡା ଜ୍ଞାନେଶ କୁମାରଙ୍କ ବିରୋଧରେ ବିପକ୍ଷ ୭ଟି ଗୁରୁତର ଅଭିଯୋଗ କରିଥିଲେ ।

# ପାକିସ୍ତାନର ଯୁଦ୍ଧବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲା ଇରାନ୍



ନୂଆଦିଲ୍ଲୀ,୮।୪ : ଇରାନ୍ ଏବଂ ଆମେରିକା ମଧ୍ୟ ଜାରି ଯୁଦ୍ଧ ବନ୍ଦ କରିବା ଲାଗି ମଧ୍ୟସ୍ଥତା କରୁଛି ପାକିସ୍ତାନ । ହେଲେ ପାକିସ୍ତାନର ଯୁଦ୍ଧବିରତି ପ୍ରସ୍ତାବ ଇରାନର ନେତୃତ୍ୱଙ୍କୁ ପସନ୍ଦ ଆସୁନାହିଁ । ଏହା ପୂର୍ବରୁ ଇରାନର ବୈଦେଶିକ ମନ୍ତ୍ରୀ କହିଥିଲେ, ଆମେ ଇସ୍ଲାମାବାଦ ଯିବାକୁ ପ୍ରସ୍ତୁତ ଅଛୁ । କିନ୍ତୁ ଏବେ ଇରାନ୍ ପାକିସ୍ତାନ ପକ୍ଷରୁ ଦିଆଯାଇଥିବା ୧୫ ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି । ଆମେରିକାକୁ ସୁହାଇଲା ଭଳି ପାକିସ୍ତାନର ଏହି ପ୍ରସ୍ତାବୁ ମାନିବାକୁ ରାଜି ହୋଇନାହାନ୍ତି ଇରାନର ନେତା ।ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ, ମଧ୍ୟସ୍ଥିଙ୍କ ମାଧ୍ୟମରେ ପଠାଯାଇଥିବା ଶାନ୍ତି ପ୍ରସ୍ତାବକୁ ଇରାନ ପ୍ରତ୍ୟାଖ୍ୟାନ କରିଛି । ଯେକୌଣସି ଅସ୍ତ୍ରବିରତି ଆଲୋଚନା ଏହାର ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି କରାଯିବ ବୋଲି ଇରାନ ନିଜର ଦାବି ଦୋହରାଇଛି ।ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ଇରାନ ଏବଂ ଆମେରିକା ଉଭୟ ପାକିସ୍ତାନ ଦ୍ୱାରା ପ୍ରସ୍ତୁତ ଏକ ଡ୍ରାଫ୍ଟ ପ୍ରସ୍ତାବ ପାଇଥିଲେ । ଏଥିରେ ଯୁଦ୍ଧ ସମାପ୍ତ କରିବାର ଉପାୟ ଖୋଜିବା ପାଇଁ ୪୫ ଦିନିଆ ଯୁଦ୍ଧବିରତି ଏବଂ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ କୁହାଯାଇଥିଲା । ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ୍ ବାଘାଇ କହିଛନ୍ତି ଯେ, ତେହେରାନ ପୂର୍ବରୁ ନିଜର ସ୍ଥିତି ଏବଂ ସର୍ତ୍ତାବଳୀ ଜଣାଇସାରିଛି ।'ଧମକକୁ ଡରେନି ଇରାନ' ସେ କହିଛନ୍ତି ଯେ, ଇରାନ ଆଲୋଚନା ପାଇଁ କୌଣସି ଚାପ କିମ୍ବା ଧମକ ଆଗରେ ମୁଣ୍ଡ ନୁଆଁଇବ ନାହିଁ । ଇସମାଇଲ ବାଘାଇ କହିଛନ୍ତି, 'ସମୟସୀମା ଏବଂ ଯୁଦ୍ଧର ଧମକ, ଆଲୋଚନାଣ ସର୍ତ୍ତବାଳୀଠୁ ଭିନ୍ନ । ତେହେରାନର ଜାତୀୟ ସ୍ୱାର୍ଥ ଉପରେ ଆଧାରିତ କିଛି ସର୍ତ୍ତ ରହିଛି, ଏଥିରେ କୌଣସି ପ୍ରକାର ସାଲିସ କରାଯାଇ ପାରିବ ନାହିଁ ବୋଲି ବାଘାଇ କହିଛନ୍ତି ।

# ଗେଟ୍ ଭାଙ୍ଗି ଦିଲ୍ଲୀ ବିଧାନସଭା ଭିତରେ ପଶିଲା ଅଜଣା କାର

ନୂଆଦିଲ୍ଲୀ,୬।୪: ଦିଲ୍ଲୀ ବିଧାସଭାର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନବାଚୀ । ବିଧାନସଭାର ଗେଟ ଭାଙ୍ଗି ଏକ ଅଜରା ଗାଡ଼ି ପଶିଲା । ଆଉ ବାଚସ୍ପତିଙ୍କ କୋଠରୀ ବାହାରେ ଫୁଲତୋଡ଼ା ରଖି ବାହାରିଲା । ଯାହାକି ଏବେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ପ୍ରବେଶ କରିଥିବା ବ୍ୟକ୍ତିକୁ ଚିହ୍ନଟ କରାଯାଇଛି । ମାମଲାରେ ଟ୍ରେସ ହୋଇଥିବା ଗାଡି ନମ୍ବରରୁ ଚାଳକ ସରବଜିତ ସିଂହ ରୂପେ ଚିହ୍ନଟ ହୋଇଛି । ଏହି ମାମଲାରେ ସରବଜିତର ଭାଇ କହିଛି ଯେ ସେ ଘରୁ ଗଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାକୁ ଯାଉଥିବା କହି ଯାଇଛି । ତେବେ କିଛି ଦିନ ହେବ ସରବଜିତର ମାନସିକ ସ୍ଥିତି ଠିକ ନଥିବା ତାଙ୍କ ଭାଇ କହିଛନ୍ତି । ସୂଚନାନୁସାରେ ସୋମବାର, ସମୟ ଦିନ ୨ଟା ୫ ହେବ । ହଠାତ ଏକ ଧଳା ରଙ୍ଗର କାର ଦିଲ୍ଲୀ ବିଧାନସଭାର ମଲ ରୋଡରେ ଥିବା ଗେଟ୍ ଭାଙ୍ଗି ଭିଆଇପିଙ୍କ ପ୍ରବେଶ ପଥରେ ଭିତରକୁ ପଶିଥିଲା । ବାଚସ୍ପତିଙ୍କ କୋଠରୀ ବାହାରେ ଏକ ଫୁଲତୋଡ଼ା ରଖି ବାହାରିଥିଲା । ସେପଟେ ଉପସ୍ଥିତ ଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି କି, କାରଟି ବହୁତ ଜୋରରେ ଭିତରକୁ ପଶିଥିବାବେଳେ ସେଠାରେ ବୁଲିଥିଲା । ଯାହାକି ବିଶୃଙ୍ଖଳା ଏବଂ ଉତ୍ତେଜନାପୂର୍ଣ୍ଣ ଥିଲା ବୋଲି ପ୍ରକାଶ କରିଛନ୍ତି ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ଅମିତ ଯୋଗୀକୁ ଆଜୀବନ କାରାଦଣ୍ଡ



ନୂଆଦିଲ୍ଲୀ,୬/୪; ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ପୁଅକୁ ଆଜୀବନ ଜେଲ୍ । ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ଅମିତ ଯୋଗୀକୁ ଆଜୀବନ ସଜା ଶୁଣାଇଛନ୍ତି ହାଇକୋର୍ଟ । ପୂର୍ବତନ ସିଏମ୍ ଅଜିତ ଯୋଗୀଙ୍କ ପୁଅ ତଥା ପୂର୍ବ ବିଧାୟକ ଅମିତ ଯୋଗୀ । ୨୦୦୩ ଏକ ହତ୍ୟା ମାମଲାରେ ଆଜୀବନ ଶୁଣାଇଛନ୍ତି ହାଇକୋର୍ଟ । ଏନସିପି ନେତା ରାମ ଅବତାର ଜଗି ହତ୍ୟା ମାମଲାରେ ସଜା ହୋଇଛି । ୨୦୦୩ ବିଧାନସଭା ନିର୍ବାଚନ ପୂର୍ବରୁ ରାମ ଅବତାର ଜଗିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଗତ ଗୁରୁବାର ହାଇକୋର୍ଟ ପୂର୍ବତନ ବିଧାୟକ ଅମିତ ଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଆଜି ରାମ ଅବତାର ଜଗ୍ଗିଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସିବିଆଇ ଅନୁଯାୟୀ, ଏହି ମାମଲାଟି ୨୦୦୩ ମସିହାରେ ରାୟପୁରରେ ବ୍ୟବସାୟୀ ତଥା ରାଜନେତା ରାମଅବତାର ଜଗ୍ଗିଙ୍କ ହତ୍ୟା ସହିତ ଜଡ଼ିତ । ଅମିତଙ୍କ ବାପା ଅଜିତ ଯୋଗୀ ସେତେବେଳେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଥିଲେ । ୨୦୦୭ ମସିହାରେ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ହତ୍ୟା ମାମଲାରେ ୨୮ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତଥାପି, କୋର୍ଟ ଅମିତ ଯୋଗୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ସିବିଆଇ ଅମିତ ଯୋଗୀଙ୍କ ଦୋଷମୁକ୍ତକୁ ଛତିଶଗଡ଼ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା । ଯାହା ବିଳମ୍ବ କାରଣରୁ ଆବେଦନକୁ ଖାରଜ କରିଥିଲେ । ଏହାପରେ ସିବିଆଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଯିଏକି ଗତ ନଭେମ୍ବରରେ ବିଳମ୍ବକୁ କ୍ଷମା ଦେଇଥିଲେ ଏବଂ ମାମଲାକୁ ପୁନର୍ବାର ହାଇକୋର୍ଟକୁ ପଠାଇଥିଲେ ।

# ଝିଅ ଉପରେ 'ତାଲିବାନି ଦଣ୍ଡ' ଲଗାଇଲେ ଅବସରପ୍ରାପ୍ତ ସୈନିକ

ନୂଆଦିଲ୍ଲୀ,୬।୪: ହିମାଚଳ ପ୍ରଦେଶର ଉନା ଜିଲ୍ଲାରୁ ଶିଶୁ ନିର୍ଯାତନାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଏଠାରେ ଜଣେ ଅବସରପ୍ରାପ୍ତ ସୈନିକ ଯାହା କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିବ । ସେ ତାଙ୍କ ଘରେ ଜଣେ ଚାରି ବର୍ଷର ଝିଅକୁ ବାନ୍ଧି ନିର୍ଯାତନା ଦେଉଥିଲେ । ପିଟିଲେ ଏବଂ ସିଡ଼ିରୁ ଓଲଟା ଝୁଲାଇ ଦେଲେ । ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ ସମସ୍ତଙ୍କ ଲୋମ ଟାଙ୍କୁରି ଯାଇଥିଲା । ଭିଡିଓରେ ଝିଅଟି ଚିତ୍କାର କରୁଥିବାର ଶୁଣିବାକୁ ମିଳୁଛି, କାକା, ମୋତେ ବଞ୍ଚାଅ । ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି । ଆଶ୍ଚର୍ଯ୍ୟର କଥା ଝିଅଟିର ଏକମାତ୍ର ଦୋଷ ଥିଲା ଯେ ସେ ଅବସରପ୍ରାପ୍ତ ସୈନିକଙ୍କ ଘର ଅଗଣାରେ ଥିବା ଏକ ଗୁଆ ଗଛରୁ ଏକ ଗୁଆ ଟାଣି ନେଇଥିଲା । ରିପୋର୍ଟ ଅନୁସାରେ ପୀଡ଼ିତା ଜଣେ ପ୍ରବାସୀ ପରିବାରର ଝିଅ । ସେ ଅଭିଯୁକ୍ତଙ୍କ ଘର ପାଖରେ ଥିବା ଏକ ଗଛରୁ ଗୁଆ ଟାଣି ନେଇଥିଲା, ଯାହା ତାଙ୍କୁ କ୍ରୋଧିତ କରିଥିଲା । ପୁଲିସ ରିପୋର୍ଟ କରିଛି ଯେ ଅଭିଯୁକ୍ତ ଝିଅଟିକୁ ତାଙ୍କ ଘର ଭିତରକୁ ନେଇଯାଇଥିଲା, ଶିଡ଼ିରେ ଶିଡ଼ିରେ ବାନ୍ଧି ତାଙ୍କୁ ଆକ୍ରମଣ କରିଥିଲା ।

# ତେହେରାନ ଉପରେ ଏୟାରଷ୍ଟ୍ରାଇକ: ୧୩ ମୃତ



ନୂଆଦିଲ୍ଲୀ,୬।୪ : ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଅଧିକ କରିଦେଇଛନ୍ତି । ଇରାନର ରାଜଧାନୀ ତେହେରାନର ଆବାସିକ ଗଳିକନ୍ଦିରେ ଆକ୍ରମଣ ହୋଇଛି । ଏହି ଭୀଷଣ ଏୟାର ଷ୍ଟ୍ରାଇକରେ ଏପର୍ଯ୍ୟନ୍ତ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରତିଷ୍ଠିତ ଶରୀଫ୍ ୟୁନିଭର୍ସିଟି ଉପରେ ମଧ୍ୟ ଆକ୍ରମଣ କରାଯାଇଛି । ଖବର ଅନୁସାରେ, ତେହେରାନର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ଇସଲାମ ସହର ଉପରେ ପାହାନ୍ତା ସମୟରେ ଏକ ମିସାଇଲ୍ ମାଡ଼ ହୋଇଥିଲା । ଏହି ଆକ୍ରମଣ ଏକ ଆବାସିକ କୋଠା ଉପରେ ହୋଇଥିବାରୁ ଶୋଇଥିବା ଅବସ୍ଥାରେ ୧୩ ଜଣ ନିରୀହ ଲୋକଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ତଳେ ଦବି ରହିଥିବା ଲୋକଙ୍କୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି । ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି । ଆକ୍ରମଣକାରୀମାନେ ତେହେରାନର ବିଶ୍ୱପ୍ରସିଦ୍ଧ ଶରୀଫ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିକୁ ମଧ୍ୟ ଛାଡ଼ିନାହାନ୍ତି । ବିମାନ ଆକ୍ରମଣରେ ବିଶ୍ୱବିଦ୍ୟାଳୟ ପରିସର ସମେତ ନିକଟସ୍ଥ ଏକ ଗ୍ୟାସ୍ ବିତରଣ କେନ୍ଦ୍ର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ଯୁଦ୍ଧ ଯୋଗୁଁ ଶିକ୍ଷାନୁଷ୍ଠାନ ପୂର୍ବରୁ ବନ୍ଦ ଥିଲା ଏବଂ କ୍ଲାସ୍ ଅନଲାଇନ୍ ଚାଲୁଥିବାରୁ କ୍ୟାମ୍ପସରେ ଛାତ୍ରଛାତ୍ରୀ ନଥିଲେ । ଇରାନ ଉପରେ ଏହି ଆକ୍ରମଣ ପରେ ପୂରା ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଇସ୍ରାଏଲରେ ସୁରକ୍ଷା ଏଜେନ୍ସି ପକ୍ଷରୁ ମିସାଇଲ୍ ଆଲର୍ଟ ଜାରି କରାଯାଇଛି । ଦୁବାଇରେ ଦୁଇ ଦୁଇ ଥର ବିପଦର ସାଇରନ୍ ବଜାଯାଇଛି ଏବଂ ଏୟାର ଡିଫେନ୍ସ ସିଷ୍ଟମକୁ ଆକ୍ଟିଭ କରାଯାଇଛି ।

# ଜମି ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଜମି ଦେବା ନାଁରେ ଲକ୍ଷଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ମଂଚେଶ୍ୱର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପ୍ରମୋଦ କୁମାର ପଲେଇ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ହୃଷିକେଶ ସାମଲ ଏକ ଜମି କିଣିବା ପାଇଁ ଅଭିଯୁକ୍ତ ପ୍ରମୋଦ କୁମାର ପଲେଇ ଓ ତାଙ୍କ ପରିବାର ସଦସ୍ୟ ମାନଙ୍କ ସହ ଏକ ଚୁକ୍ତି କରିଥିଲେ ଏବଂ ଅନଲାଇନ୍ ମାଧ୍ୟମରେ ମୋଟ ୨୪,୦୦,୦୦୦/- ଟଙ୍କା ପରିଶୋଧ କରିଥିଲେ। କିନ୍ତୁ ଅଭିଯୁକ୍ତମାନେ ବିକ୍ରୟ ଡିଡ୍ କାର୍ଯ୍ୟକାରୀ କରିନଥିଲେ ଓ ଟଙ୍କା ଫେରସ୍ତ ଦେଇନଥିଲେ। ପରବର୍ତ୍ତୀ ସମୟରେ ସେମାନେ କିସ୍ତିରେ ଟଙ୍କା ଫେରସ୍ତ ଦେବାକୁ ଚୁକ୍ତିନାମା କରିଥିଲେ, କିନ୍ତୁ ସେଥିରେ ମଧ୍ୟ ବିଫଳ ହୋଇଥିଲେ। ପୁଣିଥରେ ଜମି ବିକ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ସତ୍ତ୍ୱେ, ପଞ୍ଜୀକରଣ କରିବାକୁ ମନା କରିଥିଲେ। ବକେୟା ରାଶି ପରିଶୋଧ ପାଇଁ ଅଭିଯୁକ୍ତ ପ୍ରମୋଦ କୁମାର ପଲେଇଦ୍ୱାରା ଅନେକ ଚେକ୍ ଦିଆଯାଇଥିଲା, ଯାହା ପରେ ଅବୈଧ ବୋଲି ପ୍ରମାଣିତ ହୋଇଥିଲା ଏବଂ ଜମା କରିବାବେଳେ ଗୋଟିଏ ଚେକ୍ ଅଗ୍ରାହ୍ୟ ହୋଇଥିଲା। ଏହିପରି ଅଭିଯୁକ୍ତମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀଙ୍କୁ ଟଙ୍କା ଦେବାକୁ ପ୍ରଲୋଭିତ କରି ଠକେଇ କରିଥିଲେ। ତଦନ୍ତ ସମୟରେ ଚୁକ୍ତିନାମା ଓ ଚେକ୍ ସମେତ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଅଭିଯୁକ୍ତକୁ ଗିରଫ କରାଯାଇ ପଚ଼ରାଉଚ଼ରା ସମୟରେ ତାଙ୍କର ଅପରାଧରେ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା। ଯାଞ୍ଚରୁ ଏହା ମଧ୍ୟ ପ୍ରକାଶ ପାଇଥିଲା ଯେ, ଅଭିଯୁକ୍ତ ପୂର୍ବରୁ ଲକ୍ଷ୍ମୀସାଗର ଥାନା ଅଧୀନରେ ଠକେଇ ଓ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ଗୋଟିଏ ମାମଲାରେ ଜଡିତ ଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ତାଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି।

# ଆଜାଦନଗର ବିସ୍ଫୋରଣ ଘଟଣା: ତଦନ୍ତ କରିବ ଏନଆଇଏ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଆଜାଦନଗର ବିସ୍ଫୋରଣ ଘଟଣାର ଏନଆଇଏ ତଦନ୍ତ କରିବ। ବିସ୍ଫୋରଣ ଘଟଣା, ଅପରାଧିକ ଲିଙ୍କ, ଆତଙ୍କି ହମଲା ସମ୍ପର୍କିତ ତଦନ୍ତ କରିବ ଏନଆଇଏ । ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦା ଆଜାଦ ନଗରରେ ହୋଇଥିଲା ଭୟଙ୍କର ବିସ୍ଫୋରଣ । ମୁଖ୍ୟ ଅଭିଯୁକ୍ତ ସେହେନୱାଜ ମଲ୍ଲିକ ଓରଫ ମଫି ଓ ତା' ମା'ଙ୍କର ଚ଼ିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏନଆଇ ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତର ପୂର୍ଣ୍ଣ ଭାର କମିଶନରେଟ ପୁଲିସ ଠାରୁ ହାତକୁ ନେଇଛି । ଏହି ତଦନ୍ତ ପ୍ରକ୍ରିୟା ବେଳେ ଜବତ ହୋଇଥିବା ବିସ୍ଫୋରକ ଆରଡିଏକ୍ସର ବ୍ୟବହାର, ମଫି ର ଆନ୍ତରାଜ୍ୟ ଲିଙ୍କ, ପୂର୍ବର ଅପରାଧିକ ମାମଲା ସମ୍ପର୍କରେ ହୋଇପାରେ ଅଧିକ ଖୋଳତାଡ଼। ଠିକ ସେହିପରି ଏତେ ପରିମାଣର ଆରଡିଏକ୍ସ କେଉଁଠାରେ ବ୍ୟବହାର ହୋଇଥାନ୍ତା ଏ ସମ୍ପର୍କରେ ଅଧିକ ଖୋଳତାଡ଼ କରିବା ପାଇଁ ଏକାଧିକ ଲୋକଙ୍କୁ ପଚ଼ରାଉଚ଼ରା ଜାରି ରଖିଛି ଏନଆଇଏ । ଏପରିକି ମୁଖ୍ୟ ଅଭିଯୁକ୍ତ ତଥା ମୃତ ମୁଫିର ଗାର୍ଲଫ୍ରେଣ୍ଡକୁ ଅଧିକ ପଚ଼ରାଉଚ଼ରା କରୁଛି ଏନଆଇଏ । ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନିୟୁ ଆଜାଦନଗରରେ ବୋମା ଭିଡୁଥିବା ସମୟରେ ଏହି ବିସ୍ଫୋରଣ ଘଟିଥିଲା। ଏଥିରେ ମୁଖ୍ୟ ଅଭିଯୁକ୍ତ ସେହେନୱାଜଙ୍କ ସମେତ ତାଙ୍କ ବାନ୍ଧବୀ, ମାଆ ଓ ବନ୍ଧୁ ଅମୀୟ ମଲ୍ଲିକ ଆହତ ହୋଇଥିଲେ। ଚ଼ିକିତ୍ସାଧିନ ଅବସ୍ଥାରେ ମୁଖ୍ୟ ଅଭିଯୁକ୍ତ ସେହେନୱାଜ ଏବଂ ତାଙ୍କ ମାଆଙ୍କ ମୃତ୍ୟୁ ଘଟିଥିଲା ।

## ବାଇକ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ

ନବରଙ୍ଗପୁର(ନିପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧିନ ବୋରିପଦର ଛକ ନିକଟରେ ଦୁଇ ନାବାଳକ ଗାଡି ଚଳକଙ୍କ ଯୋଗୁଁ ବାଇକ ଦୁର୍ଘଟଣାରେ ଜଣେକ ଜୀବନ ଯାଇଛି। ଦୁର୍ଘଟଣାରେ ଜଣେ ମୃତ ଓ ୨ଜଣ ଆହତ ହେଇଥିବା ଜଣାପଡିଛି। ସୂଚନଯୋଗ୍ୟ ଉମରକୋଟ ଥାନା ଅଧିନ ଡ଼ଙ୍ଗରିଗୁଡ଼ା ଗ୍ରାମର ଜୟସିଂ ଲହରା (୩୭) ଏକ ମୋଟର ସାଇକେଲ (ସିଜି୦୪ସିଜେଡ୍ ୭୭୫୭) ଯୋଗେ କୌଣସି କାମରେ ଡାବୁଗାଁ ଅଭିମୁଖେ ଆସୁଥିବା ସମୟରେ ପଛପଟରୁ ଘୋଡ଼ାଖୁଣ୍ଟା ଗ୍ରାମର ବିଶାଳ ସାହୁ (୧୭) ଓ ଡାବୁଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତର ଜିତ୍ ସୁନ୍ଦର (୧୭) ଏକ ମୋଟର ସାଇକେଲ (ଓଡ଼ି୨୪ଏଲ-୨୩୯୬)ରେ ଦ୍ରୁତଗତିରେ ଆସି ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତା କଡକୁ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରେ ଜୟସିଂ ମୃତ୍ୟୁବରଣ କରିଥିବାବେଳେ ବିଶାଳ ଓ ଜିତ୍ ଆହତ ହୋଇଛନ୍ତି । ସମସ୍ତଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ବିଶାଳଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ନୀତି ବିଭ୍ରାଟ ନେଇ ସେବା ସଂଗଠନର କ୍ଷୋଭ



ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱର ଯାହା ଏକାମ୍ର କ୍ଷେତ୍ର ଭାବରେ ପରିଚିତ ତାହାର ଆରାଧ୍ୟ ଦେବତା ହେଲେ ମହାପ୍ରଭୁ ଶ୍ରୀଲିଙ୍ଗରାଜ। ଦୈନନ୍ଦିନ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ଲାଭ ନିମନ୍ତେ ଭାରତ ବର୍ଷର କୋଣ ଅନୁକୋଣରୁ ଆସୁଛନ୍ତି। ତେବେ ଦୁଃଖ ଓ ପରିତାପର ବିଷୟ, ଯେ ଗଙ୍ଗାର ମହତ୍ତ୍ୱ ଗଙ୍ଗା କୂଳରେ ଥିବା ଲୋକ ଉପେକ୍ଷା କରିବା ପରି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁପା ଘୋଡଣିକୁ କେନ୍ଦ୍ର କରି ସୋମବାର ପ୍ରାୟ ୭ ଘଣ୍ଟା ମହାପ୍ରଭୁଙ୍କୁ ଉପବାସ ରଖାଯାଇଥିଲା । ଫଳରେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ନକାରାତ୍ମକ ମନୋଭାବ ଏହି ପୀଠ ପ୍ରତି ପ୍ରକାଶ ପାଇଥିଲା। ଏହି ପୀଠରେ ନୀତି ବିଭ୍ରାଟ ଅଭିଯୋଗ ବହୁ ସମୟରେ ହୋଇଆସୁଥିବା ବେଳେ ପ୍ରଶାସନ ଏଥିପ୍ରତି ଉଚିତ ନଜର ନ ଦେବା ଦୁର୍ଭାଗ୍ୟଜନକ ବୋଲି ସେବା ପ୍ରତିନିଧି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଏହାର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ଶ୍ରୀଲିଙ୍ଗରାଜଙ୍କ ନିମନ୍ତେ ସ୍ୱତନ୍ତ୍ର ଆଇନ ଆଣିବା ପାଇଁ ଥରକୁ ଥର ଲିଙ୍ଗରାଜ ମନ୍ଦିର ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇ ଚାଲିଛନ୍ତି।ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି।

## ଆତଙ୍କ ସୃଷ୍ଟିକାରୀ ଗିରଫ, କାର୍ ଜବତ

ଭୁବନେଶ୍ୱର(ନିପ୍ର): ଖଣ୍ଡା-ଭୁଜାଲି ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗରେ ନୁଆପଲ୍ଲୀ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପବିତ୍ର ଦଳେଇ। ପୁଲିସ ତା ନିକଟରୁ ଏକ କାର ଜବତ କରିଛି। ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚ଼ନାଯୋଗ୍ୟ ଯେ, ଆଜି ସକାଳ ନୟାପଲ୍ଲୀ ଥାନାର ଏସ୍ଆଇ ପ୍ରତାପ କୁମାର ଦାସ ଓ ତାଙ୍କ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ, ଜଣେ ବ୍ୟକ୍ତି ଜୁଡିଓ ସ୍କ୍ୱାର ନିକଟରେ ଠିଆ ହୋଇ ଖଣ୍ଡା ଦେଖାଇ ସାଧାରଣ ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିବା ବିଷୟରେ ବିଶ୍ୱସନୀୟ ସୂତ୍ରରୁ ସୂଚ଼ନା ପାଇଥିଲେ। ସୂଚ଼ନା ଅନୁଯାୟୀ ପୋଲିସ ଦଳ ଘଟଣାସ୍ଥଳକୁ ପହଞ୍ଚି ଅଭିଯୁକ୍ତଙ୍କୁ ବର୍ଣ୍ଣନା ସହିତ ମେଳ ଖାଉଥିବା ଦେଖିଥିଲା। ପୋଲିସକୁ ଦେଖି ସେ ଏକ ଗାଡ଼ିରେ ଅସ୍ତ୍ର ଲୁଚ଼ାଇ ପଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ତୁରନ୍ତ ତାଙ୍କୁ ଧରି ଗିରଫ କରାଯାଇଥିଲା। ତଦନ୍ତ ସମୟରେ ଅଭିଯୁକ୍ତଙ୍କ ହେପାଜତରୁ ଏକ ସ୍ୱିଫ୍ଟ ଡିଜାୟାର ଗାଡ଼ି ଜବତ କରାଯାଇଥିଲା ଏବଂ ଗାଡ଼ିର ଡିକିରୁ ଗୋଟିଏ ଲୁହା ଖଣ୍ଡା ଉଦ୍ଧାର କରାଯାଇଥିଲା। ପଚ଼ରାଉଚ଼ରା ସମୟରେ,ସେ ଅସ୍ତ୍ର ଅସୁଲି, ବଳପ୍ରଦର୍ଶନ ଏବଂ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ କିଣିଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ତାଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚ଼ାଲିଛି।

## ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଦୀକ୍ଷାନ୍ତ ସମାରୋହ

ଭୁବନେଶ୍ୱର(ନିପ୍ର): ସୋମବାର ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ୯ମ ବ୍ୟାଚ୍ ଡିଏସପି ପ୍ରୋବେସନରଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ନବମ ବ୍ୟାଚ଼ର ୫ ଜଣ ଡିଏସପି ସଫଳତାର ସହ ମୌଳିକ ପ୍ରଶିକ୍ଷଣ ସମାପ୍ତ କରି ଏହି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ। ଏହି ଅବସରରେ ଡ଼ିଏଚ ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଓଡ଼ିଶା ପୋଲିସର ନୂତନ ଶକ୍ତି ଭାବେ ଜନସେବାରେ ନିବେଶିତ ହେବାକୁ ଆହ୍ୱାନ ଦେଇଥିଲେ । ତାଙ୍କ ଉଦବୋଧନରେ କହିଥିଲେ ଯେ, ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିବା ଗୁଣାତ୍ମକ ପ୍ରଶିକ୍ଷଣ ନୂତନ ଅଧିକାରୀମାନଙ୍କୁ ଦାୟିତ୍ୱବାନ, ସକ୍ଷମ ଓ ପେଶାଦାର ଭାବେ ଗଢ଼ି ତୋଳିବ। ଆଗାମୀ ଦିନରେ ସାଇବର ଅପରାଧ, ସଂଗଠିତ ଅପରାଧ ଓ ଅନ୍ୟାନ୍ୟ ଚ଼୍ୟାଲେଞ୍ଜକୁ ସାହସ ଓ ସତ୍ୟନିଷ୍ଠାର ସହିତ ମୁକାବିଲା କରିବା ପାଇଁ ଡିଜିପି ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପୋଲିସ ବ୍ୟବସ୍ଥାକୁ ସଶକ୍ତ ଓ ଆଧୁନିକ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ନୂତନ ପଦବୀ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟା, ବିସ୍ତାର ଓ ଟ୍ରାଫିକ ପରିଚ଼ାଳନାକୁ ସୁଦୃଢ଼ କରିବା ପଦକ୍ଷେପଗୁଡିକ ପୋଲିସ ବାହିନୀକୁ ଆହୁରି ଶକ୍ତିଶାଳୀ କରୁଥିବା ସେ କହିଥିଲେ। ସେହିପରି, ନୂତନ ଅପରାଧିକ ଆଇନଗୁଡିକର ସଠିକ୍ କ୍ରିୟାନ୍ୱୟନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧିରେ ପୋଲିସର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ବିଜେପିର ୪୭ତମ ପ୍ରତିଷ୍ଠା ଦିବସ

ବୁଗୁଡ଼ା(ନିପ୍ର): ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପଠାରେ ବୁଗୁଡ଼ା ନଗର ବିଜେପି ପକ୍ଷରୁ ଭାରତୀୟ ଜନତା ପାର୍ଟିର ୪୭ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ନଗର ସଭାପତି କେଦାରନାଥ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଦଳର ଆଦର୍ଶ ଓ ସଂଗଠନକୁ ମଜଭୁତ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ମାଣିତରା ମଣ୍ଡଳ ବିଜେପି କାର୍ଯ୍ୟାଳୟ ଏବଂ ପୋଚାଲୁଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବାଲିପଦର ଭାଜପା ମଣ୍ଡଳ ତରଫରୁ ସ୍ଥାପନା ଦିବସ ଅବସରରେ ପତାକା ଉତ୍ତୋଳନ କରାଯାଇଥିଲା। ଦଳର ୪୭ ବର୍ଷର ସଫଳ ଯାତ୍ରା ଏବଂ ଜନସେବା ସମ୍ପର୍କରେ ବକ୍ତାମାନେ ନିଜର ମତ ରଖିଥିଲେ। ଏ ଅବସରରେ ଭାଜପାକୁ ଶକ୍ତିଶାଳି କରିବାକୁ ସମସ୍ତେ ଦୃଢ ସଂକଳ୍ପ କରିଥିଲେ।

# ମଦ ବୋତଲରେ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ ନେଇ ମଦ ବୋତଲରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରାଜେଶ ଦାସ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚ଼ନାଯୋଗ୍ୟ ଯେ, ଗତକାଲି ତା ୦୫.୦୪.୨୦୨୬ ରାତିରେ ଅଭିଯୋଗକାରୀ ଟି. ପ୍ରସାଦ ରାଓ ତାଙ୍କ ପରିଚ଼ିତାଙ୍କ ଘରକୁ ଯାଇ ରାତ୍ରୀଭୋଜନ କରୁଥିବା ବେଳେ ତାଙ୍କ ଭାଇ ଅଭିଯୁକ୍ତ ହଠାତ୍ ପଛରୁ ଏକ ମଦ ବୋତଲ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ, ଯାହା ଫଳରେ ସେ ଗୁରୁତର ଆହତ ହୋଇ ରକ୍ତସ୍ରାବ ହୋଇଥିଲା। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ପୁନର୍ବାର ଭଙ୍ଗା ବୋତଲ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ଚ଼ାଲିଥିଲେ ଏବଂ ଜାତିସୂଚ଼କ ଅଶ୍ଳୀଳ ଭାଷାରେ ଗାଳି ଦେଇ ତାଙ୍କୁ ଅପମାନ କରିବା ସହିତ ଜୀବନଜନିତ ଧମକ ଦେଇଥିଲେ। ତଦନ୍ତରେ ପ୍ରକାଶ ପାଇଛି ଯେ, କଥାକଟାକଟି ସମୟରେ ହଠାତ୍ ଉତ୍ତେଜିତ ହୋଇ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଗୁରୁତର କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏକ ମଦ ବୋତଲ ସାହାଯ୍ୟରେ ଆକ୍ରମଣ କରିଥିଲେ। ଅଭିଯୋଗକାରୀ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ତୁରନ୍ତ ଚ଼ିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ପଚ଼ରାଉଚ଼ରା ସମୟରେ ସେ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ତାଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି।

### ଶ୍ରୀ ଗରୁଡ଼େଶ୍ୱର ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

## ପରିଶ୍ରମ କରି ସୁନାଗରିକ ହେବାକୁ ପରାମର୍ଶ



ବେଲଗୁଣ୍ଠା(ନିପ୍ର): ଗାଙ୍ଗପୁର ଥାନା ଅନ୍ତର୍ଗତ ଝାଡ଼ବନ୍ଧସ୍ଥିତ ଶ୍ରୀ ଗରୁଡ଼େଶ୍ୱର ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ଶିକ୍ଷକ ପ୍ରମୋଦ ବରାଡ଼, ସନ୍ତୋଷ କୁମାର ବିଷୋୟୀ, ଶିକ୍ଷୟିତ୍ରୀ କନ୍ୟା କୁମାରୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ନବମ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ କଠିନ ପରିଶ୍ରମ କରି ଭବିଷ୍ୟତରେ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବାପା ମାଆଙ୍କ କଥା ମାନିବା ସହିତ ସ୍ୱଚ୍ଛ ପରିବେଶ ପ୍ରତି ଯତ୍ନବାନ୍ ହେବା ପାଇଁ ପରାମର୍ଶ ଦେଇଥିଲେ ଓ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କର୍ମଚାରୀ ତୋଫାନ ଚରଣ ସ୍ୱାଇଁ, ଅରୁଣ କୁମାର ସ୍ୱାଇଁ, ବୃନ୍ଦାବନ ଡାକୁଆ, ଶ୍ରୀକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ । ନବମ ଶ୍ରେଣୀରେ ନୂତନ ଭାବେ ଦଶ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ସେମାନଙ୍କୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଫୁଲ, ଚନ୍ଦନ ଦେଇ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ ।

## ସୁନା ଚେନ ଚୋରି, ଘରୋଇ ସହାୟକ ଗିରଫ

ଭୁବନେଶ୍ୱର(ନିପ୍ର): ଅସୁସ୍ଥ ସ୍ୱାମୀଙ୍କ ଯତ୍ନ ନେବା ଲାଗି ଘରେ କାମ କରୁଥିବା ଘରୋଇ ସହାୟକ ସୁଯୋଗ ଦେଖି ଆଲମାରୀକୁ ସୁନା ଚେନ ଚୋରି କରିନେଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତ ଘରୋଇ ସହାୟକକୁ ଗିରଫ କରିଛି। ଗିରଫ ଘରୋଇ ସହାୟକ ଜଣକ ଡି. ବିମଳା ରେଡ୍ଡୀ। ଲକ୍ଷ୍ମୀସାଗର ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରିଣୀ ସ୍ନିଗ୍ଧାରାଣୀ ପଟ୍ଟନାୟକ ତାଙ୍କ ଶଯ୍ୟାଶାୟୀ ସ୍ୱାମୀଙ୍କ ଯତ୍ନ ନେବା ପାଇଁ ଅଭିଯୁକ୍ତା ଡି. ବିମଳା ରେଡ୍ଡୀଙ୍କୁ ଘରୋଇ ସହାୟିକା ଭାବରେ ନିଯୋଜିତ କରିଥିଲେ। ତା ୩୧.୦୩.୨୦୨୬ ରିଖରେ, ଅଭିଯୋଗକାରିଣୀ ଘରୁ ଅଳ୍ପ ସମୟ ପାଇଁ ବାହାରକୁ ଯାଇ ପୁଣି ଫେରିଆସିବା ପରେ ଦେଖିଥିଲେ ଯେ, ଅଭିଯୁକ୍ତା ପରିସ୍ଥିତିର ସୁଯୋଗ ନେଇ ପ୍ରାୟ ୩୦ ଗ୍ରାମ ଓଜନର ସୁନା ଚେନ୍ ଚୋରି କରି ଘରୁ ପଳାଇଯାଇଥିଲେ। ତଦନ୍ତ ସମୟରେ, ଗତକାଲି ତା ୦୫.୦୪.୨୦୨୬ ରିଖରେ ଅଭିଯୁକ୍ତାଙ୍କୁ ତାଙ୍କ ଜନ୍ମସ୍ଥାନ ଗଞ୍ଜାମ ଜିଲ୍ଲାର ଲାଞ୍ଜିପାଲିରୁ ଗିରଫ କରାଯାଇଥିଲା। ପଚ଼ରାଉଚ଼ରା ସମୟରେ ସେ ତାଙ୍କର ଅପରାଧରେ ସମ୍ପୃକ୍ତି ସ୍ୱୀକାର କରିଥିଲେ ଏବଂ ଚୋରି ହୋଇଥିବା ସୁନା ଚେନ୍‌ଟି ପୂର୍ବରୁ ଗଞ୍ଜାମ ଜିଲ୍ଲାର ଆସ୍କାରେ ଜଣେ ବଣିଆଙ୍କୁ ବିକ୍ରି କରିଦେଇଥିବା ପ୍ରକାଶ କରିଥିଲେ। ଅଭିଯୁକ୍ତାଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ତାଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି।

## ହେରୋଇନ ସହ ବାଇକ ଜବତ: ଜଣେ ଗିରଫ



କାକଟପୁର(ନିପ୍ର): ପୁରୀ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ନିମାପଡା ଅବକାରୀ ନିରୀକ୍ଷକ ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଏକ ଟିମ ନିମାପଡା ଅବକାରୀ ରେଞ୍ଜ ଅଧୀନ କାକଟପୁର ୟୁକୋ ବ୍ୟାଙ୍କ ନିକଟରେ ଚଢ଼ାଉ କରି ସ୍ଥାନୀୟ ରସୁଲପୁର ଗ୍ରାମର ଶେଖ ଓକିଲଙ୍କ ପୁଅ ଶେଖ ସାହିଲ (୨୮)କୁ ଗିରଫ କରିଛି। ଏଥିସହିତ ତା ନିକଟରୁ ୨୦୫ ଗ୍ରାମ ହେରୋଇନ, ନଗଦ ୮୦୦ ଟଙ୍କା, ମୋବାଇଲ ଫୋନ ଏବଂ ଏକ ମଟରସାଇକେଲ (ଓଆର ୧୩ ଜି ୪୭୬୦ ) ଜବତ କରିଛନ୍ତି । ଏ ସଂକ୍ରାନ୍ତରେ ଅବକାରୀ ଆଇନ ଅନୁଯାୟୀ ୨୬-୨୭ରେ ଏକ ମାମଲା ରୁଜୁ କରାଯାଇ ଅସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଓଡ଼ିଶା ବାହାର ରାଜ୍ୟର ପୁରୁଣା ବାଣିଜ୍ୟିକ ଗାଡ଼ି ଉପରେ କଟକଣା

## ୧୦ ବର୍ଷରୁ ଅଧିକ ହେଲେ ମିଳିବନି ପରମିଟ

କଟକ(ନିପ୍ର): ଓଡ଼ିଶାରେ ବାହାର ରାଜ୍ୟର ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ି ଉପରେ କଟକଣା। ନୂତନ ପରମିଟ ପ୍ରଦାନ କରାଯିବ ନାହିଁ। ମାଲିକାନା ହସ୍ତାନ୍ତର କିମ୍ବା କୌଣସି କର ଗ୍ରହଣ ଉପରେ ମଧ୍ୟ ଅଙ୍କୁଶ ଲଗାଯିବ। ୧୯ ଜୁଲାଇ ୨୦୨୩ ଏସଟିଏ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ନେଇ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପରିବହନ ବ୍ୟବସ୍ଥାକୁ ଉନ୍ନତ ଏବଂ ଯାତ୍ରୀମାନଙ୍କ ନିରାପତ୍ତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ୧୯ ଜୁଲାଇ ୨୦୨୩ରେ ରାଜ୍ୟ ପରିବହନ ପ୍ରାଧିକରଣର ୩୦୧ତମ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଅନ୍ୟ ରାଜ୍ୟରେ ପଞ୍ଜୀକୃତ ହୋଇଥିବା ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ି ଗୁଡ଼ିକର ଓଡ଼ିଶା ମଧ୍ୟକୁ ପ୍ରବେଶ ଓ ପରିଚାଳନା ଉପରେ କଟକଣା ଲାଗୁ କରାଯାଇଛି । ନିର୍ଦ୍ଧାରିତ ସମୟସୀମା ଅତିକ୍ରମ କରିଥିବା ବାହାର ରାଜ୍ୟର କୌଣସି ବି ବାଣିଜ୍ୟିକ ଗାଡ଼ିକୁ ଓଡ଼ିଶାରେ ଚଳାଚଳ ପାଇଁ ନୂତନ ପରମିଟ ପ୍ରଦାନ କରାଯିବ ନାହିଁ । ଏଥିସହିତ ରାଜ୍ୟର ସମସ୍ତ ଆଂଚଳିକ ପରିବହନ ଅଧିକାରୀ (ଆରଟିଓ) ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଏପରିକି ପୁରୁଣା ଗାଡ଼ିଗୁଡ଼ିକର ଠିକଣା ପରିବର୍ତ୍ତନ ଓ ମାଲିକାନା ହସ୍ତାନ୍ତର କିମ୍ବା କୌଣସି ପ୍ରକାରର ପରିବହନ ଟ୍ୟାକ୍ସ ଗ୍ରହଣ କରାଯାଇପାରିବ ନାହିଁ । ସମସ୍ତ ଆରଟିଓ ଓ ଏଆରଟିଓ ମାନଙ୍କୁ ଏହି ସଂସ୍କାରମୂଳକ ନିଷ୍ପତ୍ତିକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ସଡ଼କ ସୁରକ୍ଷା ମାନଦଣ୍ଡରେ ଉନ୍ନତି ଆସିବ, ସଡ଼କରେ ଅନୁପଯୁକ୍ତ ଗାଡ଼ି ହ୍ରାସ ପାଇବ ଏବଂ ପୁରୁଣା ଗାଡ଼ି ଜନିତ ପ୍ରଦୂଷଣ ମଧ୍ୟ ହ୍ରାସ ହେବ ବୋଲି ବିଭାଗ ଲକ୍ଷ୍ୟ ରଖିଛି ।

# ଧାମନଗର ରାସ୍ତା ପାଲଟିଛି ମରଣଯନ୍ତା

## ଅସଜଡ଼ା ନିର୍ମାଣ ଶୈଳୀ ଓ ବିଳମ୍ବ ଯୋଗୁଁ ଯାଉଛି ଜୀବନ



ଧାମନଗର(ନିପ୍ର): ଧାମନଗର ଛକ ୧୬ ନମ୍ବର ଜାତୀୟ ରାଜପଥରୁ ଧାମନଗର ବଜାର ମାତ୍ର ୯ କିଲୋମିଟର। ଏହି ରାସ୍ତା ଏବେ ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ପାଲଟିଛି। ପୂର୍ତ୍ତ ବିଭାଗର ଚରମ ଅବହେଳା ଏବଂ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ପ୍ରତିଦିନ ଏଠାରେ ରକ୍ତର ଛିଟା ପଡୁଛି। ପ୍ରାୟ ୮ କୋଟି ଟଙ୍କାର ଏହି ପ୍ରକଳ୍ପ ଏବେ ବିପର୍ଯ୍ୟସ୍ତ ପରିବହନ ବ୍ୟବସ୍ଥାର ଏକ କୁତ୍ସିତ ଚିତ୍ର ପ୍ରଦାନ କରୁଛି। ପ୍ରଶସ୍ତିକରଣ ଓ ଉନ୍ନୟନ ନାଁରେ ମାର୍ଚ୍ଚ ମାସ ସୁଦ୍ଧା ସାରିବାକୁ ଥିବା ଏହି କାମ ଏବେ ବି ଅଧପନ୍ତରିଆ ରହିଛି। ଶହ ଶହ ଗଛ କାଟି ରାସ୍ତାର ଉଭୟ ପାର୍ଶ୍ୱକୁ ଖୋଳି ଦିଆଯାଇଛି, ହେଲେ ନିର୍ମାଣର କୌଣସି ଚିହ୍ନବର୍ଣ୍ଣ ନାହିଁ। ବାଲି ବଦଳରେ ବାଲିଆ ମାଟି ଭର୍ତ୍ତିକରି କାମ ସାରିଦେବାର ଅପଚେଷ୍ଟା ଚାଲିଛି। ସବୁଠାରୁ ବିପଜ୍ଜନକ କଥା ହେଉଛି, ରାସ୍ତା ସାରା ବାଲି, ନାଲିଗୋଡ଼ି ଏବଂ ଫ୍ଲାଏ ଆସ୍ ଗଦା ହୋଇ ରହିଥିବାରୁ ଯାନବାହନ ଚଳାଚଳ ପାଇଁ ସ୍ଥାନ ସଂକୁଚିତ ହୋଇପଡ଼ିଛି। ଏହି ଅସଜଡ଼ା ରାସ୍ତା ଯୋଗୁଁ ଦୁଇଟି ବଡ଼ ଦୁର୍ଘଟଣା ଘଟିଛି। ଭଣ୍ଡାରିପଦୀ ଛକ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ସହ ବାଇକର ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣ ନାବାଳକ (ସେକ ଆରମାନ ଓ ସେକ ଆଜମେର)ଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେହିପରି ଅପରାହ୍ନରେ ଧାମନଗର ବଜାର ନିକଟରେ 'ଶ୍ରୀ ଗଣେଶ ଅପେରା'ର ବସ୍ ରାସ୍ତା କଡ଼କୁ ଧସିଯାଇ ଓଲଟି ପଡ଼ିବା ଫଳରେ ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଭାରତୀୟ ସଡ଼କ କଂଗ୍ରେସର ନିୟମ ଅନୁସାରେ ନିର୍ମାଣାଧୀନ ରାସ୍ତାରେ ଟ୍ରାଫିକ ପରିଚାଳନା ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ହେଲେ ଏଠାରେ କାମ ଚାଲିବା ସ୍ଥାନର ୫୦୦ ମିଟର ପୂର୍ବରୁ ସୂଚନା ବୋର୍ଡ ନାହିଁ। ସୁରକ୍ଷା ପାଇଁ ବ୍ୟାରିକେଡ୍ କିମ୍ବା ରିଫ୍ଲେକ୍ଟିଭ୍ କୋନ୍ ମଧ୍ୟ ବ୍ୟବହାର କରାଯାଉନାହିଁ। ରାତିରେ ସଙ୍କେତ ଦେବା ପାଇଁ 'ଫ୍ଲାଗ୍-ମ୍ୟାନ୍' କିମ୍ବା ଆଲୋକ ବ୍ୟବସ୍ଥା ଶୂନ। ଧୂଳି ନ ଉଡ଼ିବା ପାଇଁ ପାଣି ସିଞ୍ଚନ ମଧ୍ୟ କରାଯାଉନାହିଁ, ଯାହା ଦ୍ୱାରା ଦୃଶ୍ୟମାନ ଶକ୍ତି କମି ଦୁର୍ଘଟଣା ଘଟୁଛି। ଏନେଇ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, 'ରାସ୍ତା କାମରେ ହେଉଥିବା ବିଳମ୍ବକୁ ଗମ୍ଭୀରତାର ସହ ନିଆଯାଇଛି। କାମକୁ ତ୍ୱରାନ୍ୱିତ କରିବା ସହ ସୁରକ୍ଷା ନିୟମ ପାଳନ କରିବାକୁ ଠିକାଦାରଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।' ତେବେ ପ୍ରଶ୍ନ ଉଠୁଛି, ଆଉ କେତେ ଜୀବନ ଗଲେ ବିଭାଗର ନିଦ ଭାଙ୍ଗିବ ? କେବଳ କାଗଜ କଲମର ନିର୍ଦ୍ଦେଶ ନୁହେଁ, ବରଂ କ୍ଷେତ୍ରସ୍ତରରେ ମଜଭୁତ କାମ କରିବାକୁ ସାଧାରଣରେ ଦାବି ହେଉଛି। ନଚେତ୍ ଆଗାମୀ ଦିନରେ ଏହା ଏକ ବଡ଼ ଜନଆନ୍ଦୋଳନର ରୂପ ନେବାର ଆଶଙ୍କା ରହିଛି।

## ଓପିଏସସି କାର୍ଯ୍ୟାଳୟ ସମ୍ମୁଖରେ ଡିଗ୍ରୀଧାରୀ ଡାକ୍ତରଙ୍କ ପ୍ରତିବାଦ

କଟକ(ନିପ୍ର): ରାଜ୍ୟରେ ଖାଲି ଥିବା ଡାକ୍ତର ପଦବୀ ପୂରଣ ପାଇଁ ଗତବର୍ଷ ମେ ମାସରେ ଓପିଏସସି ଦ୍ୱାରା ନିଯୁକ୍ତି ପରୀକ୍ଷା ଓ ସାର୍ଟିଫିକେଟରେ ଯୋଗ୍ୟତା ଅର୍ଜନ ସତ୍ତ୍ୱେ ପାସ୍‌ଧାରୀ ଡାକ୍ତରଙ୍କୁ ନିଯୁକ୍ତି ମିଳୁନଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଓପିଏସସି ଦ୍ୱାରା ୫ହଜାର ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ନିଯୁକ୍ତି ପରୀକ୍ଷାରେ ୩ହଜାର ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ଏଥିରୁ ୧ହଜାର ୮୪୦ଜଣ ପ୍ରାର୍ଥୀ ପାସ କରିଥିଲେ। କୃତକାର୍ଯ୍ୟ ହୋଇଥିବା ସମସ୍ତ ଏମବିବିଏକ ଡିଗ୍ରୀଧାରୀ ଡାକ୍ତରଙ୍କ ସାର୍ଟିଫିକେଟ ଯାଂଚ ପରେ ପ୍ରାୟ ୮୨୨ଜଣଙ୍କୁ ନିଯୁକ୍ତି ମିଳିଥିଲା। ଆହୁରି ୧ହଜାର ୧୮ ଜଣଙ୍କୁ ନିଯୁକ୍ତିପତ୍ର ମିଳିପାରିନାହିଁ ବୋଲି ଆନ୍ଦୋଳନରତ ଡାକ୍ତରମାନେ ଅଭିଯୋଗ କରିଛନ୍ତି। ଡ ଗୋବର୍ଦ୍ଧନ ପ୍ରଧାନ, ଡ ତୁଫାନ ସାହୁ, ଡ ଯୋଗେଶ ସାହୁ, ଡ ନିଖିଳ ପ୍ରସାଦ ପ୍ରମୁଖଙ୍କ ନେତୃତ୍ୱରେ ସୋମବାର ଡାକ୍ତରଛାତ୍ରମାନଙ୍କ ଏକ ପ୍ରତିନିଧି ଓପିଏସସି ଚେୟାରମ୍ୟାନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଡିଗ୍ରୀଧାରୀ ଶତାଧିକ ଡାକ୍ତର ଛାତ୍ରମାନେ ସେମାନଙ୍କ ଦାବି ନେଇ ସୋମବାର ମଧ୍ୟାହ୍ନରେ ଓପିଏସସି କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତେବେ ଏ ସଂପର୍କରେ ଓପିଏସସି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

ଦିନଲିପି



# ଏନ୍ଏସଜି ଭାରତର ଅଭେଦ୍ୟ କବଚ: ମୋହନ ଯାଦବ



ଭୋପାଳ, ୬/୪: ମଧ ପ୍ରଦେଶର ମୁଖ୍ୟମନ୍ତ୍ରୀ ଡ଼ଃ ମୋହନଯାଦବ କହିଛନ୍ତି ଯେ, ଯଦିଓ ଆମସଂସ୍କୃତି ଆମକୁ ସମସ୍ତଙ୍କ ସୁଖ କାମନା କରିବାକୁ ଶିଖାଏ, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଶକ୍ତ ନେତୃତ୍ୱରେ ବିଶ୍ୱ ଏହା ମଧ ଜାଣିଛି ଯେ, ଯଦିକେହି ଆମକୁ ଉତ୍ତେଜିତ କରିବେ, ତେବେ ଆମେ ତାଙ୍କୁ ଛାଡ଼ିବୁ ନାହିଁ। ଯିଏ ଯେଭଳି ଭାଷାରେ ବୁଝେ, ତାକୁ ସେହି ଭାଷାରେ ବୁଝାଇବା ଆବଶ୍ୟକ। ସେ କହିଛନ୍ତି ଯେ ଜାତୀୟ ସୁରକ୍ଷା ଗାର୍ଡ (ଏନଏସଜି) ଭାରତର ଅଭେଦ୍ୟ ସୁରକ୍ଷା କବଚ ଅଟେ। ଏନଏସଜି ଥିବାରୁ ଆମର ଆନ୍ତରିକସୁରକ୍ଷା ବ୍ୟବସ୍ଥା ବହୁତ ସୁଦୃଢ଼ ଅଛି। ମୁଖ୍ୟମନ୍ତ୍ରୀ ଡ଼ଃ ଯାଦବସୋମବାର ଭୋପାଳର ଲାଲ ପରେଡ ମୈଦାନରେ ଆୟୋଜିତ ଏନଏସଜି ଶୋରେ ଯୋଗଦେଇ ଏନଏସଜି ଦ୍ୱାରା ମଧପ୍ରଦେଶ ପୋଲିସ ଯବାନମାନଙ୍କ ପାଇଁ ଆୟୋଜିତ ସମଗ୍ର କ୍ଷମତା ବିକାଶ ପ୍ରଶିକ୍ଷଣ ଏବଂ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ସମ୍ବୋଧନ କରିଛନ୍ତି। ସେ କହିଛନ୍ତି ଯେ ଅତିବାଦୀ ଶକ୍ତିମାନେ ଦେଶର ବିକାଶରେ ବଡ଼ବାଧା ଅଟନ୍ତି ଏବଂ ଆମକୁ ସେହିପରି ଶକ୍ତିଙ୍କୁ ଦୃଢ଼ତାର ସହିତ ମୁକାବିଲା କରିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେଗତ କିଛି ସମୟରେ ଦେଶରେ ଘଟିଥିବା ଯେକୌଣସି ଅତିବାଦୀ କିମ୍ବା ଅପ୍ରିୟ ଘଟଣା ଓ ଅସାମାନ୍ୟପରିସ୍ଥିତିରେ ଏନଏସଜି ଗାର୍ଡମାନଙ୍କର ସଦା ସଜାଗ ଉପସ୍ଥିତି ଆମକୁ ଏହା ଅନୁଭବ କରାଇଛି ଯେ, ଏନଏସଜି ଅଛି ବୋଲି ଆମେ ସବୁ ପରିସ୍ଥିତିରେ ସୁରକ୍ଷିତ। ଏନଏସଜି ଦେଶରସୀମା ଭିତରେ ନାଗରିକ ସୁରକ୍ଷାର ଏକ ଦୃଢ଼ ନିଶ୍ଚୟତା ଅଟେ। ଏନଏସଜି ଯବାନମାନେ ନିଜ ଜୀବନରଚିନ୍ତା ନ କରି ରାଷ୍ଟ୍ରର ସୁରକ୍ଷା ପାଇଁ ସଦା ପ୍ରସ୍ତୁତ ରହନ୍ତି।

# ପବିତ୍ର ଝାମୁଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ



କାକଟପୁର,୬/୪(ନିପ୍ର): ବୈଶାଖ ମାସର ପ୍ରଥମ ମଙ୍ଗଳବାର ପଡୁଥିବାରୁ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ଝାମୁଯାତ୍ରା ଅନୁଷ୍ଠିତ ହେବ । ସେଥିପାଇଁ ମା ମଙ୍ଗଳା ମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ଶେଷ ହୋଇଛି । ସୋମବାର ରାତ୍ର ଘ୧.୩୦ମିନିଟ ସମୟରେ ଦ୍ୱାର ଫିଟା, ମଙ୍ଗଳଆଳତି, ସ୍ନାନ ମାର୍ଜନା କରାଯାଇ ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହେବ । ଘ ୩.୩୦ମିନିଟ ସମୟରେ ସୂର୍ଯ୍ୟପୂଜା,, ୪ ଘଟିକା ସମୟରେ ବଲ୍ଲଭ ନୀତି, ଘ ୪. ୩୦ମିନିଟ ସମୟରେ ରାଧାକୃଷ୍ଣ ପତିତପାବନ ମନ୍ଦିରକୁ ବିଜେ, ଘ ୪. ୪୫ ମିନିଟ ସମୟରେ ସକାଳ ଧୂପ ଅନୁଷ୍ଠିତ ହୋଇ ଘ.୫.୩୦ ସମୟରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲାଯିବ । ମଙ୍ଗଳବାର ୧.୩୦ମିନିଟ ରୁ ୨ ଟା ମଧ୍ୟରେ ପାଟୁଆ ମାନେ ପ୍ରାଚୀନଦୀରୁ ଜଳତୋଳି ମା'ଙ୍କ ମନ୍ଦିର ସମ୍ମୁଖରେ ଥିବା ଅଗ୍ନିପୂର୍ଣ୍ଣ ଗର୍ତ୍ତରେ ଖାଲି ପାଦରେ ଚାଲିବେ। ଏହାକୁ ଝାମୁ ଚାଲିବା କୁହାଯାଏ । ପରେ ମଧାହ୍ନ ଧୂପ ଓ ଭଅଣ୍ଡ ଧୂପ କରାଯାଇ ଘ. ୫. ୪୫ ମିନିଟରେ ପହୁଡ଼ କରାଯିବ । ସନ୍ଧ୍ୟା ୬ ଟାରେ ସନ୍ଧ୍ୟା ଆଳତୀ ଓ ରାତ୍ର ୧୦ ଘଟିକାରେ ମା'ଙ୍କୁ ପୁନଃ ବେଶ କରାଯିବାପରେ ମନ୍ଦିର ବେଢାରେ ଓ ବାହାରେ କାଳିକା ନୃତ୍ୟ ଅନୁଷ୍ଠିତ ହେବ । ରାତ୍ର ୧୨ ଘଟିକାରୁ ରାତ୍ର ଧୂପ, ବଡ଼ସିଂହାର ନୀତି ଓ ଭ୍ରମଣୀ ନୀତି ପରେ ମା ଙ୍କ ପହୁଡ଼ ପକାଯିବ । ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଦର୍ଶନ ନିମନ୍ତେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବାସହିତ ମନ୍ଦିରକୁ ବିଭିନ୍ନ ପୁଷ୍ପ ଓ ଆଲୋକମାଳାରେ ସୁ-ସଜ୍ଜିତ କରାଯାଇଛି । ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ନିମାପଡା ଆରକ୍ଷୀ ଉପଖଣ୍ଡ ଅଧିକାରୀଙ୍କ ସମେତ ୨୦ ଜଣ ପୋଲିସ ଅଧିକାରୀ ଓ ୫ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇ ଟ୍ରାଫିକ ନିୟନ୍ତ୍ରଣ କରିବା ସହିତ ମନ୍ଦିର ମଧ୍ୟରେ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ନିୟୋଜିତ ରହିବେ ।

## ଇଗ୍ନୋ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୬/୪(ନିପ୍ର): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ୭ ଏପ୍ରିଲ ୨୦୨୬ ମଙ୍ଗଳବାର ନୂଆଦିଲ୍ଲୀରେ ଏହାର ୩୯ତମ ସମାବର୍ତ୍ତନ ସମାରୋହ ଆୟୋଜନ କରିବ। ଯେଉଁଥିରେ ସ୍ନାତକ ଛାତ୍ରଙ୍କ ଶୈକ୍ଷିକ ସଫଳତା ପାଳନ କରାଯିବ ଏବଂ ବିଭିନ୍ନ ବିଭାଗରେ ସେମାନଙ୍କର ଉତ୍କର୍ଷକୁ ସ୍ୱୀକୃତି ଦିଆଯିବ। ଏହି ସମାରୋହରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ମୁଖ୍ୟ ଅତିଥି ଭାବରେ ସମାବର୍ତ୍ତନ ଭାଷଣ ଦେବେ। ଦିଲ୍ଲୀର ଉପରାଜ୍ୟପାଳ ତରନଜିତ ସିଂହ ସାନ୍ଧୁ ସମ୍ମାନିତ ଅତିଥି ଭାବରେ ଯୋଗଦେବେ।

## ଅଲ୍-ଇଣ୍ଡିଆ ଇଣ୍ଟର-ୟୁନିଭର୍ସିଟି ରଗ୍‌ବି ଚାମ୍ପିଅନସିପ୍

# କିଟ୍ ମହିଳା ଦଳ ଜିତିଲେ ସ୍ୱର୍ଣ୍ଣ ପଦକ



ଭୁବନେଶ୍ୱର, ୬/୪(ନିପ୍ର): ଅଲ୍-ଇଣ୍ଡିଆ ଇଣ୍ଟର-ୟୁନିଭର୍ସିଟି ରଗବି ଚାମ୍ପିଅନସିପ୍ ୨୦୨୬ରେ ଉତ୍କୃଷ୍ଟ ପ୍ରଦର୍ଶନକୁ ଉଜ୍ଜ୍ୱଳ କରିଛନ୍ତି କିଟ୍ ଓ କିସ୍ ଖେଳାଳିମାନେ। ରଗବି ୭ରେ ଉଲ୍ଲେଖନୀୟ ସଫଳତା ସହିତ ଅନୁଷ୍ଠାନ ପାଇଁ ଅତ୍ୟନ୍ତ ଗର୍ବ ଆଣିଥିଲେ। କିଟ୍ ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା। ଯେତେବେଳେ କିଟ୍ ପୁରୁଷ ଦଳ ରୌପ୍ୟ ପଦକ ହାସଲ କରିଥିଲା। ଏହି ସଫଳତା ସହିତ, କିଟ୍ ଏବଂ କିସ୍ ପୁରୁଷ ଏବଂ ମହିଳା ଦଳ ଉଭୟ ଆଗାମୀ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯାହା ବିଶ୍ୱବିଦ୍ୟାଳୟ ରଗବିରେ ସେମାନଙ୍କର ବର୍ଦ୍ଧିତ ପ୍ରାଧାନ୍ୟକୁ ପୁନଃନିର୍ଦ୍ଦିଷ୍ଟ କରିଛି। ପୁରୁଷ ଏବଂ ମହିଳାଙ୍କ ପାଇଁ ଅଲ୍-ଇଣ୍ଡିଆ ଇଣ୍ଟର-ୟୁନିଭର୍ସିଟି ରଗ୍‌ବି ୭ ଏବଂ ୧୫ ଦଶକ ଚାମ୍ପିଅନସିପ୍ ୨୦୨୬ ରାହୁଲ ବୋଷ ରଗବି ଷ୍ଟାଡ଼ିୟମ, କ୍ୟାମ୍ପସ୍ ୧୩, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ ସଫଳତାର ସହିତ ଶେଷ ହୋଇଛି। ସମାପନୀ ସମାରୋହ କିଟ୍ ଏବଂ କିସର କ୍ରୀଡା ଏବଂ ଯୋଗ ମହାନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଗଗନେନ୍ଦୁ ଦାଶଙ୍କ ସ୍ୱାଗତ ଭାଷଣ ସହିତ ଆରମ୍ଭ ହୋଇଥିଲା। ଯିଏ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ସେମାନଙ୍କର ଉତ୍ସାହଜନକ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ।

# ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ ସହ ଅର୍ଥରାଶି ଜରିମାନା

ଭଦ୍ରକ, ୬/୪(ନିପ୍ର): ହାଟଡିହି ଜ.ଏମ. ଏଫ. ସି ଅଦାଲତର ବିଚାରପତି ଜିଆର କେସ ନଂ - ୪୬୦/ ୨୦୧୦ ମାମଲାର ବିଚାର କରି ରାୟ ପ୍ରଦାନ କରିଛନ୍ତି । ନନ୍ଦୀପଦା ଥାନା ଅଧୀନ ନୂଆରମ୍ଭାସ ଅଞ୍ଚଳର ୧୭.୧୦.୨୦-୧୦ରେ ଏହି କେସର ଏତଲାକରି ମହେଶ୍ୱର ସୂତାରଙ୍କର ଭାଇ ଲକ୍ଷ୍ମଣ ସୂତାରଙ୍କୁ କେସର ମୁଦାଲାମାନେ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେଥିପାଇଁ ନନ୍ଦିପଦା ଥାନାରେ ପି.ଏସ କେସ ନଂ - ୭୧/୨୦୧୦ ଆଧାରରେ ଏକ ମାମଲା ରୁଜୁ ହୋଇ କୋର୍ଟରେ ବିଚରାଧୀନ ଥିଲା। ଅଦାଲତ ସମସ୍ତ ସାକ୍ଷୀ ପ୍ରମାଣ ଏବଂ ଆହାତ ରିପୋର୍ଟକୁ ଭିତ୍ତିକରି ଅଭିଯୁକ୍ତକୁ ଭାରତୀୟ ଦଣ୍ଡବିଧାନ ଆଇନର ଧାରା ୩୪୧,୩୨୩,୩୨୫ ଅନୁସାରେରେ ଦଣ୍ଡ ପ୍ରଦାନ କରିଛନ୍ତି। ଧାରା -୩୪୧ ଅନୁସାରେ ଦୋଷୀକୁ ୫୦୦ ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ୭ ଦିନ ସରଳ ଜେଲ ଦଣ୍ଡ ଏବଂ ଧାରା - ୩୨୩ ଅନୁସାରେ ଦୋଷୀକୁ ୧ ବର୍ଷ ଦଣ୍ଡା ଦେଶ ସହିତ ୧୦୦୦ ଟଙ୍କା ଜୋରିମାନା ଓ ଜୋରିମାନା ଅନା ଦେୟେ ୧୦ ଦିନ ସରଳ କାରାଦଣ୍ଡାଦେଶ ଏବଂ ଧାରା - ୩୨୫ ଅନୁସାରେ ଦୋଷୀକୁ ୨ ବର୍ଷ କାରାଦଣ୍ଡ ସହିତ ୫୦୦୦ ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ୩୦ ଦିନ ସରଳ କାରାଦଣ୍ଡଦେଶ ପ୍ରଦାନ କରିଛନ୍ତି । ଅଦାଲତ ସମସ୍ତ ୩ ବର୍ଷ ଦଣ୍ଡ ଓ ଜରିମାନାକୁ ଏକା ସମୟରେ ପୈଠ କରିବାକୁ ରାୟ ପ୍ରଦାନ କରିଛନ୍ତି ।

## କାଶୀନଗର ବ୍ଲକରେ ଚାରିଟିକିଆ ହାତୀପଲ



କାଶୀନଗର, ୬/୪(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ବୁଦୁରା ପଞ୍ଚାୟତର ଓ୍ୱାନା ଓ ଗୌରୀ ଗ୍ରାମ ମଧ୍ୟରେ ଗତ କାଲିଠାରୁ ପୁଣି ଥରେ ଆନ୍ଧ୍ର ପ୍ରଦେଶର ଚାରିଟିକିଆ ହାତୀ ପଲ ବଂଶଧାରା ନଦୀ ପାର ହୋଇ ବିଚରଣ କରୁଛନ୍ତି। ଏହି ଚାରିଟିକିଆ ହାତୀ ପଲ ବର୍ତ୍ତମାନ ଏକ ବାଉଁଶ ଜଙ୍ଗଲ ମଧ୍ୟରେ ରହି ଖାଦ୍ୟ ଅନ୍ୱେଷଣ କରୁଛନ୍ତି। ଗ୍ରାମବାସୀମାନେ ଏହି ହାତୀ ପଲକୁ ଦେଖି ଭୟଭୀତ ହୋଇ ରହୁଛନ୍ତି। ସ୍ଥାନୀୟ ଫରେଷ୍ଟର ବଳରାମ ଶବରଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ବର୍ତ୍ତମାନ ହାତୀପଲର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

# ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା

ଭୁବନେଶ୍ୱର, ୬।୪(ନିପ୍ର): ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା କରାଯାଇଛି । ଅନୁଗୁଳ- ବଶିଷ୍ଠ ନାୟକ (ଅଧ୍ୟକ୍ଷ), ସୁରୁମଣି ଛତର (ଉପାଧ୍ୟକ୍ଷ), ବଲାଙ୍ଗିର- ବଲ୍ଲଭ ଧରୁଆ ( ଅଧ୍ୟକ୍ଷ), ଜୟନ୍ତୀ ଭୋଇ(ଉପାଧ୍ୟକ୍ଷ), ବାଲେଶ୍ୱର- ବିପିନ ମାରାଣ୍ଡି (ଅଧ୍ୟକ୍ଷ), ଝରଣା ସିଂ (ଉପାଧ୍ୟକ୍ଷ), ବରଗଡ଼- ଗୋବର୍ଦ୍ଧନ ଭୋଏ ( ଅଧ୍ୟକ୍ଷ), ତିଳୋତ୍ତମା ଭୁଏ (ଉପାଧ୍ୟକ୍ଷ), ବୌଦ୍ଧ- ଡମରୁ ଧର କହଁର (ଅଧ୍ୟକ୍ଷ), ଝରଣା ଜାନି(ଉପାଧ୍ୟକ୍ଷ), ଦେବଗଡ଼- ପ୍ରଶାନ୍ତ ବେହେରା (ଅଧ୍ୟକ୍ଷ), ପ୍ରମିଳା କିଶାନ (ଉପାଧ୍ୟକ୍ଷ), ଢେଙ୍କାନାଳ- ନାଉରିସିଂ (ଅଧ୍ୟକ୍ଷ), ସେବତୀ ଭୋଇ (ଉପାଧ୍ୟକ୍ଷ), ଗଜପତି- କାମଦେବ ବଡ଼ନାୟକ (ଅଧ୍ୟକ୍ଷ), ପଙ୍କଜିନୀ ଦଳାଇ (ଉପାଧ୍ୟକ୍ଷ), ଗଞ୍ଜାମ- ନୀଳମାଧବ ପାତ୍ର(ଅଧ୍ୟକ୍ଷ), ଲଳିତା ପ୍ରଧାନ (ଉପାଧ୍ୟକ୍ଷ), ଯାଜପୁର- ରାଜେନ୍ଦ୍ର କାନ୍ଦୁଲିଆ (ଅଧ୍ୟକ୍ଷ), ଶାନି ଜରିକା (ଉପାଧ୍ୟକ୍ଷ), ଝାରସୁଗୁଡ଼ା- ସାମଲ ନାଏକ (ଅଧ୍ୟକ୍ଷ), ସଂଯୁକ୍ତା ଓରାମ (ଉପାଧ୍ୟକ୍ଷ), କଳାହାଣ୍ଡି- ବିଜୟ ଦିଶାରୀ(ଅଧ୍ୟକ୍ଷ), ରୀନା ଭୋଇ(ଉପାଧ୍ୟକ୍ଷ), କନ୍ଧମାଳ- ମାନଗୋବିନ୍ଦ ପ୍ରଧାନ (ଅଧ୍ୟକ୍ଷ), କଳ୍ପନା କହଁର (ଉପାଧ୍ୟକ୍ଷ), କେନ୍ଦୁଝର- ମମିତା ନାଏକ(ଅଧ୍ୟକ୍ଷ), ମାନସ ନାଏକ (ଉପାଧ୍ୟକ୍ଷ), କୋରାପୁଟ- ଭଗବାନ ମୁଦୁଲି (ଅଧ୍ୟକ୍ଷ), ସୁକାନ୍ତୀ ମାଝୀ (ଉପାଧ୍ୟକ୍ଷ), ମାଲକାନଗିରି- ଗଙ୍ଗାଧର ସୋଡ଼ି(ଅଧ୍ୟକ୍ଷ), ସାବିତ୍ରୀ ପଡ଼ିଆମି (ଉପାଧ୍ୟକ୍ଷ), ମୟୂରଭଞ୍ଜ- ବୁଧାନ ମୁର୍ମୁ (ଅଧ୍ୟକ୍ଷ), କୌଶଲ୍ୟା ନାଏକ (ଉପାଧ୍ୟକ୍ଷ), ନବରଙ୍ଗପୁର- ବାସନ୍ତୀମାଝି (ଅଧ୍ୟକ୍ଷ), ଲିଙ୍ଗରାଜ ଭତ୍ରା (ଉପାଧ୍ୟକ୍ଷ), ନୟାଗଡ଼- ତ୍ରିନାଥ ମଲ୍ଲିକ (ଅଧ୍ୟକ୍ଷ), ସମିତା ଦେହୁରୀ (ଉପାଧ୍ୟକ୍ଷ), ନୂଆପଡ଼ା- ହୋମେସିଂମାଝୀ (ଅଧ୍ୟକ୍ଷ), ବେଲାମତି ମାଝୀ (ଉପାଧ୍ୟକ୍ଷ), ରାୟଗଡ଼ା- ବିଦ୍ୟାଧର ଶବର (ଅଧ୍ୟକ୍ଷ), ମଞ୍ଜୁଳା ମିନିଆକା (ଉପାଧ୍ୟକ୍ଷ), ସମ୍ବଲପୁର- ଭଗିନ୍ଦ୍ର କିଶାନ(ଅଧ୍ୟକ୍ଷ), ସୁଷମା ମୁଣ୍ଡା(ଉପାଧ୍ୟକ୍ଷ), ସୁନ୍ଦରଗଡ଼- ସନ୍ତୋଷ ଅମାତ (ଅଧ୍ୟକ୍ଷ) ଓ ଗାଙ୍ଗି କିଣ୍ଡୋ (ଉପାଧ୍ୟକ୍ଷ) ।

# କେଲୁଣି ପୀଠର ବିକାଶ ପାଇଁ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଦାବି

ପୁରୀ, ୬/୪(ନିପ୍ର: )ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଶିଶୁଅ ପଂଚାୟତର କେଉଟଜଙ୍ଗା ଗ୍ରାମ ସନ୍ନିକଟ ପ୍ରାଚୀ, କାଦୁଆ ମହୋଦଧିର ପବିତ୍ର ମିଳନ ସ୍ଥଳ କେଲୁଣୀ ପୀଠରେ ଚଇତି ପର୍ବ ପାଳନ ଅବସରରେ ରାଜ୍ୟ ସ୍ତରୀୟ ଚୈତାଳୀ କବିତା ଆସର ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀ ଭାବେ ଅବସରପ୍ରାପ୍ତ ନୌସେନା ଅଧିକାରୀ ତଥା ପ୍ରାଚୀ ପୁନଃଉଦ୍ଧାର ପାଇଁ ଅହରହ ସଂଗ୍ରାମ ଜାରି ରଖିଥିବା କାକଟପୁର ମାଟିର ସନ୍ତାନ ବିଦ୍ୟାଧର ନାୟକ,ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧାର ଜଗନ୍ନାଥ ସଂସ୍କୃତି ଗବେଷକ,ପବଚ୍ଚକ ତଥା ଇଂରାଜୀ ପ୍ରଫେସର ଡ.ଗୁରୁ ପ୍ରସାଦ ମହାପାତ୍ର , ପ୍ରାଚୀଧାରା, ଇତିହାସାୟନ, ହିମାଳୟ ଭଳି ପୁସ୍ତକର ମୁଖ୍ୟ ସଂପାଦକ ତଥା କାକଟପୁର ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ୍ ଅଧ୍ୟକ୍ଷ ସନ୍ତୋଷ କୁମାର ମିତ୍ର,ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରକ୍ତନ୍ ସଂସ୍କୃତ ଶିକ୍ଷକ ତଥା ବିଶିଷ୍ଟ କବି ଓ ଲେଖକ ଶ୍ରୀଯୁକ୍ତ କାଳନ୍ଦୀ ଚରଣ ଛାଟୋଇ, ସମ୍ବାଦ ସାହିତ୍ୟ ଘର, ଅସ୍ତରଙ୍ଗ ବ୍ଲକର ଉପ-ସଭାପତି ତଥା କବି ରବିନ୍ଦ୍ର ମହାନ୍ତି, ସଂଗୀତ ନିର୍ଦ୍ଦେଶକ ତଥା ଗୀତିକାର ମନୋଜ ମିଶ୍ର,ଶିଶୁଅ ପଂଚାୟତର ପ୍ରଥମ ସରପଞ୍ଚ ରମେଶ ଦଳେଇଙ୍କ ସମେତ ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ଭାରତକୁ ଇନ୍ଧନ ଗ୍ୟାସ ଓ ତୈଳ ଯୋଗାଉଥିବା ନାବିକ ସାର୍ଥକ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ମନ୍ତ୍ରୀ ନିଷ୍ପତ୍ତି ନେବାରେ ବିଫଳ: ତାରା ବାହିନୀପତି

ଭୁବନେଶ୍ୱର, ୬/୪(ନିପ୍ର): ୫ କେଜି ଗ୍ୟାସ ସିଲିଣ୍ଡର ନେଇ ମନ୍ତ୍ରୀଙ୍କ ବୟାନକୁ ନେଇ ସାମ୍ବାଦିକ ସମ୍ମିଳନୀ କରି ସମାଲୋଚନା କରିଛି କଂଗ୍ରେସ। କଂଗ୍ରେସ ବିଧାୟକ ତାର ପ୍ରସାଦ ବାହିନୀପତି କହିଛନ୍ତି ରାଜ୍ୟ ସରକାରଙ୍କ ମନ୍ତ୍ରୀ ନିଷ୍ପତ୍ତି ନେବାରେ ବିଫଳ। ଆଜି ଗୋଟିଏ ନିଷ୍ପତ୍ତି ନେଉଛନ୍ତି ପରେ ନିଷ୍ପତ୍ତିକୁ ପରିବର୍ତ୍ତନ କରୁଛନ୍ତି। ବିଭିନ୍ନ ପ୍ରସଙ୍ଗରେ ମନ୍ତ୍ରୀ ବୟାନ ଦେଇ ପୁଣି ଫିଙ୍ଗିଲା ଛେପ ଚାଟୁଛନ୍ତି। ନିଷ୍ପତ୍ତି ନେଉଛନ୍ତି ଭିତିରିଆ କିଛି ସେଟିଙ୍ଗ ହେଲେ ପୁଣି ନିୟମ ପରିବର୍ତ୍ତନ କରିଦେଉଛନ୍ତି। ମନ୍ତ୍ରୀ ନିଜେ ନ କହି କମିଶନର ଏବଂ ସଚିବଙ୍କ ପାଟିରେ କୁହାଉଛନ୍ତି।

# ରେଳବାଇର ୭.୭୭% ରାଜସ୍ୱ ଅଭିବୃଦ୍ଧି



ଭୁବନେଶ୍ୱର, ୬/୪(ପିଆଇବି): ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ସ୍କ୍ରାପ୍ ବିନିଯୋଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯାହା ଏହାର ସର୍ବକାଳୀନ ସର୍ବାଧିକ ୨୯୦.୨୨ କୋଟି ରାଜସ୍ୱ ଆଦାୟ ରେକର୍ଡ। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳବାଇ ବୋର୍ଡର ୨୬୦ କୋଟି ଲକ୍ଷ୍ୟ ଠାରୁ ୩୦.୨୨ କୋଟି ଅଧିକ ଓ ୧୧.୬୨% ବୃଦ୍ଧି ଅଟେ । ଏହି ସଫଳତା ପୂର୍ବ ବର୍ଷର ପ୍ରାୟ ୨୬୯.୩ କୋଟି ଟଙ୍କାର ସର୍ବୋତ୍ତମ ସ୍କ୍ରାପ୍ ନିଷ୍କାସନ ରାଜସ୍ୱ ତୁଳନାରେ ୭.୭୭% ବୃଦ୍ଧିକୁ ଦର୍ଶାଉଛି, ଯାହା ସମ୍ବଳ ସଂଗ୍ରହ ଏବଂ ଦକ୍ଷ ପରିଚାଳନାରେ ଏହି ଜୋନର ନିରନ୍ତର ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି । 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅଧୀନରେ ଡିଭିଜନ, କର୍ମଶାଳା ଏବଂ ଲୋକୋ ସେଡ୍‌ଗୁଡ଼ିକରେ ନିରନ୍ତର ଓ କେନ୍ଦ୍ରିତ ଭାବେ ଚାଲିଥିବା ସ୍ୱଚ୍ଛତା ଅଭିଯାନର ଫଳସ୍ୱରୂପ ଏହି ସଫଳତା ହାସଲ ହୋଇଛି। ଏହି ପଦକ୍ଷେପଗୁଡ଼ିକ କେବଳ ରାଜସ୍ୱ ବୃଦ୍ଧିକୁ ତ୍ୱରାନ୍ୱିତ କରିନାହିଁ, ବରଂ ସ୍ୱଚ୍ଛ ପରିବେଶ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ପରିଚାଳନାଗତ କାର୍ଯ୍ୟକୁଶଳତା ବୃଦ୍ଧିରେ ମଧ ଉଲ୍ଲେଖନୀୟ ଭାବେ ସହାୟକ ହୋଇଛି। ଏହି ସଫଳତା ସମସ୍ତ ବିଭାଗ ଓ ଡିଭିଜନ ଗୁଡିକର ସମନ୍ୱିତ ପ୍ରୟାସ ସହିତ କ୍ଷେତ୍ରସ୍ତରୀୟ ୟୁନିଟ୍ ଏବଂ ମୁଖ୍ୟାଳୟରେ ଷ୍ଟୋର୍ସ ବିଭାଗର ଉତ୍ସର୍ଗୀକୃତ କାର୍ଯ୍ୟର ଏକ ସ୍ପଷ୍ଟ ପ୍ରମାଣ ଅଟେ।

# ମିଳୁନାହିଁ ରନ୍ଧନ ଗ୍ୟାସ ସିଲିଣ୍ଡର ହାତବାନ୍ଧି ବସିଛନ୍ତି ଜଳଖିଆ ଦୋକାନୀ



ଜୟପୁର, ୬/୪: ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ଏବେ ସବୁଠି ଦେଖିବାକୁ ମିଳିଛି । ସବୁ କ୍ଷେତ୍ରରେ ଦେଖିବାକୁ ମିଳିଛି । ଦିଲ୍ଲୀଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଯୁଦ୍ଧର ପ୍ରଭାବ । କେଉଁଠି ଖାଦ୍ୟ ସାମଗ୍ରୀ ହେଉ ତ କେଉଁଠି ଗ୍ୟାସ , ସବୁଠାରେ ଯୁଦ୍ଧର ପ୍ରଭାବ ଲକ୍ଷ୍ୟ କରାଯାଇଛି । ମୁଖ୍ୟତଃ ଏହି ପ୍ରଭାବ ରନ୍ଧନ ଗ୍ୟାସ ଉପରେ ପଡ଼ିଛି। ବିଶେଷକରି ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ଏବେ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଛି । କୋରାପୁଟ ଜିଲା ଜୟପୁର ସହର କିମ୍ବା ଗ୍ରାମାଞ୍ଚଳରେ ଗ୍ୟାସ୍ ସିଲିଣ୍ଡର୍ ମିଳୁ ନଥିବାରୁ ଅନେକ ଜଳଖିଆ ଦୋକାନୀ ହାତବାନ୍ଧି ବସିଛନ୍ତି । ବିଭିନ୍ନ ସ୍ଥାନରୁ ଏହି ସହରକୁ ଆସୁଥିବା ଲୋକମାନେ ବିଶେଷ ହଇରାଣ ହେଉଛନ୍ତି । ରନ୍ଧନ ଗ୍ୟାସ ସଙ୍କଟ କାରଣରୁ ରାଜ୍ୟର ଅଧିକାଂଶ ସହରରେ ଥିବା ଜଳଖିଆ ଦୋକାନ ବନ୍ଦ ରହିଛି । ରନ୍ଧନ ଗ୍ୟାସ୍ ଅଭାବ ପାଇଁ ଏବେ ଅନେକ ଜଳଖିଆ ଦୋକାନରେ ବେପାର ଠପ୍ ହୋଇଯାଇଛି । ଏବେ ଜଳଖିଆ ଦୋକାନ ବନ୍ଦ ରହୁଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମାତ୍ର ଯେଉଁ କେତୋଟି ଜଳଖିଆ ଦୋକାନ ଖୋଲା ରହୁଛି ସେଠାରେ ପ୍ରବଳ ଗହଳି ହେଉଛି । ଗ୍ୟାସ୍ ସିଲିଣ୍ଡର୍ ଅଭାବ ପାଇଁ କେବଳ ସହର ଭିତରର ଜଳଖିଆ ଦୋକାନ ବନ୍ଦ ରହୁଛି ତାହା ନୁହେଁ ବରଂ କିଛି ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ରହିଛି । ଅନ୍ୟପଟରେ କୋରାପୁଟ ଜିଲାକୁ ଆସୁଥିବା ପର୍ଯ୍ୟଟକ ମାନେ ମଧ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମିତିକି ହୋଟେଲ ଓ ଜଳଖିଆ ଦୋକନରେ ଥିବା ମେନୁକୁ ମଧ ପରିବର୍ତ୍ତନ କରିସାରିଲେଣି ଅନେକ ମାଲିକ । ସରକାର ବାରମ୍ବାର ଗ୍ୟାସର ଅଭାବ ନଥିବା କହୁଛନ୍ତି, ମାତ୍ର ଅନେକ ଜଳଖିଆ ଦୋକାନୀ ଓ ହୋଟେଲ ମାନଙ୍କରେ ଗ୍ୟାସ ସରିଯିବାରୁ ବ୍ଲାକରେ ୩୦୦୦ରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ ଦେଇ କିଣିବାକୁ ବାଧ ହେଉଛନ୍ତି । ପ୍ରତ୍ୟେକ ଦିନ ବହୁ ମାତ୍ରାରେ ଗ୍ୟାସ ସିଲିଣ୍ଡର ରାଜ୍ୟର ବିଭିନ୍ନ ସ୍ଥାନର କଳାବଜାରୀଙ୍କ ଠାରୁ ଜବତ କରାଯାଉଛି ମାତ୍ର ଗ୍ୟାସର ଅଭାବ ସେହିଭଳି ଲାଗିରହିଛି । ଅନେକ ଉଠାଦୋକାନୀ ବାଧ ହୋଇ ବ୍ୟବସାୟ ବନ୍ଦ କରି ନିଜ ଗାଁକୁ ମଧ ପଳାଇଯାଉଥିବା ଦେଖିବାକୁ ମିଳୁଛି ।

10001/18/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR 10001/10003/2/26-27/0001

Printed and Published by Arun Kumar Dash on behalf of M/s SURYO MEDIA PVT. LIMITED and Printed at M/s SURYO MEDIA PVT. LIMITED, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ